

ଆସିବ 'ଥ୍ରୀ ଇଡିଅଟ୍‌ସ'ର ସିକ୍ୱେଲ୍

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-166 ◆FRIDAY ◆12 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୬ ◆ଶୁକ୍ରବାର ◆୧୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**୩ ଡିଗ୍ରୀକୁ ଖସିଲା ପାରଦ**

# ସଞ୍ଜୀ ନଇଁଲେ ଶୀତ ରାଜୁତି

## ୧୦ ଡିଗ୍ରୀ ତଳେ ରାଜ୍ୟର ୧୬ ସହରର ତାପମାତ୍ରା

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଘ ମାସ ନୁହେଁ, ଏଥର ଶେଷ ମାର୍ଗଶିରରେ ଶୀତ ଆସିଛି ବାଘ ପରି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଖସିଛି ପାରଦ। ସାରା ରାଜ୍ୟକୁ କଲବଲ କରୁଛି ଅସହ୍ୟ ଥଣ୍ଡା। ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଛି। ଫଳରେ ଗତ ୨୪ ଘଣ୍ଟାରେ ରାଜ୍ୟରେ ତାପମାତ୍ରା ୩ ଡିଗ୍ରୀକୁ ଖସିଥିବା ବେଳେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବାର ସମ୍ଭାବନା ସୃଷ୍ଟି ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ସେମିଳିଗୁଡ଼ାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏଠାରେ ପାରଦ ୩.୫ ଡିଗ୍ରୀକୁ ଖସିଛି। ସେହିପରି ଜି. ଉଦୟଗିରିର ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହ ଫୁଲବାଣୀରେ ୫.୨ ଡିଗ୍ରୀ, ରାଉରକେଲାରେ ୬.୬ ଡିଗ୍ରୀ, ଝାରସୁଗୁଡାରେ ୬.୮ ଡିଗ୍ରୀ, ଦାରିଙ୍ଗବାଡିରେ ୭ ଡିଗ୍ରୀ, ଖସିବା ସହ ଆଜି ମୋଟ୍ ୧୬ ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ଏହାଠାରୁ ତଳେ ରହିଛି। ଟ୍ୱିନ ସିଟିରେ ମଧ୍ୟ ତାପମାତ୍ରା ୧୧ ଡିଗ୍ରୀକୁ ଖସିଛି। କଟକରେ ତାପମାତ୍ରା

▶ ଆହୁରି ପନ୍ଦର ଦିନ ପର୍ଯ୍ୟନ୍ତ ଜାରିରହିବ ସମାନ ସ୍ଥିତି

▶ ଏବେ ସୁଦ୍ଧା ୯ ଦିନରେ ପହଞ୍ଚିଲାଣି ଶୀତ ଲହରୀ

▶ ୧୧ରେ ପହଞ୍ଚିଲା ଦ୍ୱୈତନଗରୀର ସର୍ବନିମ୍ନ ତାପମାତ୍ରା

ଭବାନୀପାଟଣାରେ ୮ ଡିଗ୍ରୀ, ଅନୁଗୁଳରେ ୮ ଡିଗ୍ରୀ, ନବରଙ୍ଗପୁରରେ ୮.୬ ଡିଗ୍ରୀ, ବଲାଙ୍ଗିରରେ ତାପମାତ୍ରା ୯.୩ ଡିଗ୍ରୀ, ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଏହି ତାପମାତ୍ରା ସହ ଚଳିତ ବର୍ଷ ପ୍ରଥମ ଥର ପାଇଁ ପାରଦ ୩ ଡିଗ୍ରୀକୁ ୧୧.୬ ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୮ ଡିଗ୍ରୀରେ ପହଞ୍ଚିଛି। ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହୁଥିବା ବେଳେ ଅନେକ ଜିଲ୍ଲାରେ ଶୀତଲହରୀ ସମ ପରିସ୍ଥିତି ସୃଷ୍ଟି ହୋଇଛି। ଦିନରେ ତାପମାତ୍ରା ସ୍ୱାଭାବିକ ▶ପୃଷ୍ଠା-୭

## ଦାରିଙ୍ଗବାଡ଼ିରେ ତୁଷାରପାତ



ଜାଡ଼ରେ ଥରୁଛି କନ୍ଧମାଳ

ଶିମିଳିପାଳରେ ପୁଣି ୩ ଡିଗ୍ରୀ

■ ଦାରିଙ୍ଗବାଡ଼ି/ଜି.ଉଦୟଗିରି/ବାରିପଦା/ରାଇରଙ୍ଗପୁର, ୧୧।୧୨ (ସମିସ): ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଥିବା ବେଳେ ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଗୁରୁବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ଦେଖିବାକୁ ମିଳିଛି। ଗୁରୁବାର ସକାଳୁ ଦାରିଙ୍ଗବାଡିସ୍ଥିତ ଡଃ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖ ପାଣିଟାଙ୍କି ନିକଟ ଏବଂ ଆଭ୍ୟନ୍ତରୀଣ ଇଲାକାରେ ତୁଷାରପାତ ହୋଇଥିବା ଦେଖାଯାଇଛି। ଚଳିତବର୍ଷର ପ୍ରଥମ ତୁଷାରପାତକୁ ଦେଖି ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଗୁରୁବାର ▶ପୃଷ୍ଠା-୭

## ୫ ରାଜ୍ୟରେ ଏସ୍‌ଆଇଆର ଅବଧି ବୃଦ୍ଧି

■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଛି। କେରଳକୁ ବାଦ୍ ଦେଲେ ବାକି ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର୍‌ର ଫର୍ମ ଜମା କରିବାର ଶେଷ ତାରିଖ ଆଜି ଅର୍ଥାତ ଗୁରୁବାର ରହିଥିଲା। ନିର୍ବାଚନ କମିସନ ଗୁରୁବାର ଫର୍ମ ଡିଜିଟାଇଜେସନ ଓ ଜମା କରିବାର ପ୍ରକ୍ରିୟା ନେଇ ସମୀକ୍ଷା କରିବା ସହିତ ୫ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍‌ର ସମୟସୀମା ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଣ୍ଡାମାନ- ନିକୋବରରେ ଡିସେମ୍ବର ୧୮ ପର୍ଯ୍ୟନ୍ତ ଏସ୍‌ଆଇଆର ଫର୍ମ ପୂରଣ କରାଯାଇପାରିବ। ସେହିପରି ଉତ୍ତରପ୍ରଦେଶରେ ଡିସେମ୍ବର ୨୬, ଗୁଜରାଟ ଓ ତାମିଲନାଡୁରେ ଡିସେମ୍ବର ୧୪ ପର୍ଯ୍ୟନ୍ତ ଫର୍ମ ପୂରଣ କରାଯାଇପାରିବ।

**ପଶ୍ଚିମ ବଙ୍ଗ ଅବଧିରେ ପରିବର୍ତ୍ତନ ନାହିଁ**

ନିର୍ବାଚନ କମିସନ ସୂଚନା ଦେଇଛନ୍ତି ଯେ ଗୋଆ, ପୁଡୁଚେରୀ, ଲାକ୍ଷାଦୀପ, ରାଜସ୍ଥାନ ଓ ପଶ୍ଚିମବଙ୍ଗରେ ସମୟସୀମା ଗୁରୁବାର ହିଁ ଶେଷ ହୋଇଛି ଓ ଏହାର ଚୂଡାନ୍ତ ଭୋଟର ତାଲିକା ଡିସେମ୍ବର ୧୬ରେ ପ୍ରକାଶ ▶ପୃଷ୍ଠା-୭

### ଅରୁଣାଚଳରେ ୧୦୦୦ ଫୁଟ୍ ଖାଇକୁ ଖସିଲା ଟ୍ରକ୍

## ୨୨ ମୃତ, ୧୮ ମୃତଦେହ ଉଦ୍ଧାର



■ ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଅଞ୍ଜା ଜିଲ୍ଲାର ହାୟୁଲିଆଙ୍ଗ ଅଞ୍ଚଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ୍ ୧୦୦୦ ଫୁଟ ଖାଇକୁ ଖସିଯିବାରୁ ଡ୍ରାଇଭର ଓ କ୍ଲିନରଙ୍କ ସମେତ ମୋଟ୍ ୨୧ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୮ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଜଣେ ବ୍ୟକ୍ତି ଦୁଇଦିନ ପରେ ସେନା ଶିବିରରେ ପହଞ୍ଚିବା ପରେ ଏହି ଖବର ସାମନାକୁ ଆସିଛି। ସୂଚନା ଅନୁସାରେ ଦୁର୍ଘଟଣା ଗତ ୮ ତାରିଖରେ ଘଟିଥିଲା। ବର୍ତ୍ତିଯାଇଥିବା ଶ୍ରମିକ ଜଣକ କୌଣସି ପ୍ରକାର ଚାଲିଚାଲି ୧୦ ତାରିଖ ରାତିରେ ଚିପରା ସିଆରପିଏଫ୍ କ୍ୟାମ୍ପରେ ପହଞ୍ଚିଥିଲେ। ଖବର ମିଳିବା ପରେ ସେନାର ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳକୁ ଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଖୋଜିବା ପାଇଁ ସେନାକୁ ୪ ଘଣ୍ଟା ସମୟ ଲାଗିଥିଲା। ଉଦ୍ଧାର କାର୍ଯ୍ୟରେ ସେନାକୁ କଷ୍ଟକର ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ୧୮ ଜଣଙ୍କ ମୃତଦେହକୁ ଦଉଡି ସାହାଯ୍ୟରେ ଉପରକୁ ଅଣାଯାଉଛି। ଘଟଣାସ୍ଥଳରେ ମେଡିକାଲ ଟିମ୍, ଜିଆରଇଏଫ୍ ପ୍ରତିନିଧି, ସ୍ଥାନୀୟ ପୁଲିସ ଓ ଏନ୍‌ଡିଆରଏଫ୍ ଟିମ୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ମୃତ ଶ୍ରମିକମାନଙ୍କ ମିଳିନାହିଁ।

**ନାଗରିକତା ସଂଶୋଧନ**

# ଓଡ଼ିଶାର ୩୫ ଜଣଙ୍କୁ ମିଳିଲା ନାଗରିକତ୍ୱ

■ ଭୁବନେଶ୍ୱର, ୧୧।୧୨ (ସମିସ): ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁ ମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି। ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭

**ମାଲକାନଗିରି ଗୋଷ୍ଠୀ ସଂଘର୍ଷ**

## ତଥ୍ୟ ଅନୁଧ୍ୟାନ ପାଇଁ ନବୀନଙ୍କ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୧।୧୨ (ସମିସ): ମାଲକାନଗିରି ହିଂସାକାଣ୍ଡ ଓ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ବିଜେଡି ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଠନ କରାଯାଇଥିବା ଏହି ତଥ୍ୟ ଅନୁସନ୍ଧାନ କମିଟି ମାଲକାନଗିରି ଯାଇ ସେଠାରେ ତଥ୍ୟ ଅନୁଧ୍ୟାନ କରିବେ। ସେଠାରେ ଘଟିଥିବା ହିଂସାକାଣ୍ଡ ଏବ ମୁଣ୍ଡ ବିହୀନ ଶବ ବାବାଦରେ ବିଶଦ୍ ଭାବେ ତଥ୍ୟ ସଂଗ୍ରହ କରିବେ।

**ପ୍ରଭାବିତ ଅଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବିଜେଡିର ୭ଜଣିଆ କମିଟି**

ଏହି ଟିମରେ ବିଧାୟକ ମାନସ ମାଡକାମୀ ଓ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ରମେଶ ମାଝୀ, ରବି ନନ୍ଦ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଦଳର ବରିଷ୍ଠ ନେତା ଈଶ୍ୱର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଟିମ ପ୍ରଭାବିତ ଅଞ୍ଚଳ ଗସ୍ତ କରିବା ସହ ବର୍ତ୍ତମାନର ସ୍ଥିତି ଅନୁଧ୍ୟାନ କରିବେ। ଏହାପରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଦଳର ସଭାପତିଙ୍କୁ ପ୍ରଦାନ କରିବେ। ସୂଚନାଯୋଗ୍ୟ ଯେ ଏହି ହିଂସାକାଣ୍ଡ ଘଟଣାରେ ଏଯାବତ୍ ୫୦ଟି ଘର ଜଳିଥିବା ବେଳେ ୧୬୦ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଶତାଧିକ ଲୋକେ ନିଜ ଘରଦ୍ୱାର ଛାଡ଼ି ନିକଟସ୍ଥ ଗ୍ରାମରେ ଆଶ୍ରୟ ନେଇଛନ୍ତି।

## ୱାଟ୍‌କୋ ପାଇପ୍ ଫାଟି ୮୦୦ ବସ୍ତା ଧାନ ଜଳମଗ୍ନ

**ଉଜୁଡ଼ିଗଲା ବର୍ଷଯାକର ପରିଶ୍ରମ ● ଚାଷୀ ମୁଣ୍ଡରେ ଚଡ଼କ**





■ ସମ୍ବଲପୁର, ୧୧।୧୨ (ସମିସ): ବର୍ଷତମାମ ଝାଳବୁହା ପରିଶ୍ରମ କରି ଚାଷୀ ସୁନାର ଫସଲ ଫଳାଇଥିଲା। ବହୁ ବାଧାବିଘ୍ନ ଅତିକ୍ରମ କରି ଧାନକୁ ଖଳା ପର୍ଯ୍ୟନ୍ତ ସୁରକ୍ଷିତ ଭାବେ ଆଣିଥିଲା। ୭ ଦିନ ପରେ ମଣ୍ଡିରେ ଧାନ ଦେଇ ସବୁ ଚିନ୍ତାରୁ ମୁକ୍ତ ହୋଇଥା'ନ୍ତା ବୋଲି ଯୋଜନା କରିଥିଲା। କିନ୍ତୁ ତା'ର ସବୁ ଯୋଜନା, ସବୁ ପରିଶ୍ରମକୁ ନିମିଷକରେ ଧୋଇନେଲା ୱାଟ୍‌କୋ। ୱାଟ୍‌କୋର ବେପରୁଆ କାମ ପାଇଁ ପିଏଚ୍‌ଡି ପାଇପ୍ ପାଣି ମାଡ଼ି ଜଣେ ଚାଷୀଙ୍କ ୮୦୦ବସ୍ତା ଧାନ ଜଳମଗ୍ନ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ଭତରା ଗ୍ରାମର କୁବେର ଭୁକ୍ତାଙ୍କ ଉପରେ ଏପରି ଅଦିନିଆ ବଜ୍ର ପଡ଼ିଛି। କୁବେର ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମଣ୍ଡିରେ କଟ୍‌ନୀଛଟ୍‌ନୀ ସମସ୍ୟା ଲାଗିରହିଥିବା ବେଳେ ଏବେ ଧାନ ନଷ୍ଟ ହୋଇଯାଇଥିବାରୁ କ'ଣ କରିବେ, କାହାକୁ କହିବେ; କିଛି ବୁଝିପାରୁନାହାନ୍ତି। ସେହିପରି, ଋଣ ଟଙ୍କା କେମିତି ଶୁଝିବେ, ସେଇ ▶ପୃଷ୍ଠା-୭

**ଧାନ ଉଠାଇବ ତ ମିଲର୍?**

# ମୋକିମ୍ ଝଡ଼: କଂଗ୍ରେସ ଅଣନିଃଶ୍ୱାସୀ

## ଏକାଠି ହେଉଛନ୍ତି ବିଦ୍ରୋହୀ, ଦିଲ୍ଲୀ ଗଲେ ଭକ୍ତ

■ ଭୁବନେଶ୍ୱର, ୧୧।୧୨ (ସମିସ): ମୋକିମ୍‌ଙ୍କ ଚିଠି ଝଡ଼ରେ ଅଣନିଶ୍ୱାସୀ କଂଗ୍ରେସ। ଦଳର ଘର କଳି ତୀବ୍ର ହୋଇଥିବାବେଳେ କିଏ କେଉଁ ପଟରେ ରହିଛନ୍ତି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ମୋକିମ୍‌ଙ୍କ ଚିଠି ଦଳରେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ବଳ ଦେଇଛି। ଭକ୍ତଙ୍କ ବିରୋଧୀ ଏକାଠି ହୋଇଥିବାବେଳେ ଏହି ସୁଯୋଗରେ ଅସନ୍ତୁଷ୍ଟଙ୍କୁ ଜବତ କରିବାକୁ ପିସିସି ସଭାପତି ଭକ୍ତଚରଣ ଦିଲ୍ଲୀ ଗସ୍ତ କରିଛନ୍ତି। ମୋକିମ ତାଙ୍କ ଚିଠିରେ ଦଳର ଶୀର୍ଷ ନେତୃତ୍ୱ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କୁ ନିଶାଣ କରିଥିବାରୁ ରାଜ୍ୟ କଂଗ୍ରେସର ଅଧିକାଂଶ ନେତା ମୋକିମଙ୍କୁ ଖୋଲାଖୋଲି ସମର୍ଥନ କରିବାକୁ ପଛଘୁଞ୍ଚା ଦେଇଛନ୍ତି। ଏପରିକି ଦଳର ବହୁ ବରିଷ୍ଠ ନେତା ରାହୁଲ ଓ ଖଡ଼୍‌ଗେଙ୍କୁ ନିଶାଣକୁ ନାପସନ୍ଦ ମଧ୍ୟ କରିଛନ୍ତି।

କଂଗ୍ରେସ କଳି ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ଯୋଗୁଁ ଦଳର ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। କଂଗ୍ରେସର ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ ଏହି ଗଣ୍ଡଗୋଳ ଯୋଗୁଁ

**କେନ୍ଦ୍ରୀୟ ନେତାଙ୍କୁ ନିଶାଣକୁ ବରିଷ୍ଠଙ୍କ ନାପସନ୍ଦ**

**ବିବାଦ ବଢ଼ାଇଲା ବିଧାୟକଙ୍କ ବିରୋଧରେ ଏତଲା**

ଦଳର କ୍ଷତି ହେଉଛି। ପିସିସି ସଭାପତି ତୁରନ୍ତ ପିଏସି ଓ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ଦରକାର। ଘରର କଳି ଘର ଭିତରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ ମଧ୍ୟ ଏହି ବିବାଦକୁ ନେଇ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ମୋକିମ୍ ତାଙ୍କ ସମସ୍ୟା ହାଇକମାଣ୍ଡଙ୍କୁ ଜଣାଇବା ଠିକ୍, ମାତ୍ର ମିଡ଼ିଆକୁ ଜଣାଇବା ଠିକ୍ ନୁହେଁ। ଏଥିପାଇଁ ମୁଁ ମୋକିମ୍‌ଙ୍କ କାର୍ଯ୍ୟକୁ ନାପସନ୍ଦ କରୁଛି।

ସେପଟେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଭକ୍ତଚରଣ ଦାସ ଓ ମୋକିମଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦକୁ ଘର ଭିତରେ ସମାଧାନ କରିବା ଆବଶ୍ୟକ। ମୋକିମ ସିଧାସଳଖ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ଓ ଗଣମାଧ୍ୟମରେ ପ୍ରତିକ୍ରିୟା ଦେବା ଠିକ୍ ହୋଇ ନାହିଁ। ମୋକିମ ଅସନ୍ତୋଷ ପ୍ରକାଶ କରିବାର ଢ଼ାଞ୍ଚା ଭୁଲ ଓ ଏହା ସହିତ ସେ ଏକମତ ନୁହନ୍ତି ବୋଲି ଜୟଦେବ କହିଛନ୍ତି। ▶ପୃଷ୍ଠା-୭


ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।

ଅକ୍ଟୋବରରୁ ଡିସେମ୍ବର 2025 ମଧ୍ୟରେ ସାରାଦେଶରେ ସମସ୍ତ ଜିଲ୍ଲାରେ ଆୟୋଜିତ ହେଉଥିବା ସ୍ୱତନ୍ତ୍ର ଦାବିହୀନ ପରିସମ୍ପତ୍ତି ଶିବିର ପରିଦର୍ଶନ କରନ୍ତୁ




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in






# ବନ୍ଧାହେଲେ ଗୋଆ ନାଇଟ୍‌କ୍ଲବ୍ ମାଲିକ




**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ଗୋଆରେ ନାଇଟ୍ କ୍ଲବର ଅଗ୍ନିକାଣ୍ଡକୁ ୫ ଦିନ ବିତିବା ପରେ ଗୁରୁବାର କ୍ଲବର ମାଲିକ ସୌରଭ ଲୁଥରା ଓ ଗୌରବ ଲୁଥରାଙ୍କୁ ଥାଇଲାଣ୍ଡରେ ଗିରଫ କରାଯାଇଛି। ଥାଇଲାଣ୍ଡ ପୁଲିସ ଏହି ଦୁଇ ଭାଇଙ୍କ ଫଟୋ ଜାରି କରିଛି। ଏଥିରେ ଦୁଇଭାଇଙ୍କ ହାତରେ ହାତକଡ଼ି ପଡିଛି ଓ ସେମାନେ ସେମାନଙ୍କର ପାସ୍‌ପୋର୍ଟ ହାତରେ ଧରିଥିବାର ଦେଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ଅଧିକାରୀମାନଙ୍କ ଏକ ଟିମ୍ ଥାଇଲାଣ୍ଡ ଯାତ୍ରା କରିଛନ୍ତି ଓ ୨୪ ଘଣ୍ଟା ମଧ୍ୟରେ ଦୁଇଭାଇଙ୍କୁ ଧରି ଭାରତ ଫେରିବେ। ଦୁଇଭାଇଙ୍କୁ ଭାରତ ଆଣିବା ପରେ ସେମାନଙ୍କୁ ଗୋଆ ପୁଲିସ ଗିରଫ କରିବ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ବିର୍ଚ ନାଇଟ୍ କ୍ଲବରେ ଡିସେମ୍ବର ୬ରେ ନିଆଁ ଲାଗିବାର କାରଣରୁ ୨୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଘଟଣା ପରେ ଏହି ଦୁଇ ଭାଇ ଭାରତ ଛାଡି ଥାଇଲାଣ୍ଡ ପଳାଇ ଯାଇଥିଲେ। ଦୁଇଜଣଙ୍କ ବିରୋଧରେ ବିନା ଉଦ୍ଦେଶରେ ହତ୍ୟା ଓ ଅବହେଳାର ମାମଲା ରୁଜୁ କରାଯାଇଛି। ଯାଞ୍ଚ ଏଜେନ୍ସି ଦେଇଥିବା ସୂଚନା ଅନୁସାରେ ନାଇଟ୍ କ୍ଲବରେ ନିଆଁ ଲାଗିବା ପରେ ଦମକଳ ବାହିନୀ ନିଆଁ ଲିଭାଇବାକୁ ଓ ମୃତ ଲୋକଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ବେଳେ ଦୁଇ ଭାଇ ଥାଇଲାଣ୍ଡ ଯିବାକୁ ଟିକଟ୍ ବୁକ୍ କରୁଥିଲେ। ଡିସେମ୍ବର ୭ ତାରିଖ ରାତି ୧.୧୭ରେ ଦୁହେଁ ଅନ୍‌ଲାଇନ୍ ଟ୍ରାଭେଲ କମ୍ପାନୀର ୱେବସାଇଟ୍‌ରେ ଲଗ୍‌ଇନ୍ କରିଥିଲେ। ଦୁଇଜଣ ସକାଳ ୫.୩୦ରେ ଇଣ୍ଡିଗୋ ବିମାନ ୬ଇ ୧୦୭୩ରେ ଦିଲ୍ଲୀରୁ ଥାଇଲାଣ୍ଡର ଫୁକେଟକୁ ଯାତ୍ରା କରିଥିଲେ। ଏହାପରେ ଗୋଆ ପୁଲିସ ବୈଦେଶିକ ମନ୍ତ୍ରଣାଳୟ ଓ ସିବିଆଇ ଜରିଆରେ ଇଣ୍ଟରପୋଲ୍‌କୁ ଦୁଇଭାଇଙ୍କୁ ଗିରଫ କରିବାକୁ ଅପିଲ କରିଥିଲା। ଏହାପରେ ଇଣ୍ଟରପୋଲ ଦୁଇ ଭାଇଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସ ଜାରି କରିଥିଲା। ଦୁଇଭାଇ, ସେମାନଙ୍କ ବ୍ୟବସାୟିକ ସହଯୋଗୀ, ପରିଚାଳକ ଓ ଅନ୍ୟକେତେକ କର୍ମଚାରୀ ଦିଲ୍ଲୀର ବାସିନ୍ଦା। ଖାସ୍ ଏଥିପାଇଁ ଗୋଆ ପୁଲିସ ସହିତ ଦିଲ୍ଲୀ ପୁଲିସ ମଧ୍ୟ ଏହି ଅଗ୍ନିକାଣ୍ଡ ମାମଲାର ମିଳିତ ଭାବେ ଯାଞ୍ଚ କରୁଛି। ଦିଲ୍ଲୀରେ ମଧ୍ୟ ଏକ ମାମଲା ରୁଜୁ କରାଯାଇଛି। ଇତିମଧ୍ୟରେ ଦୁଇଭାଇ ଦିଲ୍ଲୀର ରୋହିଣୀ କୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି ଓ ଗତକାଲି ଏହାର ଶୁଣାଣି ହୋଇଥିଲା। ଏଥିରେ ଅଭିଯୁକ୍ତଙ୍କ ଓକିଲ କହିଥିଲେ ଯେ, ସେମାନେ ଭାରତ ଫେରିବାକୁ ଚାହୁଁଛନ୍ତି। ଏହି ମାମଲାରେ ଏପର୍ଯ୍ୟନ୍ତ ଦୁଇଭାଇଙ୍କ ବ୍ୟବସାୟିକ ସହଯୋଗୀଙ୍କ ସମେତ ୬ ଜଣ ଗିରଫ ହୋଇଛନ୍ତି।

- ଥାଇଲାଣ୍ଡରେ ଗିରଫ: ହାତରେ ଲାଗିଲା ହାତକଡ଼ି
- ଆଣିବାକୁ ଫୁକେଟ୍ ଗଲା ଗୋଆ ପୁଲିସ
- ଅଗ୍ନିକାଣ୍ଡ ପରେ ଦୁଇ ଭାଇ ପଳାୟନ କରିଥିଲେ

## ଫେବୃଆରୀରେ ହେବ ବାଂଲାଦେଶରେ ନିର୍ବାଚନ

**ଢାକା,୧୧।୧୨(ଏଜେନ୍ସି):** ବାଂଲାଦେଶ ଆସନ୍ତାବର୍ଷ ଫେବୃଆରୀ ୧୨ରେ ସାଧାରଣ ନିର୍ବାଚନ ଆୟୋଜନ ହେବ। ଦେଶର ମୁଖ୍ୟ ନିର୍ବାଚନ କମିଶନ ଏଏମ୍ଏମ୍ ନାସିରୁଦ୍ଦିନ ଗୁରୁବାର ଏ ନେଇ ଘୋଷଣା କରିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବାର ଦେଢ଼ ବର୍ଷ ପରେ ମତଦାନ ହେବା ସ୍ପଷ୍ଟ ହୋଇଛି। ହସିନା ୨୦୨୪ ଅଗଷ୍ଟ ୫ରେ ବାଂଲାଦେଶ ଛାଡି ଭାରତରେ ଶରଣ ନେଇଛନ୍ତି। ସେବେଠାରୁ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ବାଂଲାଦେଶରେ ମଧ୍ୟବର୍ତ୍ତୀକାଳୀନ ସରକାର ଚାଲୁଛି। ବାଂଲାଦେଶର ସର୍ବବୃହତ ରାଜନୈତିକ ଦଳ ହସିନାଙ୍କ ଆୱାମୀ ଲିଗ୍ ଏହି ନିର୍ବାଚନରେ ଅଂଶଗ୍ରହଣ କରିପାରିବ ନାହିଁ। ୨୦୨୫ ମେରେ ନିର୍ବାଚନ କମିଶନ ଏହି ପାର୍ଟିର ପଞ୍ଜୀକରଣକୁ ବାତିଲ କରିଛି ଓ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ଗିରଫ ମଧ୍ୟ କରାଯାଇଛି। ଆୱାମୀ ଲିଗ୍ ନିର୍ବାଚନ ଲଢିବା ଓ ରାଜନୈତିକ ଗତିବିଧି ଉପରେ ରୋକ ଲଗାଯାଇଛି। ମୁଖ୍ୟ ନିର୍ବାଚନ କମିଶନ କହିଛନ୍ତି ଯେ, ଜୁଲାଇ ଚାର୍ଟରକୁ ନେଇ ଜନମତ ସଂଗ୍ରହ କରାଯିବ। ଜୁଲାଇ ଚାର୍ଟର ହେଉଛି ସମ୍ବିଧାନିକ ଓ ରାଜନୈତିକ ସୁଧାର ପ୍ରକ୍ରିୟାରେ ଏକ ଦଲିଲ୍। ଏଥିରେ ରାଜନୈତିକ ଓ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ୨୬ଟି ପଏଣ୍ଟ ଉଲ୍ଲେଖ ରହିଛି। ଉଲ୍ଲେଖଥାଉ କି, ବାଂଲାଦେଶରେ ଭାରତ ଭଳି ନିର୍ବାଚନ ପ୍ରକ୍ରିୟା ଅବଲମ୍ବନ କରାଯାଇଥାଏ। ବାଂଲାଦେଶ ସଂସଦରେ ମୋଟ୍ ୩୫୦ଟି ଆସନ ରହିଛି। ଏଥିରେ ୫୦ଟି ଆସନ ମହିଳାଙ୍କ ପାଇ ସଂରକ୍ଷିତ ରହିଛି। ସଂରକ୍ଷିତ ଆସନରେ ନିର୍ବାଚନ ହୋଇ ନଥାଏ। କିନ୍ତୁ ବାକି ୩୦୦ ଆସନରେ ନିର୍ବାଚନ ହୋଇଥାଏ। ବାଂଲାଦେଶ ସଂସଦରେ କେବଳ ଗୋଟିଏ ଗୃହ ରହିଛି। କିନ୍ତୁ ଭାରତରେ ଲୋକସଭା ଓ ରାଜ୍ୟସଭା ରହିଛି।



## ଭଉଣୀଙ୍କ ବିବାହ ପାଇଁ ଖାଲିଦଙ୍କୁ ୧୪ ଦିନ ପାଇଁ ଜାମିନ୍

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ୨୦୨୦ ଦିଲ୍ଲୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ତଥା ଜେନେୟୁ ପୂର୍ବତନ ଛାତ୍ର ନେତା ଉମର ଖାଲିଦଙ୍କୁ ଦିଲ୍ଲୀର ଏକ କୋର୍ଟ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଛନ୍ତି। ଭଉଣୀ ବାହାଘରରେ ଯୋଗ ଦେବା ପାଇଁ ତାଙ୍କୁ କୋର୍ଟ ଜାମିନ ଦେଇଛନ୍ତି। ଅତିରିକ୍ତ ସେସନ ଜଜ୍ ସମୀର ବାଜପେୟୀ ଡିସେମ୍ବର ୧୬ରୁ ୧୪ ଦିନ ପାଇଁ ଜେଲ ବାହାରେ ରହିବାକୁ ଅନୁମତି ପ୍ରଦାନ କରିଛନ୍ତି। ଅର୍ଥାତ ସେ ୨୯ ତାରିଖ ପର୍ଯ୍ୟନ୍ତ ବାହାରେ ରହିପାରିବେ। ଏହି ସମୟରେ ଖାଲିଦ କୌଣସି ସାମାଜିକ ଗଣମାଧ୍ୟମ ସହିତ ଜଡ଼ିତ ନ ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେ କେବଳ ତାଙ୍କ ପରିବାର ସଦସ୍ୟ ଓ ପରିଜନ ଓ ବନ୍ଧୁମାନଙ୍କୁ ଭେଟିପାରିବେ ବୋଲି କୁହାଯାଇଛି। ପୁଣି ସେ କେବଳ ବିବାହ ସ୍ଥାନରେ ରହିବେ ଓ ଅନ୍ୟ କୌଣସି ସ୍ଥାନକୁ ଯାଇପାରିବେ ନାହିଁ ବୋଲି କୁହାଯାଇଛି। ଖାଲିଦ ନିଜ ଭଉଣୀଙ୍କ ବାହାଘରରେ ଯୋଗ ଦେବାକୁ ଡିସେମ୍ବର ୧୪ରୁ ୨୯ ତାରିଖ ମଧ୍ୟରେ ଜାମିନ ପାଇଁ ଆବେଦନ କରିଥିଲେ। ତାଙ୍କ ଭଉଣୀଙ୍କ ବାହାଘର ଡିସେମ୍ବର ୨୭ରେ ଆୟୋଜନ ହେବ। ଦିଲ୍ଲୀ ଦଙ୍ଗାର ଷଡଯନ୍ତ୍ର ଅଭିଯୋଗରେ ଖାଲିଦ୍‌ଙ୍କୁ ୨୦୨୦ ସେପ୍ଟେମ୍ବରରେ ଗିରଫ କରାଯାଇଥିଲା। ଏହା ପୂର୍ବରୁ ୨୦୨୪ ଡିସେମ୍ବରରେ ତାଙ୍କ ବନ୍ଧୁଙ୍କ ବାହାଘରରେ ଯୋଗ ଦେବାକୁ କୋର୍ଟ ତାଙ୍କୁ ୭ ଦିନ ପାଇଁ ଜାମିନ ପ୍ରଦାନ କରିଥିଲେ।



## ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୧।୧୨(ଏଜେନ୍ସି):** ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ବ୍ୟକ୍ତିତ୍ୱ ଅଧିକାର ନେଇ ଦିଲ୍ଲୀ ହାଇକୋର୍ଟଙ୍କ ସମର୍ଥନ ମିଳିଛି। କୋର୍ଟ ଗୁରୁବାର ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଓ ଅନ୍‌ଲାଇନ୍ କମ୍ପାନୀଗୁଡିକୁ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାର ଯେପରି କ୍ଷତିଗ୍ରସ୍ତ ନ ହୁଏ, ସେଥିପାଇଁ ୩ ଦିନ ମଧ୍ୟରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟକ୍ତିତ୍ୱ ଅଧିକାର ନେଇ ସଲମାନ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। କିଛି ଲୋକ ତାଙ୍କ ଛବି, ନାମ, ଫଟୋ ଓ ପରିଚୟକୁ ବ୍ୟବହାର କରି ଭୁଲ ଉପାୟରେ ପ୍ରଚାର ପ୍ରସାର କରି ବ୍ୟକ୍ତିଗତ ଫାଇଦା ହାସଲ କରୁଛନ୍ତି ବୋଲି ସଲମାନ ଅଭିଯୋଗ କରିଥିଲେ। ବିଚାରପତି ମନମିତ ପ୍ରୀତମ ସିଂ ଆରୋରା କହିଛନ୍ତି ଯେ, କୋର୍ଟ ଏ ନେଇ ବିସ୍ତୃତ ଭାବେ ଆଦେଶ ଜାରି କରିବେ। ଯେଉଁ ଲୋକମାନେ ସଲମାନଙ୍କ ନାମ ଓ ପରିଚୟକୁ ଭୁଲ ଭାବେ ବ୍ୟବହାର କରିଛନ୍ତି, ସେମାନଙ୍କ ବିରୋଧରେ ଆଦେଶ ଜାରି କରାଯିବ। ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାରକୁ ଲଗାତର ଭାବେ ଉଲ୍ଲଂଘନ କରାଯାଉଛି ବୋଲି ତାଙ୍କ ଓକିଲ ସନ୍ଦୀପ ସେଠୀ କହିଛନ୍ତି। ଉଲ୍ଲେଖଥାଉ କି, ଏହି ମାମଲାରେ ସଲମାନଙ୍କ ପୂର୍ବରୁ ଅମିତାଭ ବଚ୍ଚନ, ଅନିଲ କପୁର, ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, ଜୟା ବଚ୍ଚନ, ରତିକ ରୋଶନ, ଅଜୟ ଦେବଗନ, ନାଗାର୍ଜୁନ, ଜୁନିଅର ଏନ୍‌ଟିଆର, କରଣ ଜୋହର, କୁମାର ସାନୁଙ୍କ ଭଳି ବଲିଉଡ୍ ସେଲିବ୍ରିଟି ବ୍ୟକ୍ତିତ୍ୱ ଅଧିକାର ନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



## ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ

**ନୂଆଦିଲ୍ଲୀ, ୧୧।୧୨(ଏଜେନ୍ସି):** ବାଣିଜ୍ୟକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ସଂପର୍କ ତିକ୍ତତା ଚରମ ସୀମାରେ ରହିଥିବା ବେଳେ ଆଜି ଫୋନରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବାଣିଜ୍ୟ ସହିତ ସାମରିକ ଓ କୂଟନୈତିକ ସଂପର୍କ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ବାଣିଜ୍ୟ କ୍ଷେତ୍ର ରହିଥିବା ପ୍ରତିବନ୍ଧକକୁ ଦୂର କରିବା ସହିତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ କିପରି ଆହୁରି ମଜବୁତ କରାଯାଇପାରିବ ସେ ସମ୍ପର୍କରେ ଦୁଇ ନେତା ଗୁରୁତ୍ୱ ଦେଇଛନ୍ତି। ବାଣିଜ୍ୟ ଚୁକ୍ତି ସଂପର୍କରେ ଆଲୋଚନା ପାଇଁ ଆମେରିକାରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଆସିଛନ୍ତି। ନୂଆଦିଲ୍ଲୀରେ ଭାରତୀୟ ପ୍ରତିନିଧି ଦଳ ସହିତ ସେମାନେ ବୈଠକ କରିବାକୁ ଯାଉଥିବା ବେଳେ ଆଜି ସନ୍ଧ୍ୟାରେ ମୋଦୀ ଓ ଟ୍ରମ୍ପଙ୍କ ମଧ୍ୟରେ ଟେଲିଫୋନରେ ବାର୍ତ୍ତାଳାପକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ୱାଶିଂଟନରେ ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବାଣିଜ୍ୟ ସଂପର୍କରେ ଅଚଳାବସ୍ଥା ଦୂର କରିବା ଲାଗି ଭାରତ ପକ୍ଷରୁ ପ୍ରସ୍ତାବ ଆସିଛି। ତେବେ ଭାରତୀୟ ବଜାରରେ ଆମେରିକାର କୃଷିଜାତ ଦ୍ରବ୍ୟ ବିଶେଷ କରି ମାଂସ ଓ ଦୁଗ୍ଧ ସାମଗ୍ରୀର ପ୍ରବେଶ ନେଇ ଏବେ ବି ପ୍ରତିବନ୍ଧକ ରହିଛି। ଏହି ପ୍ରତିବନ୍ଧକକୁ ଦୂର କରିବା ଲାଗି ଦିଲ୍ଲୀରେ ଆଲୋଚନା ହେବ। ଏହାର ଫଳାଫଳ ଉପରେ ବାଣିଜ୍ୟ ସଂପର୍କ ନିର୍ଭର କରୁଛି ବୋଲି ସେ କହିଛନ୍ତି।

ଇତିମଧ୍ୟରେ ଟ୍ରମ୍ପଙ୍କ ସହ ଆଲୋଚନା ସଂପର୍କରେ ମୋଦୀ କହିଛନ୍ତି ଯେ ଆଜିର କଥାବାର୍ତ୍ତା ଫଳପ୍ରଦ ରହିଛି। ଆମେ ଆନ୍ତର୍ଜାତିକ ଓ ଆଞ୍ଚଳିକ ସୁରକ୍ଷା ଉପରେ ଆଲୋଚନା କରିଛୁ। ଦ୍ୱିପାକ୍ଷିକ ବାଣିଜ୍ୟ ସଂପର୍କର ସମୀକ୍ଷା କରାଯାଇଛି। ବିଶ୍ୱ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଲାଗି ଦୁଇ ଦେଶ ମିଳିତ ହୋଇ କାର୍ଯ୍ୟ କରିବୁ ବୋଲି ଆମେ ସଂକଳ୍ପ ନେଇଛୁ। ପ୍ରଧାନମନ୍ତ୍ରୀ ମୋଦୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି।



## ପୂର୍ବତନ ଆଇଏସ୍ଆଇ ମୁଖ୍ୟ ହମିଦଙ୍କୁ ୧୪ ବର୍ଷ ଜେଲ୍

**ଇସଲାମାବାଦ, ୧୧।୧୨ (ଏଜେନ୍ସି):** ପାକିସ୍ତାନର ଏକ ମିଲିଟାରୀ କୋର୍ଟ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ପୂର୍ବତନ ମୁଖ୍ୟ ଫୈଜ ହମିଦଙ୍କୁ ୧୪ ବର୍ଷର ଜେଲ୍ ଦଣ୍ଡରେ ଦଣ୍ଡିତ କରିଛି। ହମିଦଙ୍କ ବିରୋଧରେ ପାଖାପାଖି ୧୫ ମାସ ପର୍ଯ୍ୟନ୍ତ କୋର୍ଟ ମାର୍ଶାଲର କାର୍ଯ୍ୟକ୍ରମ ଚାଲୁ ରହିଥିଲା। ତାଙ୍କ ବିରୋଧରେ ୪ଟି ଗୁରୁତର ଅଭିଯୋଗ ନେଇ କେସ୍ ଚାଲୁଥିଲା। ସେ ରାଜନୈତିକ ଗତିବିଧିରେ ସାମିଲ ହେବା, ଅଫିସିଆଲ ସିକ୍ରେଟ ଆକ୍ଟର ଉଲ୍ଲଂଘନ କରି ଦେଶର କ୍ଷତି ପହଞ୍ଚାଇବା, ସରକାରୀ ଅଧିକାର ଓ ସଂଶାଧନର ଦୁରୁପୋଯୋଗ କରିବା ଏବଂ ବ୍ୟକ୍ତିଗତ ଭାବେ ଲୋକଙ୍କୁ କ୍ଷତି ପହଞ୍ଚାଇବାର ଅଭିଯୋଗ ହୋଇଥିଲା। ଏହି ସବୁ ଅଭିଯୋଗରେ କୋର୍ଟ ହମିଦଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବୋଲି ସେନା ତରଫରୁ କୁହାଯାଇଛି। ତେବେ ଏହି ରାୟ ବିରୋଧରେ ତାଙ୍କୁ ଅପିଲ୍ କରିବାର ଅଧିକାର ଅଛି ବୋଲି କୋର୍ଟଙ୍କ ତରଫରୁ କୁହାଯାଇଛି। ହମିଦଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ନିକଟତର ବୋଲି ବିବେଚନା କରାଯାଏ। ଗତବର୍ଷ ଅଗଷ୍ଟ ୧୨ରେ ହମିଦଙ୍କୁ ହାଉସିଂ ଦୁର୍ନୀତି ମାମଲାରେ ଗିରଫ କରାଯାଇଥିଲା।



## ଏସ୍ଆଇଆର୍ ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ

**କୋଲକାତା,୧୧।୧୨(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସମାଲୋଚନା କରିଛନ୍ତି। ସେ ମହାଭାରତର ଦୁର୍ଯୋଧନ ଓ ଦୁଃଶାସନଙ୍କ ଭଳି ଭୟଙ୍କର ବୋଲି ମମତା କହିଛନ୍ତି। ତାଙ୍କର ଗୋଟିଏ ଆଖିରେ ଦୁର୍ଯୋଧନ ଓ ଅନ୍ୟ ଆଖିରେ ଦୁଃଶାସନ ଦେଖାଯାଉଛନ୍ତି ବୋଲି ସେ ଗୁରୁବାର କ୍ରିଷ୍ଣାନଗରରେ ଏକ ରାଲିରେ ଭାଷଣ ଦେବା ଅବସରରେ କହିଛନ୍ତି। ମମତା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ନେଇ ରାଜ୍ୟର ମହିଳାଙ୍କୁ ସତର୍କ କରାଇବାକୁ ପ୍ରୟାସ କରିଥିଲେ। କେନ୍ଦ୍ର ସରକାର ଏସ୍ଆଇଆର୍‌କୁ ବାହାନା କରି ମା ଓ ଭଉଣୀଙ୍କ ଅଧିକାର ଛଡାଇନେବାକୁ ପ୍ରୟାସ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଭୋଟର ତାଲିକାରୁ ନିଜ ନାମ କଟିବାକୁ ନ ଦେବାକୁ ସେ ମହିଳାଙ୍କୁ ଅପିଲ କରିଛନ୍ତି। ଏସ୍ଆଇଆର୍ ବିରୋଧରେ ଲଢ଼େଇ କରିବାକୁ ସେ ମହିଳାଙ୍କୁ କହିଛନ୍ତି। ମହିଳା ଆଗକୁ ଆସି ଲଢିବେ ଓ ପୁରୁଷ ତାଙ୍କ ପଛରେ ରହିବେ। ଆସନ୍ତବର୍ଷ ଅର୍ଥାତ ୨୦୨୬ରେ ବିଧାନସଭା ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ଏସ୍ଆଇଆର୍‌କୁ ଏକ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ବିଜେପି ଯୋଜନ କରିଛି।



## ଭେନେଜୁଏଲା ବିରୋଧରେ କାର୍ଯ୍ୟାନୁଷ୍ଠାନ

**ୱାସିଂଟନ, ୧୧।୧୨ (ଏଜେନ୍ସି):** ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ବିରୋଧରେ ଆମେରିକା ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭେନେଜୁଏଲା ଉପକୂଳରେ ଆମେରିକା ସମୁଦ୍ର ମଝିରେ ଏକ ବହୁତ ବଡ଼ ଅଶୋଧିତ ତୈଳ ଟ୍ୟାଙ୍କରକୁ ଜବତ କରିଛି। ବୁଧବାର ଆମେରିକାର ଅଟର୍ଣ୍ଣି ଜେନେରାଲ ପାମ ବଣ୍ଡି ସାମାଜିକ ଗଣମାଧ୍ୟମରେ ଏହି ଅପରେସନର ୪୫ ସେକେଣ୍ଡର ଭିଡିଓ ଜାରି କରିଛନ୍ତି। ଦୁଇଟି ସାମରିକ ହେଲକପ୍ଟର ଦ୍ରୁତଗତିରେ ଉଡିବା ସହ ଟ୍ୟାଙ୍କରକୁ ଘେରାଉ କରିଥିବା ଭିଡିଓରେ ଦେଖାଯାଇଛି। ଏଥିରୁ ଏକାଧିକ କମାଣ୍ଡୋ ରଶି ସାହଯ୍ୟରେ ଟ୍ୟାଙ୍କର ଉପରେ ଓହ୍ଲାଇବା ସହ କିଛି ସମୟ ମଧ୍ୟରେ ଟ୍ୟାଙ୍କରକୁ ନିଜ କବ୍‌ଜାକୁ ନେଉଛନ୍ତି। ହ୍ୱାଇଟ ହାଉସ୍‌ରେ ସାମ୍ବାଦିକଙ୍କ ସହ କଥା ହେଉଥିବା ବେଳେ ରାଷ୍ଟ୍ରପତି ଟ୍ରମ୍ପ ଏ ନେଇ ସୂଚନା ଦେଇଛନ୍ତି। ଅନ୍ୟପଟେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଛନ୍ତି। ଏହା ଏକ ସାମୁଦ୍ରିକ ଡାକାୟତି ଓ ଖୋଲାଖୋଲି ଚୋରି ବୋଲି ସେ କହିଛନ୍ତି। ଏବେ ଟ୍ୟାଙ୍କରର ତୈଳକୁ ଆମେ ରଖିନେବୁ ବୋଲି ଟ୍ରମ୍ପ କହିଛନ୍ତି। ବେଆଇନ୍ ଭାବେ ଭେନେଜୁଏଲା ଏହି ଟ୍ୟାଙ୍କର ମାଧ୍ୟମରେ ତୈଳ ନେଉଥିବାର ଆମେରିକା ଅଭିଯୋଗ କରିଛି।

**ସମୁଦ୍ର ମଝିରେ ତୈଳ ଟ୍ୟାଙ୍କରକୁ ଜବତ କଲା ଆମେରିକା**

## ହନୁମାନଙ୍କୁ ମିଛ ଦେବତା କହିଥିବା ଆମେରିକୀୟ ସାଂସଦ ଫେଲ୍

**ଟେକ୍ସାସ,୧୧।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ତଥା ଟେକ୍ସାସର ସାଂସଦ ପ୍ରାର୍ଥୀ ଆଲେକଜାଣ୍ଡାର ଡନକାନଙ୍କ ନିର୍ବାଚନ ଯାତ୍ରା ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଛି। ତାଙ୍କୁ ପ୍ରାଥମିକ ନିର୍ବାଚନରେ ସ୍ଥାନ ହାସଲ କରିବାକୁ ଆବଶ୍ୟକ ସମର୍ଥନ ମିଳିପାରି ନଥିଲା। ଡନକାନ୍ ଟେକ୍ସାସର ଶୁଗାର ଲ୍ୟାଣ୍ଡସ୍ଥିତ ଶ୍ରୀ ଅଷ୍ଟଲକ୍ଷ୍ମୀ ମନ୍ଦିରରେ ସ୍ଥାପିତ ହୋଇଥିବା ୯୦ ଫୁଟ ଉଚ୍ଚର ଭଗବାନ ହନୁମାନ ପ୍ରତିମାକୁ ମିଛ ଭଗବାନ ଓ ମିଛି ପ୍ରତିମା ବୋଲି କହି ଚର୍ଚ୍ଚାକୁ ଆସିଥିଲେ। ସେତେବେଳେ ସେ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଥିଲେ ଯେ, ଟେକ୍ସାସରେ ଏକ ମିଥ୍ୟା ହିନ୍ଦୁ ଦେବତାଙ୍କ ମିଥ୍ୟା ପ୍ରତିମା ସ୍ଥାପିତ କରିବାକୁ ଅନୁମତି କାହିଁକି ଦିଆଯାଉଛି? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାକୁ ରୋକା ଯାଉ ବୋଲି ସେ ଅପିଲ କରିଥିଲେ। ଫଳରେ ହିନ୍ଦୁ ସମ୍ପ୍ରଦାୟରେ ଅସନ୍ତୋଷ ଦେଖା ଦେଇଥିଲା। ତାଙ୍କୁ ପାର୍ଟିରୁ ବହିଷ୍କାର କରିବାକୁ ଦାବି ହୋଇଥିଲା। ଏବେ ଟେକ୍ସାସରେ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାଥମିକ ପ୍ରାର୍ଥୀ ହେବା ପାଇଁ ୩ ଜଣ ଦୌଡ଼ରେ ଅଛନ୍ତି। ୨୦୨୬ ମାର୍ଚ୍ଚ ୩ରେ ସଂସଦ ପାଇଁ ପ୍ରାଥମିକ ନିର୍ବାଚନ ହେବ। ଉଲ୍ଲେଖଥାଉ କି, ଟେକ୍ସାସରେ ଭଗବାନ ହନୁମାନଙ୍କର ୯୦ ଟନ୍ ଓଜନର ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପିତ ହୋଇଛି। ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' କୁହାଯାଉଛି। ବିଦେଶରେ ଏହା ହନୁମାନଙ୍କର ଉଚ୍ଚତମ ମୂର୍ତ୍ତିର ମାନ୍ୟତା ପାଇଛି।

## ଆମେରିକା ସଂସଦରେ ମୋଦୀ-ପୁତିନଙ୍କ ଚିତ୍ର

**ୱାସିଂଟନ,୧୧।୧୨(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଭାରତ ଗସ୍ତକୁ ନେଇ ଆମେରିକାରେ ଏବେ ମଧ୍ୟ ଚର୍ଚ୍ଚା ଚାଲୁଛି। ଆମେରିକା ସଂସଦରେ ମଧ୍ୟ ଏ ନେଇ ଗରମାଗରମ ଆଲୋଚନା ହେଉଛି। ଜଣେ ଡେମୋକ୍ରାଟ୍ ସାଂସଦ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ପୁତିନଙ୍କ ସେଲ୍‌ଫିର ଫଟୋ ଦେଖାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଦେଶ ନୀତିକୁ ନେଇ ସମାଲୋଚନା କରିଛନ୍ତି। ଆମେରିକା ସଂସଦର ପ୍ରତିନିଧି ସିଡନୀ କାମାଲଗେର- ଡୋଭ ମୋଦୀ ଓ ପୁତିନଙ୍କ ଏହି ଚିତ୍ରକୁ ଇସାର କରି କହିଛନ୍ତି ଯେ, ଏହି ଫଟୋ ହଜାର ଶବ୍ଦ ସହ ସମାନ। ଏଥିସହ ସେ ଟ୍ରମ୍ପଙ୍କ ଭାରତ ନୀତିକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଟ୍ରମ୍ପଙ୍କ ଭାରତ ନୀତି ହିଁ ଆମେରିକାକୁ କ୍ଷତି ପହଞ୍ଚାଉଛି। ଚାପ ପକାଇ ସହଭାଗୀତା କରିବା ମହଙ୍ଗା ସାବ୍ୟସ୍ତ ହେଲା। ଏହି ଫଟୋ ଏହାର ସବୁଠୁ ବଡ଼ ପ୍ରମାଣ। ଆମେରିକାର ଚାପ ପକାଇବା ନୀତି ହିଁ ଭାରତ ଓ ରୁଷିଆର ସମ୍ପର୍କକୁ ଆହୁରି ଦୃଢ଼ କରିଛି ବୋଲି ସେ କହିଛନ୍ତି। ପୁଣି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାର ହକ୍‌ଦାର ବୋଲି ବାରମ୍ବାର କହିଛନ୍ତି ଓ ଏହାକୁ ମଧ୍ୟ ଡୋଭ ପରିହାସ ଛଳରେ ସମାଲୋଚନା କରିଛନ୍ତି। ଭାରତ- ପାକିସ୍ତାନ ସମେତ ବିଶ୍ୱରେ ୮ଟି ଯୁଦ୍ଧ ରୋକିଛନ୍ତି ବୋଲି ଟ୍ରମ୍ପ ଦାବି କରୁଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଭୁଲ ବିଦେଶ ନୀତି କାରଣରୁ ଭାରତ ଭଳି ବଡ଼ ସହଯୋଗୀ ଏବେ ଦୂର ହୋଇଛି। ତେଣୁ ତାଙ୍କୁ ନୋବେଲ ପୁରସ୍କାରର ହକ୍‌ଦାର ବୋଲି କିପରି କୁହାଯିବ ବୋଲି ସେ କହିଛନ୍ତି।

## ପ୍ରେମିକା ଘରେ ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା

**ହାଇଦରାବାଦ, ୧୧।୧୨ (ଏଜେନ୍ସି):** ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ତାଙ୍କ ପ୍ରେମିକାଙ୍କ ପରିବାର ଲୋକେ କ୍ରିକେଟ ବ୍ୟାଟ୍‌ରେ ପିଟିପିଟି ହତ୍ୟା କରିଛନ୍ତି। ମୃତକ ଛାତ୍ର ହେଉଛନ୍ତି ୧୯ ବର୍ଷୀୟ ଜ୍ୟୋତି ଶ୍ରୀବନ ସାଇ। ମଙ୍ଗଳବାର ତାଙ୍କ ସହ ମାଡ଼ପିଟ୍ ହୋଇଥିଲା ଓ ବୁଧବାର ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଦେଇଥିବା ସୂଚନା ଅନୁସାରେ ଅମିନପୁରରେ ରହୁଥିବା ୧୯ ବର୍ଷୀୟା ଶ୍ରୀଜା ଓ ଶ୍ରୀବନ ଗତକେତେ ବର୍ଷ ହେବ ପରସ୍ପର ସହ ସମ୍ପର୍କ ରକ୍ଷା କରିଆସୁଥିଲେ। ୧୦ମ ଶ୍ରେଣୀରୁ ଦୁହେଁ ଦୁହିଁଙ୍କୁ ଜାଣିଥିଲେ। ଦୁଇଜଣଙ୍କ ପରିବାର ଲୋକଙ୍କୁ ସେମାନଙ୍କ ସମ୍ପର୍କ ବିଷୟ ଜଣାଥିଲା। ଶ୍ରୀଜାଙ୍କ ଘର ଲୋକେ ଏ ନେଇ ଦୁହିଁଙ୍କୁ ଏକାଧିକବାର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ କିଛିଦିନ ତଳେ ଶ୍ରୀଜା ୩ ମାସର ଗର୍ଭବତୀ ଥିବା ତା'ର ପରିବାର ଲୋକ ଜାଣିବାକୁ ପାଇଥିଲେ। ମଙ୍ଗଳବାର ଶ୍ରୀଜାଙ୍କ ପିତାମାତା ବିବାହର ବାହାନା କରି ଶ୍ରୀବନଙ୍କୁ ଘରକୁ ଡାକିଥିଲେ। କିନ୍ତୁ ଶ୍ରୀବନ ଘରେ ପହଞ୍ଚିବା ପରେ ହିଁ ଶ୍ରୀଜାଙ୍କ ପରିବାର ଲୋକେ ତାଙ୍କୁ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୋଡ ଓ ହାତର ହାଡ଼ ମଧ୍ୟ ଭାଙ୍ଗିଯାଇଥିଲା। ତାଙ୍କୁ କୁକଟପଲ୍ଲୀର ଏକ ଘରୋଇ ହସ୍ପିଟାଲକୁ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ କହିବା ଅନୁସାରେ ସକାଳ ୧୦.୩୦ରେ ଶ୍ରୀବନ ଶ୍ରୀଜାଙ୍କ ଘରେ ପହଞ୍ଚିଥିଲେ। ଏହାପରେ ଗର୍ଭଧାରଣ ନେଇ ଶ୍ରୀଜାଙ୍କ ମା ସହ ତାଙ୍କ ଝଗଡ଼ା ଓ ଯୁକ୍ତି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମା ଶ୍ରୀଜା ଓ ଶ୍ରୀବନଙ୍କ ଉପରେ ବ୍ୟାଟ୍‌ରେ ଆକ୍ରମଣ କରିଥିଲେ। ଶ୍ରୀଜାଙ୍କୁ ବଞ୍ଚାଇବାକୁ ଯାଇ ଶ୍ରୀବନଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଶ୍ରୀଜାଙ୍କ ଡାହାଣ ହାତ ମଧ୍ୟ ଭାଙ୍ଗିଯାଇଛି। ମାଡପିଟ୍ ପରେ ଶ୍ରୀବନ ନିଜ ଘରକୁ ଚାଲିଯାଇଥିଲେ। କିନ୍ତୁ ଅପରାହ୍ଣ ୩.୩୦ରେ ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଫଳରେ ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। ଏହାପରେ ତାଙ୍କୁ ଆଉ ଏକ ଘରୋଇ ହସ୍ପିଟାଲକୁ ରେଫର କରାଯାଇଥିଲେ ମଧ୍ୟ ସେ ଜୀବନ ହରାଇଥିଲେ। ପୁଲିସ୍ ଏହି ଘଟଣାର ଯାଞ୍ଚ କରୁଛି।

**ବ୍ୟାଟ୍‌ରେ ବାଡେଇ ନେଲେ ଜୀବନ**



## ସଂସଦରେ ତୃଣମୂଳ ସାଂସଦ ଇ- ସିଗାରେଟ ଟାଣୁଛନ୍ତି: ଠାକୁର

**ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି):** ସଂସଦର ଚଳିତ ଶୀତକାଳୀନ ଅଧିବେଶନର ୯ମ ଦିନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂଦସ ଇ- ସିଗାରେଟକ ପାନ କରିଛନ୍ତି ବୋଲି ବିଜେପି ସାଂସଦ ଅନୁରାଗ ଠାକୁର ବାଚସ୍ପତି ଓମ ବିର୍ଲାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ସଂସଦ ପରିସରରେ ସମ୍ବାଦିକମାନଙ୍କ ଉତ୍ତର ଦେବା ଅବସରରେ ଟିଏମ୍‌ସି ସାଂସଦ ସ୍ୱାଗତ ରାଏ କହିଛନ୍ତି ଯେ, ଆମେ ସଂସଦ ପରିସରରେ ଇ- ସାଗାରେଟ ପାନ କରିପାରିବୁ। କିନ୍ତୁ ସଂସର ସୌଧ ଭିତର ପାନ କରିପାରବୁ ନାହିଁ। କିନ୍ତୁ ବାହାରେ ପାନ କରିପାରିବୁ। ଉଲ୍ଲେଖଥାଉ କି, କିଛିବର୍ଷ ତଳେ ଇ- ସିଗାରେଟ ପାନକୁ ବାରଣ କରାଯାଇଥିଲା। ଶୀତକାଳୀନ ଅଧିବେଶନ ଡିସେମ୍ବର ୧ରୁ ଆରମ୍ଭ ହୋଇ ୧୯ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

■ ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା ପ୍ରସଙ୍ଗ

## ସତ୍ୟପାଠ ଦାଖଲ ସରକାର ସମୟ ନେଲେ

କଟକ,୧୧ ।୧୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏହାର ସଭାପତି ଓ ଉପ-ସଭାପତି ଭଳି ପଦବୀ ଖାଲି ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାରେ ସତ୍ୟପାଠ ଦାଖଲ କରିପାରିନାହାନ୍ତି ସରକାର। ଏହି ପ୍ରସଙ୍ଗରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ପୁଣି ଅଧିକ ସମୟ ଲୋଡ଼ିଥିବା ବେଳେ ଆସନ୍ତା ଡିସେମ୍ବର ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଗତ ଅକ୍ଟୋବର ୨୭ରେ ୩ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ହାଇକୋର୍ଟ। ଆବେଦନକାରୀ ଦର୍ଶାଇଛନ୍ତି ଯେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଉପ-ସଭାପତିଙ୍କ କାର୍ଯ୍ୟକାଳ ଗତ ୨୦୨୪ ମେ' ୨୦ରେ ସମାପ୍ତ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ପଦରେ କାହାରିକୁ ନିଯୁକ୍ତ କରିନାହାନ୍ତି। ସେହିଭଳି ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ବୋର୍ଡ ୨୦୨୩ ଜୁଲାଇ୧୯ ପରଠାରୁ ଅଚଳ ହୋଇପଡ଼ିଛି।

# 'ଗାଡ଼ିଧୁଆ' ବଚସାରୁ ଯୁବକଙ୍କୁ ଗୁଳି

ଅନୁଗୋଳ, ୧୧।୧୨ (ସମିସ): ରାସ୍ତା ଉପରେ ଗାଡ଼ିଧୁଆ ବଚସାରୁ ଯୁବକଙ୍କୁ ଗୁଳିମାଡ଼। ବୁଧବାର ରାତି ପ୍ରାୟ ୧୧ଟାରେ ଅନୁଗୋଳ ଇକୋ-ପାର୍କ ସମ୍ମୁଖରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଗୁଳିମାଡ଼ର ଶିକାର ଯୁବକଜଣଙ୍କ ହେଲେ, ଶିକ୍ଷକପଡ଼ାର ଭବାନୀ ଶଙ୍କର ପ୍ରଧାନ। ଭବାନୀଙ୍କ ପେଟରେ ଗୋଟିଏ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଭବାନୀଙ୍କ ବନ୍ଧୁ ବିଶ୍ୱଜିତ ମିତ୍ର ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଯାଇଛି। ଅନୁଗୋଳ ଟାଉନ ଥାନା ପୁଲିସ ଏହାର ତଦନ୍ତ

### ସାଙ୍ଗଙ୍କୁ ପିଟି ଦରମରା କଲେ

ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି।

ସୂଚନା ମୁତାବକ, ଶିକ୍ଷକପଡ଼ାର ବିଶ୍ୱଜିତ ଜଣେ ଟ୍ରାଭେଲର୍ ମାଲିକ। ଗତରାତିରେ ଇକୋ-ପାର୍କ ସମ୍ମୁଖ ରାସ୍ତାରେ ସେ ଗାଡ଼ି ଧୋଉଥିଲେ। ସେହି ସମୟରେ ବାଇକ୍‌ରେ ଯାଉଥିବା ଦୁଇ ଯୁବକଙ୍କ ସହ ତାଙ୍କର ଗାଡ଼ିଧୁଆକୁ ନେଇ ବଚସା ହୋଇଥିଲା। ପାଟିତୁଣ୍ଡ ଶୁଣି ବିଶ୍ୱଜିତଙ୍କ ବନ୍ଧୁ ଭବାନୀ ସେଠାରେ ପହଞ୍ଚି ଯାଇଥିଲେ। ବଚସା ବଢ଼ିବାରୁ ବିଶ୍ୱଜିତ ଯୁବକଦ୍ୱୟଙ୍କୁ ଚାପୁଡ଼ା ମାରିଥିଲେ। ପରେ ଉକ୍ତ ଯୁବକଦ୍ୱୟ ରାଜକିଶୋରପଡ଼ା ଆଡ଼କୁ ପଳାଇଥିଲେ। କିଛି ସମୟ ପରେ ସେମାନେ ପୁଣି ସେଠାକୁ ଫେରି ବିଶ୍ୱଜିତ୍‌ଙ୍କୁ ଗୁଳି କରିଥିଲେ। କିନ୍ତୁ, ଗୁଳିଟି ଲକ୍ଷ୍ୟଚ୍ୟୁତ ହୋଇ ପାଖରେ ଠିଆ ହୋଇଥିବା ଭବାନୀଙ୍କ ପେଟରେ ବାଜିଥିଲା। ପରେ ଯୁବକ ଦ୍ୱୟ ଲୁହାରଡ଼ରେ ବିଶ୍ୱଜିତଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଶ୍ୱଜିତଙ୍କ ଗୋଡ଼ ଭାଙ୍ଗିଯାଇଛି। ଏହି କାଣ୍ଡ ଭିଆଇବା ପରେ ଦୁର୍ବୃତ୍ତଦ୍ୱୟ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ବିଶ୍ୱଜିତ ଓ ଭବାନୀଙ୍କୁ ଉଦ୍ଧାର କରି ପ୍ରଥମେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରାଇଥିଲେ। ଭବାନୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

■ ଶିମିଳିପାଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟା ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲା କେନ୍ଦ୍ର ଜଙ୍ଗଲ ମନ୍ତ୍ରାଳୟ

ବାରିପଦା, ୧୧।୧୨(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଅତିରିକ୍ତ ଶାସନ ସଚିବଙ୍କୁ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୟୁଥ୍ ୟୁନାଇଟେଡ୍ ଫର୍ ସଷ୍ଟେନେବଲ୍ ଏନ୍‌ଭିରନ୍‌ମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ ଫାଇଲ୍ ନଂ ୭(୨୮)-୨୦୨୫-ଏଫ୍‌ସିଇ(ଶିମିଳିପାଳ) ୨୦୨୫ ଡିସେମ୍ବର ୧ରେ ଚିଠି ଯୋଗେ ଅବଗତ କରାଯାଇଛି। ଏହାସହ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ତଥ୍ୟର ରିପୋର୍ଟ ପ୍ରଦାନ କରିବାକୁ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସ୍‌ଟିଆର୍) ପ୍ରକଳ୍ପର ଇକୋ-ସେନ୍‌ସିଟିଭ୍ ଜୋନ୍‌ରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସୋର୍ଟ ନିର୍ମାଣ ଜାରି ରହିଛି। ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ବିଭିନ୍ନ ରାସ୍ତାକୁ ମଧ୍ୟ କଂକ୍ରିଟ୍ କରାଯାଉଛି। ପର୍ଯ୍ୟଟକମାନେ ବୁଲିବାକୁ ଆସି ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଏଣେତେଣେ ଫିଙ୍ଗିଥିବା ବେଳେ ଏହାର ତଦାରଖ କରାଯାଉନାହିଁ। ସେହିପରି ବେଆଇନ ନିର୍ମାଣକୁ ନେଇ ଅନିୟନ୍ତ୍ରଣ ଗଛକଟା, କଂକ୍ରିଟ ଗୃହ ନିର୍ମାଣ ଓ ବୋର୍ଡିଂ ଖୋଲା ହୋଇଛି। ଏହା ଇକୋ-ସେନ୍‌ସିଟିଭ୍ ଜୋନ୍‌ର ମାର୍ଗଦର୍ଶିକାକୁ ଅଣଦେଖା କରୁଛି ବୋଲି ଅଭିଯୋଗରେ ଦର୍ଶାଯାଇଛି।

### ଦିଲ୍ଲୀ ବାୟୁର ମାନ ସୃଷ୍ଟି କରୁଛି ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା

# ଅନ୍ୟତ୍ର ସ୍ଥାନାନ୍ତରେ ହେଉ ସଂସଦର ଦୁଇଟି ଅଧିବେଶନ

ଭୁବନେଶ୍ୱର,୧୧।୧୨(ସମିସ): ଦିଲ୍ଲୀରେ ବାୟୁର ମାନ ଅତି ବିପଦଜନକ ସ୍ଥିତିରେ ଥିବାବେଳେ ଏହାକୁ ନେଇ ରାଜ୍ୟସଭାରେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ଦିଲ୍ଲୀର ପ୍ରଦୂଷଣ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଥିବାରୁ ବାୟୁର ମାନ ସ୍ୱାଭାବିକ ସ୍ଥିତିକୁ ଆସିବା ପର୍ଯ୍ୟନ୍ତ ସଂସଦର ଶୀତ ଓ ବଜେଟ

■ ସ୍ୱଚ୍ଛ ସହରରେ କରାଯାଉ ଶୀତ ଓ ବଜେଟ ଅଧିବେଶନ
■ ରାଜ୍ୟସଭାରେ ପ୍ରସ୍ତାବ ଦେଲେ ବିଜେଡି ସାଂସଦ ମାନସ

ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ରଖିଛନ୍ତି ମାନସ।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ପ୍ରତ୍ୟେକ ଶୀତ ଋତୁରେ ଦିଲ୍ଲୀ କେବଳ ପ୍ରଦୂଷଣର ସମ୍ମୁଖୀନ ହୁଏ ନାହିଁ, ବରଂ ଏହା ଏକ ଜନସ୍ୱାସ୍ଥ୍ୟଗତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ଶୀତ ଦିନରେ ଦିଲ୍ଲୀରେ ବାୟୁର ମାନ ଲଗାତାର ଭାବେ ୪୦୦ରୁ ୫୦୦ ଏକ୍ୟୁଆଇ ଉପରେ ରହୁଛି। ତେଣୁ ଏହାକୁ କେବଳ ଖରାପ ବାୟୁ କୁହାଯାଇ ପାରିବ ନାହିଁ, ଏହା ଅତ୍ୟନ୍ତ ବିଷାକ୍ତ ବାୟୁରେ ପରିଣତ ହୋଇଛି। ଏହା ପିଲାମାନଙ୍କ ସହ ବରିଷ୍ଠ ନାଗରିକ ଓ ରାସ୍ତାରେ ଚଳପ୍ରଚଳ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କ୍ଷତି ପହଞ୍ଚାଉଛି। ଓଡ଼ିଶା ଭଳି ଏକ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଥିବା ରାଜ୍ୟରୁ ଆସିଥିବାରୁ ଦିଲ୍ଲୀ



ପ୍ରଦୂଷଣର ଅବସ୍ଥାକୁ ମୁଁ ବୁଝିପାରୁଛି। ତେବେ ପ୍ରତିବର୍ଷ ଏପରି ମନୁଷ୍ୟକୃତ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହେଉଥିବା ବେଳେ ଏହି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଅଧିବେଶନ ଆୟୋଜନ କରିଚାଲିଛୁ। ଗୃହର ସଦସ୍ୟ, ଅଧିକାରୀ, ଡ୍ରାଇଭର, ସଫେଇ କର୍ମଚାରୀ ଏବଂ ସୁରକ୍ଷା କର୍ମୀମାନେ ଏହି ଗୃହକୁ କାର୍ଯ୍ୟକ୍ଷମ ରଖିବା ପାଇଁ ପ୍ରତିଦିନ ଏହି ବିଷାକ୍ତ ବାୟୁକୁ ନିଃଶ୍ୱାସ ପ୍ରଶ୍ୱାସ ନେଉଛନ୍ତି। ଆମେ ସେମାନଙ୍କ କଷ୍ଟକୁ ଅଣଦେଖା କରିପାରିବା ନାହିଁ। ତେଣୁ ସ୍ଥିତି ସ୍ୱାଭାବିକ ହେବା ଓ ଦିଲ୍ଲୀ ନିରାପଦ ସାବ୍ୟସ୍ତ ନହେବା ପର୍ଯ୍ୟନ୍ତ ସଂସଦର ଶୀତ ଅଧିବେଶନ ଓ ବଜେଟ ଅଧିବେଶନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱର, ହାଇଦ୍ରାବାଦ, ଗାନ୍ଧୀନଗର, ବେଙ୍ଗାଲୁରୁ, ଗୋଆ, ଡେରାଡୁନ ଆଦି ଅନେକ ସହରର ବାୟୁ ସ୍ୱଚ୍ଛ ଓ ଭିତ୍ତିଭୂମି ମଧ୍ୟ ସୁଦୃଢ଼ ରହିଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଓଡ଼ିଶା ଲକ୍ଷ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ସହ ସେମାନଙ୍କ ଜୀବନ ରକ୍ଷା କରିପାରୁଛି, ତେବେ ସଂସଦର ଏହି ଦୁଇଟି ଅଧିବେଶନକୁ ଆମେ ଅନ୍ୟତ୍ର ସ୍ଥାନାନ୍ତର କରିପାରିବା ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ଏହାଦ୍ୱାରା ଆମେ ଆମ ସାଂସଦଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରଖିପାରିବା। ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ। ଏହା ଜୀବନ ଏବଂ ସଦସ୍ୟଙ୍କ ଅଧିକାରର କଥା। ସଂସଦ ଏନେଇ ଆଗକୁ ଆସିବା ଆବଶ୍ୟକ। ତେଣୁ ବିଳମ୍ବ ନକରି ଏହାକୁ ତୁରନ୍ତ ଏନେଇ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

■ ୪୦୦୦ କେଜି ବିସ୍ଫୋରକ ଡକାୟତି ମାମଲା

## ୧୧ମାଓବାଦୀଙ୍କ ବିରୋଧରେ ଏନ୍‌ଆଇଏର ଚାର୍ଜସିଟ୍

ଭୁବନେଶ୍ୱର, ୯।୧୨(ସମିସ): ପଥର ଖଣିରୁ ୪ହଜାର କେଜି ବିସ୍ଫୋରକ ଲୁଟ୍ ମାମଲାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ୧୧ମାଓବାଦୀଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଜର୍ଜ ମୁଣ୍ଡା, ଅନ୍‌ମୋଲ୍ ଓରଫ୍ ଲାଲଚାନ୍ଦ ହେମ୍ରମ୍, ରମେଶ ଓରଫ ପ୍ରୀତମ ମାଝୀ, ପିଣ୍ଟୁ ଲୋହରା, ଲାଲଜିତ ଓରଫ ଲଲୁ, ଶିବା ବୋଦରା, ଅମିତ ମୁଣ୍ଡା ଓରଫ ଶୁକ୍ଲାଲାଲ୍, ରବି ଓରଫ ବିରେନ୍ ସିଂହ, ରାଜେସ ମନସିଦ୍, ସୋହନ ରାଙ୍ଗା ପୁନେମ୍, ଅପତାନ୍ ଚନ୍ଦ୍ରମୋହନ ହାଂସଦାଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଛି।

ଗତ ମେ ୨୭ତାରିଖରେ ଝାଡଖଣ୍ଡ ରାଜ୍ୟରେ ବାଙ୍କୋ ଅଞ୍ଚଳରେ ଥିବା ପଥର ଖଣିକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା ଏକ ଟ୍ରକ୍‌କୁ ସରଣ୍ଡା ଜଙ୍ଗଲରେ ମାଓବାଦୀମାନେ ରୋକିଥିଲେ। ଏଥିରେ ଚାଲାଣ ହେଉଥିବା ୨୦ କେଜି ଲେଖାଏଁ ଓଜନ ବିଶିଷ୍ଟ ୨୦୦ ପ୍ୟାକେଟ୍ ବିସ୍ଫୋରକକୁ ସେମାନେ ଲୁଟି ନେଇଥିଲେ। ଜର୍ଜ ମାଓବାଦୀ ମାନଙ୍କୁ ଟ୍ରକ୍‌ର ଗତିବିଧି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଆଧାରରେ ମାଓନେତା ଅନମୋଲ ଓ ତାଙ୍କ ସହଯୋଗୀ ଟ୍ରକ୍‌ରୁ ବିସ୍ଫୋରକ ସାମଗ୍ରୀ ଲୁଟ୍ କରିଥିଲେ।

ଓଡ଼ିଶା ଓ ଝାଡ଼ଖଣ୍ଡ ପୁଲିସ ଏହାର ତଦନ୍ତ କରି ରାଉରକେଲାରୁ ଜର୍ଜ ମୁଣ୍ଡାଙ୍କୁ ଗିରଫ କରିଥିଲା। ଏତେ ପରିମାଣର ବିସ୍ଫୋରକ୍ ମାଓବାଦୀଙ୍କ ହାତରେ ଲାଗିଯିବାରୁ ଏହା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିଲା। ଏଣୁ ଏହି ମାମଲା ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଥିଲା। ଏନ୍‌ଆଇଏ ଏହି ମାମଲାର ତଦନ୍ତ କରିବା ସହ ଗୁରୁବାର ଚାର୍ଜସିଟ୍ ଦାଖଲ କରିଛି।

## ଏନ୍‌ଆଇଟିର ସ୍ୱଦେଶୀ ଏଆଇ ରୋବୋଟ୍ ପାଟେଣ୍ଟ ବିକଶିତ

ରାଉରକେଲା, ୧୧।୧୨(ସମିସ): ରାଉରକେଲା ଏନ୍‌ଆଇଟିର ଗବେଷକମାନେ ଏକ ରୋବୋଟିକ୍ ସିଷ୍ଟମ୍ ବିକଶିତ କରିଛନ୍ତି। ଏହା ମଣିଷ ପରି କଥୋପକଥନ କରିବା ପାଇଁ ଡିଜାଇନ୍ କରାଯାଇଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଓ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ (ଏଲ୍‌ଏଲ୍‌ଏମ୍) ବ୍ୟବହାର କରି ଏହି ଉଦ୍ଭାବନରେ ମୌଖିକ ଓ ଅଣ-ମୌଖିକ ଯୋଗାଯୋଗକୁ ଏକୀକୃତ କରି ନିର୍ବିଘ୍ନରେ ମାନବଯନ୍ତ୍ର ଭାବ ବିନିମୟ ସୃଷ୍ଟି କରିବା ଉପରେ ଧ୍ୟାନ ଦିଆଯାଇଛି। ଉତ୍ପାଦନ ସ୍କେଲ ଓ ଉପାଦାନ ଅପ୍ଟିମାଇଜେସନ୍ ଉପରେ ଆଧାର କରି ଏନ୍‌ଆଇଟି ରାଉରକେଲାରେ ବିକଶିତ ଏହି ରୋବୋଟ୍‌ର ମୂଲ୍ୟ ଆନୁମାନିକ ୮୦,୦୦୦ ରୁ ୯୦,୦୦୦ ଟଙ୍କା ମଧ୍ୟରେ ହେବ ବୋଲି ଆଶା କରାଯାଉଛି। ଏହି ସିଷ୍ଟମରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଇଣ୍ଟିଗ୍ରେସନ୍ ରୋବୋଟ୍ ବ୍ୟବହାରକାରୀଙ୍କ ମୁହଁର ଅଭିବ୍ୟକ୍ତି ଯେପରିକି ଖୁସି, ନିରପେକ୍ଷ କିମ୍ବା ଦୁଃଖ ଆଦିକୁ ବୁଝିବା ପାଇଁ ସକ୍ଷମ କରିଥାଏ। ଏହାବ୍ୟତୀତ ହାତ ହଲାଇବା ଓ ହାତ ଉଠାଇବା ଭଳି ସାଧାରଣ ସାଙ୍କେତିକ ଭାଷା ବୁଝିପାରିବ ଏବଂ ଉପଯୁକ୍ତ ପ୍ରତିକ୍ରିୟା ଦେଇପାରିବ। ଏହି ବିକଶିତ ସିଷ୍ଟମ୍ ସଂପର୍କରେ ଏନ୍‌ଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର୍ ଡ. ଅନୁପ ନନ୍ଦୀ କହିଛନ୍ତି, ସ୍ୱଦେଶୀ ଭାବରେ ବିକଶିତ ଏହି ରୋବୋଟିକ୍ ସିଷ୍ଟମ୍ ଭାରତ ସରକାରଙ୍କ ମେକ୍-ଇନ୍ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତ ପଦକ୍ଷେପ ସହ ଗୁରୁତ୍ୱପୂର୍ଣ୍ଣ ଭାବରେ ସମନ୍ୱିତ। ସୁଲଭ ମୂଲ୍ୟରେ ଉପଲବ୍ଧ, ଏହି ରୋବୋଟ୍ ମାନବୀୟ ହାବଭାବ, ଭାବପ୍ରବଣତା, କଥାବାର୍ତ୍ତା ଓ ଏଲ୍‌ଏଲ୍‌ଏମ୍-ଆଧାରିତ ଯୋଗାଯୋଗକୁ ଚିହ୍ନିବାର କ୍ଷମତାକୁ ବହନ କରେ।



ସୂଚନାଯୋଗ୍ୟ ଯେ ରୋବୋଟ୍‌ର ଯାତାୟତ କରିବା ପାଇଁ ଏଥରେ ଚକ-ଆଧାରିତ ପ୍ଲାଟଫର୍ମ ଓ ନାଭିଗେସନ୍ ସିଷ୍ଟମ୍ ଖଞ୍ଜାଯାଇଛି। ବିଲ୍ଟଇନ୍ ଡିଷ୍ଟାନ୍ସ-ସେନ୍ସିଂ ମଡ୍ୟୁଲ୍ ଏହାକୁ ବାଧାଗୁଡ଼ିକୁ ଏଡ଼ାଇବା ଏବଂ ଏକ ଭିଡ଼ ସ୍ଥାନରେ ସୁରକ୍ଷିତ ଭାବରେ ଯାତାୟତ କରିବା ପାଇଁ ସକ୍ଷମ କରିଥାଏ। ଘରେ, ଏହି ରୋବଟ୍ ବୟସ୍କ ବ୍ୟକ୍ତିମାନଙ୍କର ଇଙ୍ଗିତ, ମୁଖମଣ୍ଡଳର ଅଭିବ୍ୟକ୍ତି ଚିହ୍ନଟ କରି, ସାଥୀ ଭାବରେ ସହାୟତା ପ୍ରଦାନ କରି ଏବଂ ସରଳ ନିର୍ଦ୍ଦେଶଗୁଡ଼ିକର ଉତ୍ତର ଦେଇପାରିବ। ସେହିପରି ଶିକ୍ଷା କେନ୍ଦ୍ରଗୁଡ଼ିକରେ, ଏହା ସାଙ୍କେତିକ ଭାଷା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରିପାରିବ ଏବଂ ଜଟିଳ ବିଷୟଗୁଡ଼ିକର ସଂଳାପ-ଆଧାରିତ ବ୍ୟାଖ୍ୟା ପ୍ରଦାନ କରିପାରିବ। ହସ୍ପିଟାଲ, କର୍ମକ୍ଷେତ୍ର ତଥା କମ୍ୟୁନିଟି ସେଣ୍ଟରଗୁଡ଼ିକରେ, ଏହି ରୋବଟ୍ ଜଣେ ବନ୍ଧୁ ଭାବରେ ସାହାଯ୍ୟ କରିପାରିବ।

# ପାଞ୍ଚ ବର୍ଷରେ ପୂରଣ ହେବ ଦେଢ଼ଲକ୍ଷ ପଦ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୧।୧୨(ସମିସ): ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ୬ ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛୁ। ୫ ବର୍ଷରେ ଖାଲିଥିବା ସମସ୍ତ ୧.୫ ଲକ୍ଷ ପଦ ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳା ୨୦୨୫ରେ ମୁଖ୍ୟମନ୍ତ୍ରୀ ତିନୋଟି ବିଭାଗରେ ୫୯୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ




■ ୩ ବିଭାଗର ୫୯୧ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ
■ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା ଲୋକାର୍ପିତ
■ ୫ ବର୍ଷରେ ନିର୍ମାଣ ହେବ ୩ ହଜାର ଚେକ୍ ଡ୍ୟାମ୍
■ ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ

ମୁଖ୍ୟମନ୍ତ୍ରୀ ୨୪୮୮ କୋଟି ଟଙ୍କାର ଜଳ ସେଚନ ପ୍ରକଳ୍ପର ଶୁଭାରମ୍ଭ ସହ ୪୨୫ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ କରିଛନ୍ତି। ସେହିପରି ୨୦୬୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରାଯାଇଛି।


ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଛନ୍ତି। ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏହାଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ । ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଯାଇଛ ଓ ଯୋଜନା ୩.୦ ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି ।

ଆଜିର କାର୍ଯ୍ୟକ୍ରମରେ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

# ହାତୀ ପାଦ ତଳେ ଗଲା ୨ ଜୀବନ

## ହାତୀଙ୍କୁ ଡାକୁଛି ପାଚିଲା ଧାନ ବାସ୍ନା

ରାଇରଙ୍ଗପୁର/କରଞ୍ଜିଆ,୧୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ହାତୀ ଆକ୍ରମଣରେ ପୁଣି ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ, ରରୁଆଁ ବ୍ଲକ୍ ଅନ୍ତର୍ଗତ ଜବାସାହିର ରାଜୁ ପୂର୍ତ୍ତି। ସେ ଝାଡ଼ଖଣ୍ଡ



■ ଯୁବକଙ୍କୁ ଦଳିଦେଲା ହାତୀ
■ ହାତୀ ଭୟରେ ୧୦୦ ଗ୍ରାମର ଲୋକେ ଆତଙ୍କିତ
■ ପାଳି କରି ଜଗୁଛନ୍ତି ଗାଁ

ରାଜ୍ୟ ମଝିଆ ଅଞ୍ଚଳ ସାଦମାସାଇ ଗ୍ରାମର ମାଲି ପୂର୍ତ୍ତିଙ୍କ ପୁଅ। ହାତୀପଲଙ୍କୁ ଘଉଡ଼ାଇବାକୁ ରାଜୁ ଧାନ କ୍ଷେତକୁ ଯାଇଥିବା ବେଳେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ରାଜୁଙ୍କୁ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

ସୂଚନାଯୋଗ୍ୟ, ଏବେ ଧାନ ଅମଳ ଚାଲିଥିବା ବେଳେ ପାଚିଲା ଧାନ ବାସ୍ନା ହାତୀପଲଙ୍କୁ ଜନବସତିକୁ ଟାଣି ଆଣୁଛି। କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ କିଛି ଦିନ ହେବ ୫୧ ଟିକିଆ ଏକ ଝାଡ଼ଖଣ୍ଡୀ ହାତୀପଲ ଚଳପ୍ରଚଳ କରୁଛନ୍ତି। ବନଖଣ୍ଡର ପୃଥକ୍ ପୃଥକ୍ ସ୍ଥାନରେ ଏମାନେ ଦଳଦଳ ହୋଇ ଘୂରି ବୁଲି ଉପଦ୍ରବ କରୁଛନ୍ତି। ଦିନସାରା ଜଙ୍ଗଲରେ ରହୁଥିବା ବେଳେ ରାତିରେ ପାଚିଲା ଧାନ ଖାଇବାକୁ କ୍ଷେତ ଓ ଜନବସତିମୁହାଁ ହେଉଛନ୍ତି। ହାତୀପଲଙ୍କ ଚଳପ୍ରଚଳ ଯୋଗୁଁ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଧାନ କ୍ଷେତରେ ପଶି ଯେତିକି ଫସଲ ଖାଉଛନ୍ତି, ତା'ଠାରୁ ବେଶି ଦଳି ଚକଟି ନଷ୍ଟ କରୁଛନ୍ତି। ଏହାକୁ ରୋକିବାକୁ ପ୍ରୟାସ କରି ହାତୀ ପାଦତଳେ ଲୋକଙ୍କ ଜୀବନ ଯାଉଛି। ଅପରପକ୍ଷେ, ରାତି ଅଧରେ ହାତୀପଲ ଗାଁରେ ପଶି ଯାଉଥିବାରୁ ଗ୍ରାମବାସୀ ପାଳି କରି ଗାଁ ଜଗୁଛନ୍ତି। ରାତିତମାମ ଲୋକେ ଘରେ ନ ଶୋଇ ନିଆଁ ଜାଳି ଜଗି ରହୁଛନ୍ତି। ଅପରପକ୍ଷେ ହାତୀପଲଙ୍କ ଉପଦ୍ରବ ଯୋଗୁଁ ବନ ବିଭାଗ ନାକେଦମ୍ ହେଉଛି। ହାତୀମାନଙ୍କ ଗତିବିଧି ଉପରେ ବନ ବିଭାଗ ଟିମ୍ ନଜର ରଖିଛନ୍ତି। ସେମାନଙ୍କୁ ଜନବସତିଠାରୁ ଦୂରକୁ ନେବାକୁ ନିୟମିତ ପ୍ରୟାସ କରୁଛନ୍ତି। କିନ୍ତୁ ହାତୀପଲ ବାରମ୍ବାର ଜନବସତି ନିକଟତର ହେଉଛନ୍ତି।

## ଘରୁ ଟାଣି ଆଣି ମହିଳାଙ୍କୁ ଦଳିଦେଲା

ତୁରେକେଲା, ୧୧।୧୨(ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ଛତରଦାଣ୍ଡି ଜଙ୍ଗଲରେ ୩୦ ଟିକିଆ ହାତୀ ପଲଙ୍କ ଉପଦ୍ରବ ବୃଦ୍ଧି ପାଇଛି। ହାତୀପଲ ଗାଁ ଗାଁରେ ପଶି ଘରଦ୍ୱାର ଭାଙ୍ଗୁଛନ୍ତି। ବୁଧବାର ମଧ୍ୟ ରାତିରେ ବଙ୍ଗୋମୁଣ୍ଡା ରେଞ୍ଜ ତୁରେକେଲା ଥାନା ସାନବାଙ୍କୀ ଗାଁରୁ ଅଳ୍ପ ଦୂରରେ ଥିବା ଜଣେ ମହିଳାଙ୍କୁ ଘରୁ ଟାଣି ଆଣି ହାତୀ ଦଳି ଦେଇଛି। ମୃତ ମହିଳାଜଣଙ୍କ ହେଲେ, ମନ୍ଦାର ପୁଟେଲ। ସେ ଘରେ ଶୋଇଥିବା ବେଳେ ଏହି ଘଟଣା ଘଟିଥିଲା। ତାଙ୍କୁ ଉଦ୍ଧାର କରିବା ବେଳେ ତାଙ୍କ ସ୍ୱାମୀ ଏବଂ ଶଶୁର ମଧ୍ୟ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ସ୍ଥାନୀୟ ଲୋକ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ବିଧାନସଭା ସମ୍ମୁଖରେ ଗର୍ଜିଲେ ଆଶା କର୍ମୀ

### ଭତ୍ତାବୃଦ୍ଧି, ବୟସସୀମା ବୃଦ୍ଧି ଓ ଅନ୍ୟାନ୍ୟ ଦାବିରେ ବିଶାଳ ବିକ୍ଷୋଭ

ଭୁବନେଶ୍ୱର, ୧୧।୧୨(ସମିସ): ଭତ୍ତା ବୃଦ୍ଧି ଓ ନିୟମିତ ଭତ୍ତା ପ୍ରଦାନ ଦାବିରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଆଶାକର୍ମୀ ସଂଘକୁ ନେଇ ଗଠିତ ଆଶାକର୍ମୀ ୟୁନିୟନ୍ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଛି ବିଶାଳ ବିକ୍ଷୋଭ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଆଶାକର୍ମୀ ବ୍ୟାନର ଓ ପତାକା ଧରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଶୋଭାଯାତ୍ରାରେ ବାହାରି ପିଏମଜି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ ସ୍ଥଳରେ ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇଟିୟୁସି ସହବନ୍ଧିତ ଆଶାକର୍ମୀ ସଂଘର ସାଧାରଣ ସମ୍ପାଦିକା ନମିତା ସାହୁ, ଏନ୍‌ଏଫ୍‌ଆଇଟିୟୁ ନେତା ବାଳକୃଷ୍ଣ ଭୋଇ ପ୍ରମୁଖ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଶା କର୍ମୀଙ୍କ ଭତ୍ତା ବୃଦ୍ଧି ଓ ନିୟମିତ ଭାବେ ସମସ୍ତ ଭତ୍ତା ପ୍ରଦାନ, ମାସିକ ସୁନିଶ୍ଚିତ ଭତ୍ତା ପରିବର୍ତ୍ତେ ଭତ୍ତା ଧାର୍ଯ୍ୟ କରିବା, ବିଭିନ୍ନ ଇନ୍‌ସେନ୍‌ଟିଭକୁ ମାସିକ ସୁନିଶ୍ଚିତ



ଭତ୍ତା ସହ ଯୋଗ କରି ଭତ୍ତା ପ୍ରଦାନ, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି ସହ ସହାୟତା ରାଶି ୫ଲକ୍ଷ ଟଙ୍କା ପ୍ରଦାନ, ପେନ୍‌ସନ୍ ମାସିକ ୩ହଜାର, ମୃତ୍ୟୁକାଳୀନ ସହାୟତା ରାଶି ୩ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ସହରାଞ୍ଚଳ କର୍ମୀଙ୍କୁ ଜନନୀ ସୁରକ୍ଷା ଦେୟ ପ୍ରଦାନ, କେନ୍ଦ୍ର ସରକାରଙ୍କ ସୁପାରିଶ ଅନୁଯାୟୀ ଏଏନ୍‌ଏମ୍ ପ୍ରମୋଶନ, ନର୍ସିଂ ତାଲିମ୍ ପାଇଁ କୋଟା ଧାର୍ଯ୍ୟ ସହ ନୂତନ ୫ଜି ମୋବାଇଲ ଓ ଅନ୍‌ଲିମିଟେଡ୍ ଡାଟା ପ୍ୟାକ୍ ପ୍ରଦାନ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ ଆଦି ଦାବି କରାଯାଇଥିଲା। ରମଣୀରଞ୍ଜନ ରାଉତରାୟ, ମାତିଲ୍ଦା କୁଲ୍ଲୁ, ତୀର୍ଥ ପ୍ରଧାନ, ଲକ୍ଷ୍ମୀ ମହାରଣା, ରଶ୍ମୀତା ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ଏଆଇଟିୟୁସି ନେତା ସୁର ଜେନା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ନବୋଦୟ ଛାତ୍ରଙ୍କ ମୃତ୍ୟୁ ମାମଲା

# ଉଚ୍ଚସ୍ତରୀୟ କମିଟିର ତଦନ୍ତ

ନୂଆପଡ଼ା, ୧୧ ।୧୨(ସମିସ)

ନୂଆପଡ଼ା ଜିଲ୍ଲା କୋମନା ଥାନା ତରବୋଡ଼ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଦିନେଶ ଶବରଙ୍କ ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ଟିମ୍ ବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ତରବୋଡ଼ ପୁଲିସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ତଦନ୍ତ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଯେ ବୁଧବାର ବିଦ୍ୟାଳୟରେ ଫୁଟବଲ ଖେଳ ଚାଲିଥିଲା। ଖେଳର ବିରତି ସମୟରେ ୧୦ମ ଶ୍ରେଣୀର ଛାତ୍ର ଦିନେଶ ପାଣି ପିଇବା ପରେ ହଠାତ ତଳେ ପଡ଼ି ଯିବା ସହ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ବିଦ୍ୟାଳୟ ପକ୍ଷରୁ ଗାଡି ଯୋଗେ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ କୋମନା ବ୍ଲକ ଘୋଟସର ଗାଁରେ ମୃତ ଦିନେଶଙ୍କ ଘର ତାଙ୍କ ବାପା-ମା' ବ୍ରହ୍ମପୁରରେ କୌଣସି କାମରେ ନିୟୋଜିତ ଥିଲେ। ବାପା ମାଆ ଗୁରୁବାର ସକାଳେ ନୂଆପଡ଼ାରେ ପହଞ୍ଚି ନବୋଦୟ ବିଦ୍ୟାଳୟକୁ ଯାଇ ସବିଶେଷ ବିବରଣୀ ସଂଗ୍ରହ କରିଥିଲେ। ଅନ୍ୟପକ୍ଷେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ନେତୃତ୍ୱରେ ଟିମ୍ ଗଠନ କରି ତଦନ୍ତ ପାଇଁ ପଠାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ ଘଟଣାସ୍ଥଳ



ପରିଦର୍ଶନ କରି ସରଜମିନ ତଦନ୍ତ କରିଥିଲେ। ଅନ୍ୟପଟେ ମଧ୍ୟାହ୍ନରେ ତରବୋଡ଼ ଫାଣ୍ଡିରୁ ଏକ ପୁଲିସ ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବ୍ୟବଚ୍ଛେଦ ଗୃହ ନିକଟରେ ମୃତଦେହର ତଦନ୍ତ କରିଥିଲେ। ଏହାକୁ ନେଇ ମାମଲା ରୁଜୁ କରି ସବିଶେଷ ତଦନ୍ତ ଚାଲିଥିବା ପୁଲିସ ସୂତ୍ରରୁ ପ୍ରକାଶ।

---

## ■ ଗାଁରେ ହଟହଟା ହେଲେ ସମ୍ପର୍କୀୟ ଶ୍ୱଶୁର

# ମହିଳାଙ୍କୁ ଆଶାଳୀନ ବ୍ୟବହାର ଅଭିଯୋଗ

**ଭବାନୀପାଟଣା, ୧୧ ।୧୨(ସମିସ):** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବାଦିଲି ଗାଁରେ ଏକ ଅଭାବନୀୟ ଘଟଣାକୁ ନେଇ ଗତ ୫ଦିନ ହେବ ପରିସ୍ଥିତି ଗୁରୁତର ଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଜଣେ ବୃଦ୍ଧ ନିଜବସ୍ତିର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗ ଭିନ୍ନ ରୂପ ନେଇଥିଲା। ମହିଳାଙ୍କ ସମ୍ପର୍କୀୟ ଶ୍ୱଶୁର କୁହାଯାଉଥିବା ବୃଦ୍ଧଙ୍କୁ ଅର୍ଦ୍ଧ ଲଣ୍ଡା କରି ଚପଲ ମାଳା ପିନ୍ଧାଇ ଗାଁରେ ବୁଲାଇବା ସାଧାରଣରେ ତୀବ୍ର ଆଲୋଡନ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଦଲି ଗାଁର ୱାର୍ଡ ନଂ-୧୩ ଚଞ୍ଚରାପଡ଼ାରେ ଗତ ୭ ତାରିଖ ସକାଳେ ପ୍ରାୟ ୮ଟାରେ ଜଣେ ମହିଳା ନଳକୂଅକୁ ପାଣି ଆଣିବାକୁ ଆସିଥିଲେ। ସେତେବେଳେ ଜଣେ ବୟସ୍କ ବ୍ୟକ୍ତି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ମହିଳା ପରିବାର ଲୋକଙ୍କୁ ଜଣାଇବା ପରେ ଉତ୍ତ୍ୟକ୍ତ ହୋଇ ବୟସ୍କ ବ୍ୟକ୍ତିଙ୍କୁ ନେଇ ଗାଁରେ ଥିବା ଲକ୍ଷ୍ମୀପୂଜା ମଣ୍ଡପରେ ବୈଠକ ବସିଥିଲା। ଏଥିରେ ୨ ଜଣ ଲୋକ ପ୍ରତିନିଧି ମଧ୍ୟ ସାମିଲ ହୋଇଥିବା ଜଣାପଡ଼ିଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ବୟସ୍କ ବ୍ୟକ୍ତିଙ୍କୁ ୩ ଧାରିଆ (ଗଜନୀ ଷ୍ଟାଇଲରେ) ନଣ୍ଡା କରି ଚପଲ ମାଳା

**ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ**

ବେକରେ ପକାଇ ଲକ୍ଷ୍ମୀପୂଜା ମଣ୍ଡପରୁ ଚଞ୍ଚରାପଡ଼ା ଘରକୁ ଚଲାଇ ଚଲାଇ ଆଣିଥିଲେ। ଅନ୍ୟପକ୍ଷରେ ଏହି ଘଟଣାକୁ ମୋବାଇଲରେ ଭିଡିଓ କଏଦ କରି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଲୋକ ଲୋଚନକୁ ଆସିଥିଲା। ମହିଳା ଓ ବୃଦ୍ଧ ଜଣକ ସମ୍ପର୍କୀୟ ପୁତୁରା ବୋହୂ ଓ ଶ୍ୱଶୁର ହୋଇଥିବା ଜଣାପଡ଼ିଛି ।ଭବାନୀପାଟଣା ସଦରଥାନାରେ ସମୁଦାୟ ଘଟଣାରେ ଉଭୟଙ୍କ ପକ୍ଷରୁ ପୃଥକ ଥାନାରେ ୨ ଟି ମାମଲା ରୁଜୁ ହୋଇଥିବାବେଳେ ଉଭୟ ପକ୍ଷଙ୍କୁ ପୁଲିସ ନୋଟିସ ଜାରି କରିଥିବା ଭବାନୀପାଟଣା ସଦର ଏସ୍‌ଡିପିଓ ନରେଶ ପ୍ରଧାନ ସୂଚନା ଦେଇଛନ୍ତି।

---

# ପର୍ଯ୍ୟଟନର ବିକାଶ ପାଇଁ ଦାବିପତ୍ର

**ନୂଆପଡ଼ା, ୧୧ ।୧୨ (ସମିସ):** ଖଡିଆଳ ନିର୍ବାଚନ ମଣ୍ଡଳୀର ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି



ଖଡିଆଳ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଲମ୍ବୋଦର ନିଆଲ। ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପର୍ଯ୍ୟଟନ ପାଇଁ ବହୁ ସମ୍ଭାବନା ରହିଛି। ଏଗୁଡିକର ବିକାଶ ହେଲେ ସାଧାରଣ ଲୋକଙ୍କ ଜୀବ ଜୀବିକା ମଧ୍ୟ ପ୍ରଭାବିତ ହେବ। ଏଥିପାଇଁ ବୋଡେନ ବ୍ଲକ ପାତଳଗଙ୍ଗାର ବିଭିନ୍ନ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା, ଉପକାଗଙ୍ଗା ପାଇଁ ୧୦ କୋଟି ଓ ସିନାପାଲି ବ୍ଲକର ଥିପାଖୋଲ ପର୍ଯ୍ୟଟନ ସ୍ଥଳି ପାଇଁ ୬ କୋଟି ୬୨ ଲକ୍ଷ ଟଙ୍କାର ଅନୁଦାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ତାଙ୍କ ସହିତ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉପସ୍ଥିତ ରହିଥିଲେ। ଏହା ଉପରେ ବିଚାର କରି ଅଞ୍ଚଳରେ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀମତି ପରିଡ଼ା କହିଛନ୍ତି।

---

# ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି

**ଲାଞ୍ଜିଗଡ଼, ୧୧ ।୧୨ (ସମିସ):** ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ପୂର୍ବରୁ ପଞ୍ଚାୟତ ଓ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ଏଥର ଯାକଜମକ ଓ ଭବ୍ୟ କରିବାକୁ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳୀୟାର ସିଂହ ବିବରଣୀ ପାଠ କରିବା ପରେ ବୈଠକ ଆରମ୍ଭ ହୋଇଥିଲା। ଏଥିରେ କାନକୁଟ୍ରୁ ସମିତିସଭ୍ୟ ମନୋହର ହରପାଲ, ପାହାଡ଼ପଦର ସମିତିସଭ୍ୟ ଜଗଦୀଶ ବେନିଆଙ୍କ ସହିତ ବ୍ଲକ ଯୋଗାଣ ଅଧିକାରୀ ଦିଲୀପ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ସିଡିପିଓ ନିରୁପମା ପଟନାୟକ, ଜିପିଡିଓ ଜିତେନ୍ଦ୍ର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ବିଶ୍ୱନାଥପୁର ପୁଲିସ ପକ୍ଷରୁ ବୁଦ୍ଧିଶ୍ୟାମ ମାଝୀ, ବିଶ୍ୱନାଥପୁର ସମିତି ସଭ୍ୟ ଅଜିତ ପ୍ରଧାନୀ, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ସ୍ୱାସ୍ଥ୍ୟ ବିଭାଗ ତରଫରୁ ଦିବାକର ପ୍ରଧାନ, ବରିଷ୍ଠ ନାଗରିକ ବଳରାମ ବେହେରା, ଅନନ୍ତ ପ୍ରଧାନୀ, ସାମ୍ବାଦିକ କୈଳାସ ସାହୁ, ସୁଶୀଲ ବାଗ, ସନ୍ତୋଷ ତୁଳ, ଗୋପାଳଦାସ ମହାନନ୍ଦ, ଏମ. ଚନ୍ଦ୍ରଶେଖର, କ୍ଷମାନିଧି ମହାଖୁଡ଼, ଧର୍ମେନ୍ଦ୍ର ପଣ୍ଡା, ସମାଜସେବୀ ହରିଶଙ୍କର ପାତ୍ର, ଲମ୍ବୋଦର ପ୍ରଧାନ, ଧବଳେଶ୍ୱର ଠେଲା, କିଶୋର ଘଡେଇଙ୍କ ସହିତ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଚଳିତ ବର୍ଷ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବକୁ ଦୁଇଦିନ ଧରି ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା।

---

# ତୁର୍କେଲ୍ ବ୍ରିଜ ନିର୍ମାଣ ଦାବିରେ ଧାରଣା




**ଭବାନୀପାଟଣା, ୧୧ ।୧୨(ସମିସ):** ତୁର୍କେଲ ବ୍ରିଜ ଉପରେ ଯାନବାହାନ ଚଳାଚଳ ବନ୍ଦ କାରଣରୁ ସଦର ବ୍ଲକ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି। ଭବାନୀପାଟଣା-ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ ର ତୁର୍କେଲ୍ ବ୍ରିଜ ଗତ ସେପ୍ଟେମ୍ବର ୨୭ ତାରିଖରେ ଫାଟ ଆସିବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ ତାରିଖରେ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଉପରୁ ଚାରି ଚକିଆ ଯାନବାହନ ସହ ଭାରି ଯାନ ଗମନାଗମନ ବନ୍ଦ କରାଯାଇଥିଲା। ଯାହା ଦ୍ୱାରା ଭବାନୀପାଟଣା ସଦର ବ୍ଲକର କିଛି ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ତଥା ଜିଲ୍ଲା ସଦର ମହକୁମା ଯିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ବନ୍ଦ ଯୋଗୁଁ ସେମାନେ ଏବେ ୩୦ କିଲୋମିଟର୍ ଦୂର ରାସ୍ତାଦେଇ ବୁଲି କି ଯିବାକୁ ପଡୁଛି।ଏହି ରାସ୍ତା ନୂଆପଡ଼ା ସହିତ ରାୟପୁରକୁ ମଧ୍ୟ ସଂଯୋଗ କରୁଛି। ତେଣୁ ଏହି ରାସ୍ତାରେ ଯାତାୟତ ବନ୍ଦ ହେବା ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ତୁର୍କେଲ୍ ବ୍ରିଜ ତୁରନ୍ତ ନିର୍ମାଣ ଦାବି ଓ ଗାଡି ଚଳାଚଳ ପାଇଁ ଗୁରୁବାର ଠାରୁ ଭବାନୀପାଟଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ତୁର୍କେଲ ବ୍ରିଜ ନିକଟରେ ଅନିଦିଷ୍ଟ କାଳ ପାଇଁ ଧାରଣା ଦେଇଛନ୍ତି। ଏହାକୁ ନେଇଁ ବୁଧବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ସେହିପରି ସ୍ଥାନୀୟ ବିଧାୟକ ସାଗର ଚରଣ ଦାସ ଗତ କିଛି ଦିନ ତଳେ ଏହି ବ୍ରିଜ ପରିଦର୍ଶନ କରିବା ସହ ତୁରନ୍ତ ବ୍ରିଜ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।ତେବେ ବ୍ରିଜ ନିର୍ମାଣ ନ ହେଲା ଯାଏଁ କିମ୍ବା କୌଣସି ସମାଧାନର ବାଟ ପ୍ରଶାସନ ପକ୍ଷରୁ ନ ମିଳିଲା ଯାଏଁ ଏହି ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ଏହି ଗଣଧାରଣାରେ ଜିଲ୍ଲା ଉପସଭାପତି ଧନୁର୍ଦ୍ଧର ଗହୀର, ଉଛବ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ, ବ୍ଲକ ସଭାପତି ସୁବାଷ ପ୍ରଧାନ, ବିଧାୟକ ପ୍ରତିନିଧି କୁଞ୍ଜ ବିହାରୀ ସାହୁ, କେଦାର ସାହୁ, ଆଲୋକ ପଟେଲ, କୁନାଲ ଜୁଆଡ଼, ହାତିରାମ ଜୁଆଡ଼, ଗଣେଶ ଛତ୍ରିଆ, ଲବ ମଙ୍ଗରାଜ, କେଶବ ନାଏକ, ଲିଙ୍ଗରାଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

---

# ନୂଆପଡ଼ା ବ୍ଲକ୍‌ରେ 'ଜୁହାର' କାର୍ଯ୍ୟକ୍ରମ

## ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ସଚେତନତା




**ନୂଆପଡ଼ା, ୧୧ ।୧୨(ସମିସ):** ନୂଆପଡ଼ା ବ୍ଲକ ସାଇପଲା ପଞ୍ଚାୟତରେ ଅଭିନବ କାର୍ଯ୍ୟକ୍ରମ 'ଜୁହାର' ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ହିତାଧୀକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଦୀର୍ଘ ଦିନ ଧରି ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ବହୁ ହିତାଧୀକାରୀ ଆବାସ ନିର୍ମାଣ କରୁନାହାନ୍ତି କିମ୍ବା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରୁ ନାହାନ୍ତି। ଫଳରେ ପ୍ରଶାସନ ଉପରେ ଚାପ ସୃଷ୍ଟି ହେବା ସହିତ ନୂତନ କୋଟା ପୂରଣ ପାଇଁ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଜି କ୍ଷମାନିଧି ଭୋଇ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସକ) ଜିଲ୍ଲା ପରିଷଦ, ନାଏବ ସରପଞ୍ଚ ଦେବେନ୍ଦ୍ର କୁମାର ସାହୁ, ୱାର୍ଡ଼ମେମ୍ବର ତୋଷ କୁମାର ସାହୁ, ବିପିସି ଆର୍‌ଏଚ୍ ସଚିନ କୁମାର ପାଢ଼ୀ, ପିଇଓ ପବନ କୁମାର ପଟେଲ, ଜିଆର୍‌ଏସ୍ ନାଗେଶ ସାହୁଙ୍କ ସମ୍ମିଳିତ ଉଦ୍ୟମକ୍ରମେ ଅଭିନବ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଢୋଲ, ନିଶାଣ, ତାସା, ଘଣ୍ଟ ମାଡ ସହିତ ଅଧିକାରୀ ମାନେ ଘରକୁ ଘର ବୁଲି ହାତ ଯୋଡ଼ି ବିନମ୍ର ଭାବରେ ହିତାଧିକାରୀଙ୍କୁ ନିବେଦନ କଲେ ଯେ ଆର୍‌ଏଚ୍ ଯୋଜନାରେ ପ୍ରାପ୍ତ ଆବାସଗୁଡ଼ିକୁ ସେମାନେ ଶୀଘ୍ର ନିର୍ମାଣ କରି ସେମାନଙ୍କ ସ୍ୱପ୍ନର ଘରକୁ ବାସ୍ତବରେ ପରିଣତ କରନ୍ତୁ। ହିତାଧିକାରୀଙ୍କୁ ମାଳା ଅର୍ପଣ କରି ସମ୍ମାନର ସହ ସେମାନଙ୍କୁ ଘର ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାପାଇଁ ପ୍ରେରିତ କରାଗଲା।

---

# ମା' ସାରଦା ଦେବୀଙ୍କ ଜନ୍ମ ଉତ୍ସବ

**ମ.ରାମପୁର, ୧୧ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ପରିସରରେ ମା'ସାରଦା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ପ୍ରାତଃରୁ ପୂଜା ହୋମ ସମାପନ ପରେ ସ୍ୱାମୀ ଅଶୋକାନନ୍ଦଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ପୁରୋହିତ, ମୁଖ୍ୟବକ୍ତା ଭାବେ ସୁଶ୍ରୀ ସରସ୍ୱତୀ ମିଶ୍ର, ସମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ ଯୋଗ ଦେଇ ମା'ସାରଦା ଦେବୀଙ୍କ ଜୀବନାଦର୍ଶ ଓ ବାଣୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାର ପ୍ରାରମ୍ଭରେ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା। ମଞ୍ଚସୀନ ଅତିଥିଙ୍କ ଦ୍ୱାରା ଆଶ୍ରମର ପ୍ରାଚୀର ପତ୍ରିକା ଶିଖା ଉନ୍ମୋଚିତ ହୋଇଥିଲା। ଉକ୍ତ ସଭାକୁ ଆଶ୍ରମର ବଟ କିଶୋର ପ୍ରଧାନ ସଂଯୋଜନା କରିଥିବା ବେଳେ ଉମାକାନ୍ତ ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

---

# ବିଶ୍ୱ ମାନବ ଅଧିକାର ଦିବସ ପାଳିତ

**ଭବାନୀପାଟଣା, ୧୧ ।୧୨ (ସମିସ):** ସ୍ଥାନୀୟସରକାରୀ ମହିଳା ମହାବିଦ୍ୟାଳୟରେ ବିଶ୍ୱମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼.ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟର ଆକାଡେମୀକ ବର୍ଷର ହେମନ୍ତ କୁମାର ମାଝୀ ଯୋଗ ଦେଇଥିଲେ। ଦିବସ ପାଳନର ଉଦ୍ଦେଶ୍ୟ ଓ ସମାଜରେ କିପରି ଲୋକଙ୍କ ଉପରେ ଅତ୍ୟାଚାର ଓ ଆକ୍ରମଣ ଘଟି ଚାଲିଛି ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡ଼.ଜେନା ଦିବସ ପାଳନର ଉଦ୍ଦେଶ୍ୟ ତଥା ଲିଙ୍ଗଗତ ଭେଦ, ଜାତିବାଦ, ବର୍ଣ୍ଣ ବୈଷମ୍ୟ କିପରି ସମଗ୍ର ବିଶ୍ୱରେ ଦେଖାଦେଇଥିଲା ଏବଂ ବର୍ତ୍ତମାନ ମଧ୍ୟ ସମାଜରେ ରହିଥିବା କଥା ଆଲୋଚନା କରିଥିଲେ। ଅଧ୍ୟାପିକା ଡ଼.ସୁରେଶ୍ୱରୀ ବାଘ, ସୁଜାତା ସାହୁ, ଅଧ୍ୟାପକ ଡ଼. ଶୁଭମ ତ୍ରିପାଠୀ ଏବଂ ଛାତ୍ରୀ ଝରଣା ନାଏକ ଓ ସୁନିତା ସାହୁ ଦିବସ ସମ୍ପର୍କରେ ସମ୍ୟକ ଆଲୋଚନା କରିଥିଲେ। ଶେଷରେ ଡକ୍ୟୁମେଣ୍ଟାରୀ ଫିଲ୍ମ ଇଣ୍ଡିଆ ଅନଟଚେଡ୍ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଗଣ ଓ କର୍ମଚାରୀ ଯୋଗଦାନ କରିଥିଲେ।

---

# ଦେବାଶିଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ





**କୋକସରା, ୧୧ ।୧୨(ସମିସ):** କୋକସରା ବ୍ଲକ କାଉଡୋଲା ୟଙ୍ଗ୍ ଷ୍ଟାର୍ ଆସୋସିଏସନ ପକ୍ଷରୁ ଗୁରୁବାର ଦେବାଶିଷ ମେମୋରିଆଲ ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଇଛି। ମୁଖ୍ୟଅତିଥି ଭାବେ ସୁରଥ ସରାବୁ ଯୋଗଦେଇ ଥିଲେ। ଅବସରପ୍ରାପ୍ତ ଶିକ୍ଷକ ଗଣେଶ ସତନାମି, ରଜନୀକାନ୍ତ ସରାବୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ସିଉନି ଓ ଡୁଡୁକାଠେଙ୍ଗା ମଧ୍ୟରେ ଖେଳ ହୋଇଥିଲା। ସିଉନି ୧୦ ଓଭର୍‌ରେ ୧୩୮ ରନ୍ ସଂଗ୍ରହ କରିଥିବା ବେଳେ ଡୁଡୁକାଠେଙ୍ଗା ୯ ୱିକେଟ ହରାଇ ୧୧୮ ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ସିର୍ଲିଗୁଡା ବନାମ ରଏନଗୁଡା ମଧ୍ୟରେ ହୋଇଥିଲା। ରଏନଗୁଡା ଦଳ ୬ ଓଭର୍ ରେ ମ୍ୟାଚ୍ ବିଜୟ ହୋଇ ଥିଲେ। ଶୌରଭ ସରାବୁ, ପିଣ୍ଟୁ କୋଚିଆ, ବସନ୍ତ ସରାବୁ, ଜନନ ସତନାମି ଆମ୍ପିୟାର ଭାବେ ରହି ଖେଳ ପରିଚାଳନା କରିଥିଲେ। ସ୍କୋରର ଅନିଲ ନାଏକ ଓ କେଶବ ମାଝୀ ରହିଥିବାବେଳେ ସୌରଭ ଓ ତୋଫାନ ନାଏକ ଧାରାବିବରଣୀ ପ୍ରଦାନ କରିଥିଲେ। ୟଙ୍ଗ୍ ଷ୍ଟାର୍ ଆସୋସିଏସନର ଆକାଶ ନାଏକ, ଅନନ୍ତ ସରାବୁ, ପିଣ୍ଟୁ ସତନାମି, ବିରେନ୍ଦ୍ର ରଣା, ନିମାଇଁ ସତନାମି, ଚିତ୍ତରଞ୍ଜନ ସରାବୁ, ହରେକୃଷ୍ଣ ସରାବୁ, କରନ ପିଣ୍ଟୁ, ମନୋଜ, ଜଗା, ନୂତନ, ଅଜିତ, କେଶବ, ଆନନ୍ଦ, ହିମାଂଶୁ, ଶୁଭମ, ପ୍ରମୂଖ ସହଯୋଗ କରିଥିଲେ।

---


## ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

ବାର୍ତ୍ତା



ମଣ୍ଡେଇ

ମହୋତ୍ସବ-୨୦୨୫ର ଶୁଭକାମନା

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା,ସଂସ୍କୃତି, ଐତିହ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ "ମଣ୍ଡେଇ ମହୋତ୍ସବ-୨୦୨୫" ଏବଂ "ପଲ୍ଲୀଶ୍ରୀ ମେଳା" ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିର୍ଲି ଠାରେ ଆସନ୍ତା ଡ଼ିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ "ମଣ୍ଡେଇ" ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ "ପଲ୍ଲୀଶ୍ରୀ ମେଳା" ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ "ମଣ୍ଡେଇ ସ୍ମରଣିକା" ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି।



ଡ଼ଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା
ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା



କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା


---

## ଜିଲ୍ଲାପାଳଙ୍କ କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା

# ପଞ୍ଚାୟତରେ ହେବ ଆଦର୍ଶ କୃଷି ଗ୍ରାମ

ନୂଆପଡ଼ା, ୧୧ ।୧୨(ସମିସ)

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲା କୃଷି ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମସ୍ତଙ୍କୁ ସ୍ୱାଗତ କରି ବିଭାଗର କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ଦିଗରେ ଜିଲ୍ଲା ପ୍ରଶାସନ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଜିଲ୍ଲାର ସମସ୍ତ ପଞ୍ଚାୟତ ସଦର ମହକୁମା ଗ୍ରାମକୁ ଆଦର୍ଶ କୃଷି ଗ୍ରାମରେ ପରିଣତ କରିବାକୁ ଆଜି ଜିଲ୍ଲାପାଳ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ସମସ୍ତ ୧୩୧ପଞ୍ଚାୟତ ସଦର ମହକୁମାଗ୍ରାମକୁ ଆଦର୍ଶ କୃଷି ଗ୍ରାମ ଭାବରେ ଗ୍ରହଣ କରାଯିବ। ଏହି ଗ୍ରାମଗୁଡିକରେ ସମସ୍ତ କୃଷି ଓ ଆନୁଷଙ୍ଗିକ



ବିଭାଗ ସମ୍ବନ୍ଧିୟ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯିବ। ଏହି ଗ୍ରାମଗୁଡିକରେ ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କୃଷି ଏବଂ ସଂଲଗ୍ନ ବିଭାଗକୁ ଆଦର୍ଶ କୃଷି ଗ୍ରାମ ପାଇଁ ଏସଓପି ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦର୍ଶ ଗ୍ରାମ ଗୁଡ଼ିକୁ ଅନୁସରଣ କରି ଅନ୍ୟ ଗ୍ରାମ ଗୁଡ଼ିକ ମଧ୍ୟ ପର୍ଯ୍ୟାୟ କ୍ରମେ ସମୃଦ୍ଧ ହୋଇ ପାରିବେ। ଏହି ଅବସରରେ, କୃଷକ ରେଜିଷ୍ଟ୍ରି, ସିଏମ କିଷାନ, ପିଏମ କିଷାନ ହିତାଧୀକାରୀ ଚୟନ, ଫସଲ କାଟିବା ଇତ୍ୟାଦି ସମସ୍ତ ଯୋଜନାର ସମୀକ୍ଷା କରାଯାଇଛି।ସମୀକ୍ଷା ବୈଠକରେ ଯୁନାନି ଗ୍ରାମର ଜଣେ ସଫଳ ଚାଷୀ ଲୋକନାଥ ଖରସେଲଙ୍କୁ ଜିଲ୍ଲାପାଳ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଖରସେଲ ଧାନ, କପା, ମୁଗ, ବିରି ଇତ୍ୟାଦି ସମନ୍ୱିତ ଚାଷ କରି ନିଜ ଜମିରୁ ବାର୍ଷିକ ୪/୫ ଲକ୍ଷ ଟଙ୍କା ରୋଜଗାର କରି ପାରୁଛନ୍ତି। ସେ ଅନ୍ୟ ଚାଷୀମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ସମୀକ୍ଷା ବୈଠକରେ ଏଡିଏଓ, ଖରିଆର ସୋମନାଥ ମହାପାତ୍ର, ବିଏଓ, ନୂଆପଡ଼ା, ବୋଡେନ, ଖରିଆର, ସିନାପାଲି ପ୍ରମୁଖ ଏବଂ ଅନ୍ୟ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ। ସମନ୍ୱିତ କୃଷି ମାଧ୍ୟମରେ କୃଷକ ତଥା ପ୍ରବାସୀ ଶ୍ରମିକଙ୍କ ଜୀବନରମାନ ଉନ୍ନତ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ



ମୁରିବାହାଲ,୧୧।୧୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ରୂପେ ଆୟୋଜକ କମିଟି ଉପସଭାପତି ରମାରଞ୍ଜନ ପାତ୍ର ଓ ତାଙ୍କ ପତ୍ନୀ ବିଶାଖା ପାତ୍ର, ପୂଜକ ରୂପେ କାଶୀନାଥ ଦାସ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପୂର୍ବରୁ ସ୍ଥାନୀୟ ରାଧାକୃଷ୍ଣ ଓ ଶିବ ମନ୍ଦିରରୁ ମହିଳା ସଙ୍କୀର୍ତ୍ତନ ଦଳ ସହ ଶୋଭାଯାତ୍ରା ଧନୁଯାତ୍ରା ପଡିଆରେ ପହଞ୍ଚି ବିଧିପୂର୍ବକ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ଆଗାମୀ ୧୭ତାରିଖରୁ ସପ୍ତମ ବ୍ଲକସ୍ତରୀୟ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ। ୨୩ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥିପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ଶୁଭସ୍ତମ୍ଭ ସ୍ଥାପନ ବେଳେ ଧନୁଯାତ୍ରା ମହୋତ୍ସବ କମିଟି ସଭାପତି ତରୁଣ ପୋଢ଼, ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁରଙ୍କ ସହ ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ଭରତ ଦାସ, କୁନ୍ତ ପୋଢ଼, ବିକି ମହାରଣା, ବାବୁଲାଲ କେତକୀ, ଗିରିଧାରୀ ସାହୁ, ସୁଧାଂଶୁ ପୋଢ଼, ପଦ୍ମଲୋଚନ ସାହୁ, କରନ ଜାଲ, ବାବୁଲି ରାଉତ, ଉଦିତ କଟା, ଶିବା ରାଉତ, ରୋହନ ଜାଲ, ଯୋଗେନ୍ଦ୍ର ଥାଟି, ନରେନ୍ଦ୍ର ମାଝୀ ଓ ଧ୍ରୁବ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଭାରମ୍ଭର ସପ୍ତାହେ ପରେ ବି ଧାନକିଣା ହେଲାନି

ବଲାଙ୍ଗିର,୧୧।୧୨(ସମିସ)

ବଲାଙ୍ଗିର ଜିଲ୍ଲାରେ ଧାନକିଣାକୁ ନେଇ ଦୁର୍ଭାଗ୍ୟଜନକ ସ୍ଥିତି ଦେଖାଦେଇଛି। ଚାଷୀ ଧାନ ବିକିବା ପାଇଁ ଅମଳ କରି ରଖିଥିବା ବେଳେ ଜିଲ୍ଲାରେ ମଣ୍ଡି ଉଦ୍‌ଘାଟନ ହୋଇଛି; କିନ୍ତୁ ଏଯାଏଁ ଟାର୍ଗେଟ ମିଳିନି। ପ୍ରକ୍ରିୟା ଅନୁସାରେ ଅନେକ ଚାଷୀଙ୍କୁ ଟୋକନ ଜେନେରେଟ ହୋଇଛି; ହେଲେ ଦୁର୍ଭାଗ୍ୟ ଯେ ଏଯାଏଁ ଗୋଟିଏ ବି ମିଲର୍ସଙ୍କୁ ଟାର୍ଗେଟ ଦିଆଯାଇନାହିଁ । ତେବେ ଗତ ୫ ତାରିଖରେ ଜିଲ୍ଲାପାଳ ଲୋଇସିଂହା ପେକ୍ସରେ ଧାନକିଣା ଉଦ୍‌ଘାଟନ କଲେ। କିଛି ଚାଷୀଙ୍କ ଧାନ ବି କିଣାହେଲା; କିନ୍ତୁ ସେହି ଧାନ ବି ଯାଏଁ ଉଠିନି। ଆଉ କେତେ ଦିନ ଲାଗିବ ସେନେଇ ବିଭାଗୀୟ ଅଧିକାରୀ କିଛି ସ୍ପଷ୍ଟ ସୂଚନା ରଖୁ ନ ଥିବା ବେଳେ ଆହୁରି ବିଳମ୍ବ ହେବା ଏକ ପ୍ରକାର ନିଶ୍ଚିତ। ଏହାର ସୁଯୋଗ ନେଇ ଏବେ ଚାଷୀ ଦୁଆର ମୁହଁରେ ଦଲାଲ ଛିଡା ହୋଇ କମ୍‌ରେ ଧାନ କିଣିବା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

ଦଲାଲ ଚାଷୀ ପାଖରୁ ଧାନ କିଣିବା ଆରମ୍ଭ କରିଛନ୍ତି। ଏହି ଦଲାଲଙ୍କୁ ପ୍ରଶାସନ ରୋକିବା କଥା; କିନ୍ତୁ ପ୍ରଶାସନିକ ବିଧି ବ୍ୟବସ୍ଥା ଏବେ ଏହି ଦଲାଲଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଚଳିତ ଖରିଫ ଧାନକିଣାରେ ଜିଲ୍ଲାରେ ଏହିଭଳି ସ୍ଥିତି ଦେଖିବାକୁ ମିଳିଛି। ଜିଲ୍ଲାରେ ଧାନକିଣା ପାଇଁ ମିଲରଙ୍କ ଟ୍ୟାଗିଂ ପ୍ରକ୍ରିୟା ଶେଷ ହୋଇନାହିଁ କି କୌଣସି ମିଲରକୁ ଏଯାଏଁ ଟାର୍ଗେଟ ଦିଆଯାଇନାହିଁ; କିନ୍ତୁ ଜିଲ୍ଲାର ତୁଷୁରା, ସଇଁତଲା ତଥା କଣ୍ଟାବାଞ୍ଜି ଅଞ୍ଚଳର କିଛି ମିଲ୍ ଗୋଦାମରେ ଧାନ ପ୍ରବେଶ ଆରମ୍ଭ ହୋଇସାରିଥିବା ଅଭିଯୋଗ ହୋଇଛି। ତେବେ ଏହା ଜିଲ୍ଲାରେ କିଭଳି ସମ୍ଭବ ହେଉଛି ତାହା ଏକ ବଡ ପ୍ରଶ୍ନ ହୋଇରହିଥିବା ବେଳେ ଏଥିପାଇଁ ସଂପୂର୍ଣ୍ଣ ଧାନକିଣା ପ୍ରକ୍ରିୟା ହିଁ ସୁଯୋଗ ଦେଉଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲାରେ ଗତ ୫ ତାରିଖରେ ଚଳିତ ଖରିଫ ଧାନକିଣା ଆରମ୍ଭ ହୋଇଥିଲା। ଲୋଇସିଂହା ମଣ୍ଡିରେ ପୂଜାର୍ଚ୍ଚନା କରିବା ପରେ ଧାନକିଣା ଆରମ୍ଭ ହୋଇଥିଲା। ଏହି ଗୋଟିଏ ଦିନର କିଛି ପରିମାଣର ଧାନକିଣାକୁ ଛାଡିଦେଲେ ଅଜି ପର୍ଯ୍ୟନ୍ତ ଆଉ ଧାନକିଣା ହୋଇନାହିଁ। ଧାନକିଣା ହେବ ବା କେମିତି? ଜିଲ୍ଲାରେ ମିଲର ଟ୍ୟାଗିଂ ପ୍ରକ୍ରିୟା ସରିନାହିଁ କି ମିଲରଙ୍କୁ ଟାର୍ଗେଟ ବଣ୍ଟନ କରାଯାଇନାହିଁ। ଅନ୍ୟପଟେ ଅନେକ ଚାଷୀଙ୍କ ଟୋକନ ଜେନେରେଟ ହୋଇସାରିଥିବା ବେଳେ ଚାଷୀ ଧାନ ବିକିବା ପାଇଁ ସମସ୍ତ ପ୍ରସ୍ତୁତି ସାରି ଚାତକ ଭଳି ଚାହିଁରହିଛି। ତେବେ ମିଲର ଟ୍ୟାଗିଂରେ ରହିଥିବା ସମସ୍ୟାର ସମାଧାନ ହୋଇ ନ ଥିବାରୁ ଏହା ଆହୁରି ବିଳମ୍ବ ହେବ ବୋଲି ଆଶଙ୍କା କରାଯାଉଛି। ଏମିତିରେ ଜିଲ୍ଲାରେ ପ୍ରାୟ ୭୦ ପ୍ରତିଶତରୁ ଅଧିକ ଧାନ ଅମଳ ହୋଇସାରିଥିବା ବେଳେ ଚାଷୀ ନିଜ ଘରେ ଗଚ୍ଛିତ ରଖିଛନ୍ତି। କେବେ ମଣ୍ଡି ଆରମ୍ଭ ହେବ ଓ ଧାନ ବିକିବେ ତାକୁ ଚାହିଁରହିଥିବା ବେଳେ ଏନେଇ ଜିଲ୍ଲା ପ୍ରଶାସନ ମଧ୍ୟ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ତେବେ ଆଗକୁ ନିଶ୍ଚିତ ସମସ୍ୟାର ସମ୍ମୁଖୀନ ହେବା ଭୟ ରହିଥିବାରୁ ଚାଷୀ ଆଉ ଧାନକିଣାକୁ ଅପେକ୍ଷା ନ କରି ଦଲାଲ ଙ୍କ ହାତକୁ ଧାନ ଟେକିଦେଉଥିବା ଦେଖିବାକୁ ମିଳିଛି। ଦଲାଲମାନେ ଗାଁ ଗାଁରେ ଚାଷୀ ଦୁଆରେ ପହଞ୍ଚି କମ୍ ଦରରେ ଧାନକିଣିବା ଆରମ୍ଭ କରିଛନ୍ତି। କ୍ୱିଣ୍ଟାଲ ପ୍ରତି ପ୍ରାୟ ୨ ହଜାର ଟଙ୍କାରେ କିଣୁଥିବା ବେଳେ ତାହା ମିଲର କିମ୍ବା ପେକ୍ସରେ ୩୧ଶହ ଟଙ୍କାରେ ବିକ୍ରି କରିବାକୁ ଯୋଜନା ରଖିଛନ୍ତି। ଏହି ପ୍ରକ୍ରିୟା ଭିତରେ ଉଭୟ ଧାନ ଦଲାଲ ଓ ମିଲ୍ ଗୋଦାମ ଚାଷୀଙ୍କ ଧାନରେ ଭରିବା ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ତେବେ ତରବରିଆ ଭାବେ ପ୍ରଶାସନ ମଧ୍ୟ ମିଲ୍ ଯାଞ୍ଚ ନ କରି ଟାର୍ଗେଟ ବଣ୍ଟନ କରିବାର ଆଶଙ୍କା ରହିଥିବାରୁ ଚଳିତ ଖରିଫରେ ଅନିୟମିତତା ଚରମସୀମାରେ ପହଞ୍ଚିବା ଏକ ପ୍ରକାର ସ୍ପଷ୍ଟ ହୋଇଛି।

- ଚାଷୀ ଦୁଆର ମୁଣ୍ଡରେ ଦଲାଲ
- ମଣ୍ଡିକୁ ଆସୁନି; ହେଲେ ଦଲାଲ ଓ ମିଲ୍ ଗୋଦାମକୁ ପଶିଲାଣି ଧାନ
- ୭୦ ପ୍ରତିଶତ ଧାନ ଅମଳ ସରିଲାଣି
- ଟୋକନ ଜେନେରେଟ ହୋଇଛି; ହେଲେ ମିଲରକୁ ମିଳିନି ଟାର୍ଗେଟ

● ଗରିବ ରୋଗୀଙ୍କୁ ଶୋଷୁଛନ୍ତି ନକଲି ଡାକ୍ତର

## କମିବା ବଦଳରେ ବଢ଼ି ଚାଲିଛି ଚର୍ମରୋଗ

ପାଟଣାଗଡ଼,୧୧।୧୨(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଅଞ୍ଚଳରେ ନକଲି ଡାକ୍ତରଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଭଳି ଏକ ନକଲି ଡାକ୍ତର ଜଣେ ଗରିବ ନିରୀହ ଚର୍ମ ରୋଗୀଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ପାଟଣାଗଡ଼ ବ୍ଲକ ଗୁଲାମୁଣ୍ଡାର ସୁଦର୍ଶନ ଭୁଏ (୫୫) ଏଭଳି ଶିକାର ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଚର୍ମ ରୋଗ ଆରମ୍ଭ ହୋଇଥିଲା। ସେ ଜୁରିଆ ଗାଁରେ ଡାକ୍ତର ସାଜିଥିବା କୋଶଲ ମେହେରଙ୍କ କ୍ଲିନିକକୁ ୬ ମାସ ପୂର୍ବେ ଚିକିତ୍ସା ହେବା ପାଇଁ ଯାଇଥିଲେ। ନକଲି ଡାକ୍ତର ଜଣକ ପ୍ରଥମେ ଚିକିତ୍ସା କରି ବିଭିନ୍ନ ପ୍ରକାର ମଲମ, ଔଷଧ ଦେଇଥିଲେ; ହେଲେ ରୋଗ ଠିକ ହେବା ବଦଳରେ ଓଲଟା ବଢ଼ିବାରୁ ପୁଣି ଚିକିତ୍ସା ପାଇଁ ତାଙ୍କ ପାଖକୁ ଯାଇଥିଲେ। ସେ ତାଙ୍କ ବେଆଇନ ପାଥୋଲ୍ୟାବରେ ବିଭିନ୍ନ ଟେଷ୍ଟ କରାଇ ତାଙ୍କ ଦୋକାନରୁ ଔଷଧ ଦେଇ ଏଥରକ ସମ୍ପୂର୍ଣ୍ଣ ଠିକ ହୋଇଯିବ ବୋଲି କହିଥିଲେ; ହେଲେ ରୋଗ ଠିକ ନ ହୋଇ ବଢ଼ିବାରେ ଲାଗିବାରୁ କାଳେ ରୋଗ ଠିକ ହୋଇଯିବ



ଭାବି ସେ ବାରମ୍ବାର ମାସ ମାସ ଧରି ନକଲି ଡାକ୍ତରଙ୍କ ପାଖକୁ ଯାଇଥିଲେ। ରୋଗ ଠିକ୍ ହେବା ବଦଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏବେ ସେ ସର୍ବସ୍ୱାନ୍ତ। ପୂର୍ବ ଅପେକ୍ଷା ତାଙ୍କ ଚର୍ମ ରୋଗ ଆହୁରି ବଢିଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ନକଲି ଡାକ୍ତର ଜଣକ ବେଆଇନ ଭାବେ ଡାକ୍ତର ସାଜି କିଭଳି ତାଙ୍କ ଔଷଧ ଦୋକାନରୁ ଔଷଧ ବିକ୍ରି କରୁଛନ୍ତି ଓ ବେଆଇନ ଭାବେ ପାଥୋଲ୍ୟାବ ଖୋଲି ରୋଗୀଙ୍କ ବିଭିନ୍ନ ଟେଷ୍ଟ କରି ବେଆଇନ ଚିକିତ୍ସା କରୁଛନ୍ତି ତଦନ୍ତ ପାଇଁ ସେ ଦାବି କରିଛନ୍ତି। ତେବେ ଏଭଳି ନକଲି ଡାକ୍ତରଙ୍କ ପାଇଁ ଅନେକ ସମୟରେ ସ୍ୱାସ୍ଥ୍ୟ ବିଭାଗ ବଦନାମ ମୁଣ୍ଡାଉଛି। ଜୁରିଆ ଗାଁରେ ଦୀର୍ଘ ବର୍ଷ ଧରି ଚାଲିଆସୁଥିବା ଏଭଳି ଏକ ବେଆଇନ କ୍ଲିନିକ ଉପରେ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେଇ କାହିଁକି ଚୁପ୍ ରହିଛି ତାହା ସ୍ୱାସ୍ଥ୍ୟ ବିଭାଗର ନିରପେକ୍ଷତା ଉପରେ ସିଧା ସଳଖ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏ ସମ୍ପର୍କରେ ଡାକ୍ତର ସାଜିଥିବା କୋଶଲ ମେହେରଙ୍କୁ ପଚାରିବାରୁ ଚିକିତ୍ସା କରିଥିବା କଥାକୁ ସ୍ୱୀକାର କରିବା ସହ ଅନେକ ରୋଗୀଙ୍କ କ୍ଷେତ୍ରରେ ତାହା ଘଟେ ବୋଲି କହିଥିଲେ।

## ଦେଓଗାଁରେ ବ୍ଲକସ୍ତରୀୟ ଯୁବ ଉତ୍ସବ



ଦେଓଗାଁ,୧୧।୧୨(ସମିସ): ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ଗୁରୁବାର ବ୍ଲକସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ପ୍ରୀୟରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ, ବ୍ଲକ କଳା ସଂସ୍କୃତି ସଂଘର ଉପ-ସଭାପତି ସୁଦାମ ଚରଣ ବିଶି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦେଓଗାଁ କଲେଜ, ଚନ୍ଦ୍ରପୁର ଆଦର୍ଶ ବିଦ୍ୟାଳୟ, ଜରାସିଂହା, କୁତୁର୍ଲା, ଅର୍ଜୁନପୁର ଆଦି କଲେଜର ପ୍ରାୟ ୪୦ରୁ ଅଧିକ ଛାତ୍ରୀଛାତ୍ର କବିତା, ଚିତ୍ରାଙ୍କନ, ବକ୍ତୃତା, ରଚନା, ଲୋକନୃତ୍ୟ ଓ ଲୋକ ସଂଗୀତ ଆଦି ୬ଟି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶ୍ରୀୟା ସୁନା, ତପୋବନ୍ତ ସାଗର, ଲିପୁନ ସାହୁ, ନିବେଦିତା ମିଶ୍ର, ତପନ ସାହୁ, ବିଏସ ଫ୍ରାଙ୍କଲିନ ଜୋସେଫ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ କଳାକାର ଶରତ ପୁଟେଲ ବିଚାରକ ଥିଲେ।

## କଣ୍ଟାବାଞ୍ଜି ଷ୍ଟେସନରୁ ଗଞ୍ଜେଇ ଜବତ, ୨ ଗିରଫ



କଣ୍ଟାବାଞ୍ଜି,୧୧।୧୨(ସମିସ): କଣ୍ଟାବାଞ୍ଜି ଷ୍ଟେସନରୁ ଜିଆରପି ୨ ଜଣ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଗିରଫ କରିଛି। ଏମାନେ ହେଲେ ମଧ୍ୟପ୍ରଦେଶ ଭୋପାଳ ଜିଲ୍ଲା ନିଶାତପୁର ଥାନା ଅଞ୍ଚଳର ସୈଉରଫ ଯାଦବ (୨୪) ଏବଂ ବିଧିସା ଜିଲ୍ଲାର ବସୋଡା ଥାନା ଅଞ୍ଚଳର ମୋହନ ଲୋଢି (୨୫)। ଏମାନଙ୍କ ନିକଟରୁ ୭ କେଜି ୭ ୯୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଦୁର୍ଗ-ବିଶାଖାପାଟଣା ଟ୍ରେନରେ ଏମାନେ ଗଞ୍ଜେଇ ଧରି ଯାଉଥିବାବେଳେ ଧରା ପଡିଛନ୍ତି। ଟିଟିଲାଗଡ଼ ଜିଆରପି କୌଣସି ସୂତ୍ରରୁ ଖବର ପାଇବା ପରେ ଥାନା ଅଧିକାରୀ ବିନୟ ଭୋଇ ନେତୃତ୍ୱରେ ଚଢଉ କରାଯାଇଥିଲା।

## ଅଜଣା ଗାଡ଼ି ଧକ୍କାରେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ

ବଲାଙ୍ଗିର,୧୧।୧୨(ସମିସ): ବଲାଙ୍ଗିର-ବରଗଡ ୨୬ ନଂ ଜାତୀୟ ରାଜପଥର ବଲାଙ୍ଗିର ଛୁଇବନ୍ଧ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଖପ୍ରାଖୋଲ ଥାନାରେ କାର୍ଯ୍ୟରତ ପୁଲିସ କର୍ମଚାରୀ ସୁଶୀଲ ବେହେରାଙ୍କ ମୃତ୍ୟୁ ଘଟିଛି। ସୁଶୀଲ ଖପ୍ରାଖୋଲ ଥାନାରୁ ନିଜ ଗାଁ ବୁଦେଲବାହାଲିକୁ ତାଙ୍କର ଜଣେ ସଂପର୍କିୟଙ୍କ ସହ ଫେରୁଥିଲେ। ବାଟରେ କୌଣସି ଗାଡି ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ହିଁ ସୁଶୀଲଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସହ ଥିବା ରାକେଶ ମିର୍ଦ୍ଧା ଆହତ ହୋଇଥିଲେ। ପୁଲିସ ଖବର ପାଇ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥଲା। ତେବେ ସୁଶୀଲଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ତୁରେକେଲା,୧୧।୧୨(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ମାନ୍ଦଲା କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା "ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ମାନ୍ଦଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, ପଖନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ତଥା ଜୁନିୟର ରେଡକ୍ରସ ପରାମର୍ଶଦାତା ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ କମେଇମୁଣ୍ଡା ସରପଞ୍ଚ ବିନୋଦିନି ନାଗ ଯୋଗ ଦେଇଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଧନସିଂ ମାଝୀଙ୍କ ତତ୍ତ୍ୱାବଧାନରେ କମେଇମୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଡେଶ୍ୱର ମୁର୍ମୁ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଯଶୋବନ୍ତି ପୁଟେଲ ଏକ ସଚେତନତା ଧର୍ମୀ କବିତା ପାଠ କରିଥିଲେ। ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇ ନ ଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ସହିତ ଯୋଡ଼ି ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଅତିଥିଗଣ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ତାପରେ ବିଭିନ୍ନ ଗ୍ରାମରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ନାମ ଲେଖାଇ ସେମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ପରମାନନ୍ଦ ସୁନା, ଚନ୍ଦ୍ରାବତି ଦେଇ, ଅକ୍ରୁର ପୁଟା, ହରିଶଙ୍କର ସାହୁ, ସୁବାଷ ଧରୁଆ, ବିକାଶ ବର୍ଗେ, ରଜନୀ ରାଉତ, ମୋହିନୀ ଧରୁଆ, ବିନୋଦ ବଡକ, କୁଳଧର ଚନ୍ଦନ, ନୀରୋଦ ଭୋଇ, ବୈଷ୍ଣବ ବେହେରା, ବିଶ୍ୱଜିତ ଆଚାର୍ଯ୍ୟ, ରାଜକିଶୋର ସେଠ ଯୋଗ ଦେଇଥିଲେ। ଶିକ୍ଷକ ସୋମନାଥ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।



## କୂଅରୁ ହାତୀ ଉଦ୍ଧାର

ସଇଁତଲା,୧୧।୧୨(ସମିସ): ସଇଁତଲା ବ୍ଲକ୍ ଧରପଗଡ଼ ପଞ୍ଚାୟତ ଗୋଏଲଭାଡି ଜଙ୍ଗଲରେ ଥିବା ଏକ କୂଅରେ ପଡିଯାଇଥିବା ଏକ ଦନ୍ତା ହାତୀକୁ ଉଦ୍ଧାର କରାଯାଇଛି। ଗୁରୁବାର ସକାଳୁ କୂଅକୁ ଲାଗିଥିବା ଚାଷ ବିଲକୁ ଲୋକେ ଗଲା ବେଳେ ହାତୀ ଚିକ୍ରାର କରୁଥିବା ଦେଖିଥିଲେ। ଖବର ପାଇ ଟିଟିଲାଗଡ ବନ ବିଭାଗ ପହଞ୍ଚି ଲୋକଙ୍କ ସହଯୋଗରେ କୂଅରୁ ହାତୀଟିକୁ ଉଦ୍ଧାର କରିଥିଲା। ବଡ଼ମାଳ ଓ ଟିଟିଲାଗଡ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



## ଖପ୍ରାଖୋଲରେ ଭୀମ ଭୋଇ ସାମର୍ଥ୍ୟ ଶିବିର




ଖପ୍ରାଖୋଲ,୧୧।୧୨(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମଙ୍କ ପାଇଁ ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଶିବିର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବିଏଫ୍‌ଓ ହରେକୃଷ୍ଣ ମେହେର ଯୋଗ ଦେଇଥିଲେ। ଭିନ୍ନକ୍ଷମଙ୍କ ପାଇଁ ସରକାରଙ୍କ ତରଫରୁ ଥିବା ବିଭିନ୍ନ ଯୋଜନା ଉପରେ ଅତିଥିମାନେ ଉପସ୍ଥାପନ କରିବା ସହିତ ତାର ଲାଭ ନେବାକୁ କହିଥିଲେ। ଏହି ଅବସରରେ ଭତ୍ତା ପାଇଁ ୫୯ ଜଣ, ଲାପଟପ୍ ପାଇଁ ୭ ଜଣ, ବସ ଓ ଟ୍ରେନ୍ ପାସ୍ ପାଇଁ ୪୬ ଜଣ, ବିଭିନ୍ନ ଉପ କରଣ ପାଇଁ ୧୦୫ ଜଣ ହିତାଧିକାରୀ ଆବେଦନ କରିଛନ୍ତି। ତେବେ ଆବେଦନକୁ ତର୍ଜମା କରି ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିସ୍କ ବିଭାର ପ୍ରକାଶ କରିଛନ୍ତି।



## ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଦେଓଗାଁ,୧୧।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ନେହେରୁ ଖେଳପଡିଆରେ ପଞ୍ଚାୟତ ସମିତି ହାଇସ୍କୁଲର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷକ ଦେବାଶିଷ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ଉତ୍ସବକୁ ମୁଖ୍ୟ ଅତିଥିଭାବେ ପ୍ରଧାନ ଶିକ୍ଷକ ଅମ୍ବରିଶ ଭୋଇ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନୀତ ଭାବେ ବଳଦେବ ମାଝୀ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। କରୁଆଁଝର ହାଇସ୍କୁଲର ଖେଳ ଶିକ୍ଷକ ସୁଶିଳ ପଧାନ, ଗାଇବାହାଲ ହାଇସ୍କୁଲର କ୍ରୀଡା ଶିକ୍ଷକ ବ୍ୟାସଦେବ ପଧାନ, ବାଳିକା ହାଇସ୍କୁଲର ଖେଳଶିକ୍ଷକ ମୋହନ ରଣା ପ୍ରମୁଖ ପରିଚାଳନା କରିଥିଲେ।

# ମହାନଦୀ ବିବାଦରେ ଓଡ଼ିଶାର କେବଳ ବ୍ୟୟବହୁଳ ଲଢ଼େଇ

## ଫଳାଫଳ ସନ୍ତୋଷଜନକ ନୁହେଁ

ବଲାଙ୍ଗିର,୧୧।୧୨(ସମିସ): ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲରେ ଓଡିଶା ସରକାର ଦ୍ୱାରା ନିଯୁକ୍ତ ଆଇନଜୀବୀ, ସିନିଅର ଆଡଭୋକେଟ ଓ ଲ ଫାର୍ମମାନଙ୍କୁ ବିପୁଳ ଅର୍ଥରାଶି ପ୍ରାପ୍ୟ ବାବଦକୁ ଦିଆଯାଉଛି; ହେଲେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରୁ ରାଜ୍ୟ ବିଶେଷ ସଫଳତା ପାଇ ନ ଥିବା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଏକ ପ୍ରେସ୍‌ବିବୃତ୍ତିରେ ପ୍ରକାଶ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି ଯେ, ୨୯/୧୧/୨୦୧୬ ରେ ତତ୍କାଳୀନ ବିଭାଗୀୟ ପ୍ରମୁଖ ସଚିବ ପ୍ରଦୀପ ଜେନା ଅଗ୍ରୱାଲ ଲ ଆସୋସିଏଟସର ଇସି ଅଗ୍ରୱାଲଙ୍କୁ ପତ୍ର ମାଧ୍ୟମରେ ବିଭିନ୍ନ ଆଇନଜୀବୀ ଓ ଲ ଫାର୍ମଗୁଡିକର ଫି ଷ୍ଟ୍ରକ୍‌ଚରଗୁଡିକୁ ସରକାର ମଞ୍ଜୁର କରିଥିବା ଜଣାଇଥିଲେ। ଏହି ପତ୍ର ଅନୁଯାୟୀ ଅଗୱାଲ ଆସୋସିଏଟ୍ସର ପ୍ରତ୍ୟେକ ହାଜିରା ପାଇଁ ୭୫ ହଜାର ଟଙ୍କା, ଆଉଟ ଷ୍ଟେସନ ଫି ଦୈନିକ ୨୨୫୦୦୦, ପ୍ରସ୍ତୁତି ତଥା ବରିଷ୍ଠ ଓକିଲଙ୍କ ସହ ପରାମର୍ଶ ପାଇଁ ଘଣ୍ଟା ପିଛା ୧୫୦୦୦ ଟଙ୍କା ଓ କ୍ଲର୍କେଜ ପାଇଁ ଫିର ୧୦ ପ୍ରତିଶତ ଉଲ୍ଲଖ ରହିଥିବା ବେଳେ ବରିଷ୍ଠ ଆଇନଜୀବୀ ହରିଶ ସାଲଭେଙ୍କ ଫି ଷ୍ଟ୍ରକ୍‌ଚର ରିଟେନରସିପ ଫି ବାବଦକୁ ୨୦ ଲକ୍ଷ, ଶୁଣାଣି ପ୍ରତି ୧୦ ଲକ୍ଷ, ନୋଟିସ ପରର ହାଜିରା ପାଇଁ ୧୫ ଲକ୍ଷ ଟଙ୍କା ଓ କନଫରେନ୍ସ ପିଛା ୫ରୁ ୭ ଲକ୍ଷ ଟଙ୍କା ଇତ୍ୟାଦି ଉଲ୍ଲେଖ ରହିଛି। ଆଇନଜୀବୀ ମୋହନ ଭି କର୍ଟର୍କିଙ୍କ ପାଇଁ ହାଜିରା ପିଛା ୨୫୦୦୦୦, ସାକ୍ଷୀଙ୍କୁ ଜେରା ବାବଦକୁ ଦୈନିକ ୪ ଲକ୍ଷ, କେସ୍ ପ୍ରସ୍ତୁତି ପାଇଁ ଘଣ୍ଟା



ପିଛା ୪୪ ହଜାର ଟଙ୍କା, ଆଉଟ ଷ୍ଟେସନ ଗସ୍ତ ଖର୍ଚ୍ଚ ଦୈନିକ ୩ ଲକ୍ଷ ଟଙ୍କା ଇତ୍ୟାଦି ରହିଥିବା ବେଳେ ଆଇନଜୀବୀ କରନ ଲାହିରିଙ୍କ ପାଇଁ ମକଦ୍ଦମା ପ୍ରସ୍ତୁତି ଓ ଅଧିକାରୀଙ୍କ ସହ ଆଲୋଚନା ଇତ୍ୟାଦି ପାଇଁ ଘଣ୍ଟା ପ୍ରତି ୧୧୦୦୦ ଟଙ୍କା, ପ୍ରତ୍ୟେକ ହାଜିରା ପାଇଁ ୨୫୦୦୦ ଟଙ୍କା, ଆଉଟ ଷ୍ଟେସନ ଫି ୪୪ ହଜାର ଟଙ୍କା ଇତ୍ୟାଦିକୁ ରାଜ୍ୟ ସରକାର ମଞ୍ଜୁରି ଦେଇଥିବା ଉଲ୍ଲେଖ ରହିଛି। ପୁଣି ୨୦୧୯ ଜୁଲାଇ ୨୯ ମସିହାରେ ମୋହନ ଭି କର୍ଟର୍କିଙ୍କ ଫି ବୃଦ୍ଧିକୁ ମଞ୍ଜୁରୀ ଦିଆଯାଇଥିବା କଥା ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟ ପତ୍ରରେ ଉଲ୍ଲେଖ କରିଛନ୍ତି। ଆଇନଜୀବୀ ଡ. ଆନନ୍ଦିତା ପୁଜାରି ଓ ରନବୀର ସିଂଙ୍କ ଫି ଷ୍ଟ୍ରକଚର୍ ମଧ୍ୟ ସୂଚନା କର୍ମୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଶୁଣାଣି ପିଛା ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଓଡିଶା ସପକ୍ଷରେ କୌଣସି ସଫଳତା ବର୍ତ୍ତମାନ ପର୍ଯ୍ୟନ୍ତ ମିଳିନାହିଁ ବୋଲି ପଣ୍ଡା କହଛନ୍ତି।

ଛତିଶଗଡ ସରକାର ଏକତରଫା ଭାବେ ମହାନଦୀ ପାଣି ବ୍ୟବହାର କରି ଓଡିଶା ପ୍ରତି ଦୀର୍ଘ ବର୍ଷ ଧରି କରି ଆସୁଥିବା ଅନ୍ୟାୟର ସମାଧାନ ପାଇଁ ଓଡିଶା ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ଏକ ସକାରାତ୍ମକ ପଦକ୍ଷେପ ବୋଲି ପଣ୍ଡା କହିବା ସଙ୍ଗେ ଟ୍ରିବ୍ୟୁନାଲରୁ ଓଡିଶାକୁ ନିକଟ ଭବିଷ୍ୟତରେ ବିଶେଷ ଫାଇଦା ମିଳିବା ଆଶା କ୍ଷୀଣ ବୋଲି ମଧ୍ୟ ସେ କହିଛନ୍ତି।

**WALK-IN INTERVIEW**

| POST | DEPARTMENT | QUALIFICATION |
|---|---|---|
| PRINCIPAL | - | As per AICTE Norms |
| Lecturer | Mechanical/Elect/Comp. Sc. Elect & ETC Engg. | B.Tech / M.Tech in relevant field of Engg. |
| Lecturer | Math, Phy., Chem. English Mech. Engg./Elect. | M.Sc/ PG in relevant subject |
| Lab Demonstrator | Engg.Comp. Sc. Engg./ Elect. & ETC Engg. | Diploma/ITI in relevant Dept |
| Librarian | Library | B.Lib. / M.Lib. |
| Off. Supdt./Off.Asst./ Accountant | Office | Graduate and having experience in relevant field |
| DTP Operator | Office / Exam | Graduate/Graphic design, Odia, Hindi, Eng Typing |
| Marketing Exe. | Admission | 5 yrs. exp. in admn. maktg. |

Interested candidates may send their resume on saividyapeethpuri@gmail.com by 18th Dec. 2025
Date of Interview : 21.12.2025 (Sunday) at 10a.m. to 4p.m.
SAI VIDYAPEETH
At-Phula Alasa, Mula Alasa, Satyabadi, Puri-752014
* No TA/DA provided

ସକାଳ
THE SAKALA

# ସମ୍ପାଦକୀୟ



ଖୁସିର ସୂତ୍ର ବହୁତ ସରଳ, କିନ୍ତୁ ସରଳ ଜୀବନର ସୂତ୍ର ବଡ଼ କଠିନ
-ରବୀନ୍ଦ୍ରନାଥ ଟାଗୋର

## ଇତିହାସ କ୍ଷମା ଦେବନି

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ମାନ୍ୟତା ତାଲିକାରେ ସଦ୍ୟସ୍ଥାନିତ ହୋଇଛି ଭାରତର ଆଲୋକର ପର୍ବ ଦୀପାବଳୀ। ସମଗ୍ର ଭାରତବର୍ଷ ପାଇଁ ଏହା ଗୌରବର ବିଷୟ। କିନ୍ତୁ ଏଠାରେ ଆନନ୍ଦ-ବିଷାଦ ବିଜଡ଼ିତ ପ୍ରଶ୍ନଟିଏ ଉଠୁଛି ଯେ ରଥଯାତ୍ରା ଆଉ କେତେଦିନ ଧରି ଏ ମାନ୍ୟତାରୁ ବଞ୍ଚିତ ହୋଇଚାଲିଥିବ ଏବଂ ଓଡ଼ିଶାବାସୀ ଏ ପକ୍ଷପାତିତାକୁ ସହି ଚାଲିଥିବେ?

ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାରର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। 'ଛଟ ପୂଜା'କୁ ସୁପାରିସ ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ। କିନ୍ତୁ ଦେଶର ରାଜନୀତିର ନାଭିକେନ୍ଦ୍ର ଶ୍ରୀଜଗନ୍ନାଥ ଏ ପ୍ରସଙ୍ଗରେ ଅପାଂକ୍ତେୟ ହୋଇପଡୁଛନ୍ତି କିଭଳି? ଜାତୀୟସ୍ତରର ରାଜନେତାମାନେ ଓଡ଼ିଶା ଆସିଲେ 'ଜୟ ଜଗନ୍ନାଥ' ଧ୍ୱନିରୁ ଅଭିଭାଷଣ ଆରମ୍ଭ କରିବାରେ ହେଳା କରୁନାହାନ୍ତି। ଅଥଚ ରଥଯାତ୍ରାର ମାନ୍ୟତା ପ୍ରସଙ୍ଗକୁ ପାଶୋରି ପକାଉଛନ୍ତି। ଏହା ଓଡ଼ିଶା ପ୍ରତି ଉଦ୍ଦେଶ୍ୟମୂଳକ ପକ୍ଷପାତିତା ନା ଶ୍ରୀଜଗନ୍ନାଥ ପରମ୍ପରା ପ୍ରତି ହୀନମନ୍ୟତା, ତାହା ବୁଝିବା କଷ୍ଟକର। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ଉଠିବା ଜରୁରୀ। ହୁଏତ ଆଗାମୀ ଦିନରେ 'ଛଟ ପୂଜା'କୁ ଏହି ମର୍ଯ୍ୟାଦାଜନକ ମାନ୍ୟତା ମିଳିବ। ତେଣୁ ଆମେ ଆଉ କେତେଦିନ ଏଭଳି ଅନ୍ୟ ରାଜ୍ୟର ଉତ୍କର୍ଷରେ ଉତ୍‌ଫୁଲ୍ଲିତ ହେଉଥିବା ଏବଂ ପକ୍ଷପାତିତାକୁ ମୁଣ୍ଡପାତି ନିରବରେ ସହି ନେଉଥିବା?

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ତିନିବର୍ଷ ଧରି ଅଧିଷ୍ଠିତ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଉର୍ଦ୍ଧ୍ୱକୁ ଉଠି ଦଳମତ ନିର୍ବିଶେଷରେ ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। ସଂସଦର ଶୀତକାଳୀନ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ଅନେକ ବିଳମ୍ବ ହେଲାଣି। ଆମେ ଯଦି ଶ୍ରୀଜଗନ୍ନାଥଙ୍କ ଆଶ୍ରିତ ହୋଇ ତାଙ୍କର ଟେକ ରଖିବାରେ ଅବହେଳା କରିବା, ଇତିହାସ କ୍ଷମା ଦେବ ନାହିଁ।

## ସାମାଜିକ ଗଣମାଧ୍ୟମର ନିଷିଦ୍ଧାଞ୍ଚଳ

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ସାମାଜିକ ଗଣମାଧ୍ୟମ କଟକଣାକୁ କାର୍ଯ୍ୟକାରୀ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛି। ଏଣିକି ସେଠାରେ ୧୬ ବର୍ଷରୁ କମ୍ ବୟସର କିଶୋରମାନେ ସ୍ୱାଧୀନ ଭାବରେ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିପାରିବେ ନାହିଁ। ସ୍ୱାଭାବିକ ଭାବେ ମାନବ ଅଧିକାର ସଂଗଠନ ଓ ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅଷ୍ଟ୍ରେଲିଆ ସରକାରଙ୍କ ଏ ସମ୍ପର୍କିତ ଆଇନ୍(ସୋସିଆଲ୍ ମିଡିଆ ମିନିମମ୍ ଏଜ ଆକ୍ଟ)କୁ ସମାଲୋଚନା କରିଥିବା ବେଳେ ଅଭିଭାବକମାନେ ବିପୁଳ ସ୍ୱାଗତ କରିଛନ୍ତି। ୧୬ ବର୍ଷ ବୟସରୁ କମ୍ ବର୍ଗ ଦ୍ୱାରା ଖୋଲାଯାଇଥିବା ଲକ୍ଷଲକ୍ଷ ଆକାଉଣ୍ଟକୁ ଏହି ଆଇନ ବଦଳରେ ରଦ୍ଦ କରିଦିଆଯାଇଛି। କିଶୋରମାନଙ୍କ ମାନସିକତା ଓ ଶାରୀରିକ ଅବସ୍ଥା ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବ ବଢ଼ି ଚାଲିଥିବାରୁ ଏହାର ନିରାକରଣ ପାଇଁ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଗୁରୁତ୍ୱାରୋପ କରି ଆସୁଥିଲେ। କିନ୍ତୁ ଏଥିସହିତ ବିପୁଳ ରାଜସ୍ୱ ହାନିର ଆଶଙ୍କା ଥିବାରୁ କୌଣସି ରାଷ୍ଟ୍ର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଅଷ୍ଟ୍ରେଲିଆ ଏ ଦିଗରେ ସାହସିକ ପଦକ୍ଷେପ ନେବା ପରେ ବିଶ୍ୱସ୍ତରରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଆଶା କରାଯାଉଛି।

ଭାରତରେ ଯେ ଏ ସମ୍ପର୍କରେ ପୂର୍ବରୁ ବିଚାର ଆଲୋଚନା ହୋଇ ନାହିଁ କିମ୍ବା ପଦକ୍ଷେପ ନିଆଯାଇନାହିଁ, ତା' ନୁହେଁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇପାରିନାହିଁ। ଭାରତ ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍‌ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। ଗତ କିଛି ମାସ ତଳେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଥିଲେ। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ ହିଁ ସେମାନଙ୍କୁ ହତାଶା, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବା ଭଳି ଦୁଃଖଦ ଘଟଣାମାନ ଘଟୁଛି। ଅଷ୍ଟ୍ରେଲିଆରେ ସରକାରୀ ସ୍ତରରେ ହୋଇଥିବା ଏ ସମ୍ପର୍କିତ ସର୍ବେକ୍ଷଣରୁ କିଶୋରାବସ୍ଥାରେ ସାମାଜିକ ଗଣମାଧ୍ୟମର ପ୍ରଭାବ ବିଷୟରେ ଉଦ୍‌ବେଗଜନକ ତଥ୍ୟ ମିଳିବା ପରେ ଉପରୋକ୍ତ ଆଇନ ଅଣାଯାଇଛି। ଆଇନ ପ୍ରଣୟନ ହେଲେ ମଧ୍ୟ ଏହାର ରୂପାୟନରେ ଅନେକ ଦ୍ୱନ୍ଦ୍ୱ ଓ ପ୍ରତିବନ୍ଧକ ରହୁଛି। ଯଦିଓ କିଶୋର/କିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର, ଏହା ଅସମ୍ଭବ ମଧ୍ୟ ନୁହେଁ। ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ଏବଂ ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ।

# ପ୍ରକୃତି ଓ ପରିବେଶ ସଂରକ୍ଷଣରେ ସ୍ଥାନୀୟ ଅଧିବାସୀ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

୧୯୭୨ ମସିହାରେ ସ୍ୱିଡେନର ଷ୍ଟକହୋମରେ ପ୍ରଥମ ଥର ପାଇଁ 'ମାନବୀୟ ପରିବେଶ' ଉପରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ଏକ ବିଶ୍ୱସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହା ଥିଲା ଶିଳ୍ପ-ଅର୍ଥନୈତିକ ପ୍ରଗତି ଯୋଗୁଁ ପରିବେଶ ପ୍ରଦୂଷଣ ଜନିତ ବିପର୍ଯ୍ୟୟ ଏବଂ ବିକାଶର ଢାଞ୍ଚାରେ ପରିବର୍ତ୍ତନ ବିଷୟରେ ଚର୍ଚ୍ଚା ପାଇଁ ଏକ ବିଶ୍ୱବ୍ୟାପୀ ସମାବେଶ। ପ୍ରକୃତି ସଂରକ୍ଷଣ ପାଇଁ ଅନ୍ତର୍ଜାତୀୟ ସଂଘ(ଆଇୟୁସିଏନ୍)ର ୧୯୮୦ରେ ବିଶ୍ୱ ସଂରକ୍ଷଣ ରଣନୀତି ଥିଲା ପ୍ରଥମ ରିପୋର୍ଟ, ଯେଉଁଥିରେ 'ସ୍ଥାୟୀ ବିକାଶ' ନାମକ ଏକ ସଂକ୍ଷିପ୍ତ ଅଧ୍ୟାୟ ଅନ୍ତର୍ଭୁକ୍ତ କରାଯାଇଥିଲା। ୧୯୮୩ ମସିହାରେ 'ନିରନ୍ତର ବିକାଶ' ମଡେଲକୁ ଅନୁସରଣ କରିବା ପାଇଁ ମିଳିତ ଜାତିସଂଘ 'ବିଶ୍ୱ ପରିବେଶ ଓ ବିକାଶ ଆୟୋଗ' ସ୍ଥାପନ କରିଥିଲା, ଯାହାକୁ ସାଧାରଣତଃ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ' କୁହାଯାଏ। ନରୱେର ତତ୍କାଳୀନ ମହିଳା ପ୍ରଧାନମନ୍ତ୍ରୀ ଗ୍ରୋ ହାର୍ଲେମ 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ର ଅଧ୍ୟକ୍ଷା ଭାବରେ ନିଯୋଜିତ ହୋଇଥିଲେ। 'ନିରନ୍ତର ବିକାଶ'ର କମିଶନ୍ ନିର୍ଦ୍ଧାରିତ ସଂଜ୍ଞା ହେଉଛି - 'ଏପରି ଏକ ବିକାଶ, ଯାହା ଭବିଷ୍ୟତ ପିଢ଼ିର ନିଜସ୍ୱ ଆବଶ୍ୟକତା ପୂରଣ କରିବାର କ୍ଷମତା ସହିତ କୌଣସି ଆପତ୍ତି ନକରି ବର୍ତ୍ତମାନର ଆବଶ୍ୟକତା ପୂରଣ କରେ।' ନିରନ୍ତର ବିକାଶର ତିନୋଟି ମୁଖ୍ୟ ସ୍ତମ୍ଭ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସୁରକ୍ଷା ଓ ସାମାଜିକ ସମାନତା ଅନ୍ତର୍ଭୁକ୍ତ।

ବ୍ରୁଣ୍ଡଲ୍ୟାଣ୍ଡ କମିଶନ ୧୯୮୭ ମସିହାରେ 'ଆମର ସାଧାରଣ ଭବିଷ୍ୟତ' ନାମକ ଏକ ରିପୋର୍ଟ ପ୍ରକାଶ କରିଥିଲେ, ଯାହାକୁ 'ବ୍ରୁଣ୍ଡଲ୍ୟାଣ୍ଡ ରିପୋର୍ଟ' ମଧ୍ୟ କୁହାଯାଏ। ରିପୋର୍ଟରେ ସ୍ୱୀକୃତି ଦିଆଯାଇଥିଲା ଯେ ଦାରିଦ୍ର୍ୟ ହ୍ରାସ, ଲିଙ୍ଗ ସମାନତା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ସମ୍ପତ୍ତି ପୁନଃବଣ୍ଟନ ରୂପରେ ମାନବ ସମ୍ବଳ ବିକାଶ ପରିବେଶ ସଂରକ୍ଷଣ ପାଇଁ ରଣନୀତି ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱ ଦିଆଯିବ। 'ବ୍ରୁଣ୍ଡଲ୍ୟାଣ୍ଡ କମିଶନ'ଙ୍କ ରିପୋର୍ଟ ଜୁନ୍ ୧୯୯୨ ରେ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ 'ପରିବେଶ ଓ ନିରନ୍ତର ବିକାଶ' ଉପରେ ବିଶ୍ୱ ସମ୍ମିଳନୀର ଏକ ପୂର୍ବସୂରୀ ଥିଲା। ଏହି ସମ୍ମିଳନୀରେ ଭବିଷ୍ୟତରେ ପୃଥିବୀରେ ଜୀବନକୁ ଅଧିକ ସ୍ଥାୟୀ କରିବା ପାଇ 'ଖସଡ଼ା-୨୧' ନାମରେ ଜଣାଶୁଣା ଏକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଗଲା।

ଜଳବାୟୁ ପରିବର୍ତ୍ତନ ଉପରେ ମିଳିତ ଜାତିସଂଘ ଫ୍ରେମୱାର୍କ ସମ୍ମିଳନୀ (ୟୁଏନ୍‌ଏଫ୍‌ସିସିସି)ର 'କନଫରେନ୍ସ ଅଫ ପାର୍ଟିସ(କୋପ୍)'ର ୩୦ତମ ସମ୍ମିଳନୀ ସଦ୍ୟ ସମାପ୍ତ ହୋଇଛି, ଯାହା ଗତ ନଭେମ୍ବର ୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ବ୍ରାଜିଲର ବେଲେମଠାରେ ଅନୁଷ୍ଠିତ ହୋଇଥିଲା। କୋପ୍‌୩୦ ଶିଖର ସମ୍ମିଳନୀର ଲକ୍ଷ୍ୟ ଥିଲା ୨୧ତମ ଶତାବ୍ଦୀ ଶେଷ ସୁଦ୍ଧା ପ୍ୟାରିସ ଚୁକ୍ତିନାମାର ତାପମାତ୍ରା ମାନଦଣ୍ଡକୁ ୧.୫ ଡିଗ୍ରୀରେ ସୀମିତ ରଖିବା ପାଇଁ ସ୍ପଷ୍ଟ ପଥ ସ୍ଥାପନ କରିବା। ଏକ ଭଲ ଖବର ହେଉଛି ଯେ ସ୍ଥାନୀୟ ଅଧିବାସୀ ଓ ମହିଳାମାନଙ୍କୁ ସ୍ୱୀକୃତି ପ୍ରଦାନ, ଯାହା ପୂର୍ବରୁ କେବେ ବି ମିଳି ନ ଥିଲା। ଖସଡ଼ା କାର୍ଯ୍ୟକ୍ରମର ଏକ ଅଂଶ ଥିଲା 'ମହିଳା: ଭବିଷ୍ୟତକୁ ମାର୍ଗଦର୍ଶନ କରୁଥିବା ସ୍ୱର' ଅଧିବେଶନ, ମହିଳାମାନେ ଜଳବାୟୁ ସମସ୍ୟା ମୁକାବିଲା କାର୍ଯ୍ୟରେ ଯୋଗଦାନ ଏବଂ ନେତୃତ୍ୱ ନେବାର ଉପାୟଗୁଡ଼ିକୁ ଆଲୋକିତ କରିଥିଲା। ଭାରତବର୍ଷର ଆଭିମୁଖ୍ୟର ଏକ ଅଂଶ ଭାବରେ ଚଳିତ ବର୍ଷ ନଭେମ୍ବର ୩ୟ ସପ୍ତାହରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀରେ ଘୋଷଣାପତ୍ରରେ ମହିଳା ଓ ଝିଅମାନଙ୍କ ସଶକ୍ତୀକରଣ ପାଇଁ ଏକ ପ୍ରୟାସ କରାଯାଇଥିଲା।

ଖୁସିର କଥା, 'ପ୍ରକୃତି ସହିତ ଶାନ୍ତି' ବିଷୟବସ୍ତୁ ଉପରେ କଲମ୍ବିଆ (ଦକ୍ଷିଣ ଆମେରିକା)ର କାଲିରେ ୨୦୨୪ ଅକ୍ଟୋବର ୨୧ ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ମିଳିତ ଜାତିସଂଘ ଜୈବ ବିବିଧତା ସମ୍ବନ୍ଧୀୟ ସମ୍ମିଳନୀ(ୟୁଏନ୍‌ସିବିଡି) ର ୧୬ତମ ପକ୍ଷ ସମ୍ମିଳନୀ(କୋପ୍-୧୬) ବିଶ୍ୱ ଜୈବିକ ବିବିଧତା ପ୍ରୟାସରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତିକୁ ଚିହ୍ନିତ କରିଥିଲା, ବିଶେଷକରି 'କାଲି ପାଣ୍ଠି' ପ୍ରତିଷ୍ଠା ମାଧ୍ୟମରେ। ଏହା ଏପରି ଏକ ପାଣ୍ଠି, ଯାହା ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟ, ବିଶେଷକରି ମହିଳା ଓ ଯୁବପିଢ଼ିଙ୍କ ଆତ୍ମ-ଚିହ୍ନିତ ଆବଶ୍ୟକତା ଉପରେ ଧ୍ୟାନ ଦେବ।

୧୧୦୦ ବର୍ଗ କିଲୋମିଟରରୁ ଅଧିକ ପରିବ୍ୟାପ୍ତ ଓଡ଼ିଶାର ଚିଲିକା ଲାଗୁନ୍ ହେଉଛି ଏସୀୟ ଉପମହାଦେଶର ସବୁଠାରୁ ବଡ଼ ଲୁଣାପାଣି ହ୍ରଦ। ଲକ୍ଷ ଲକ୍ଷ ପ୍ରବାସୀ ଏବଂ ନିବାସୀ ପକ୍ଷୀଙ୍କ ପାଇଁ ଏକ ଶୀତକାଳୀନ ଆଶ୍ରୟସ୍ଥଳ ଏବଂ ଏକ ଜୈବ ବିବିଧତା ସ୍ଥାନ ବ୍ୟତୀତ ଏହି ଲାଗୁନ୍ ଦୁଇଲକ୍ଷରୁ ଅଧିକ ମତ୍ସ୍ୟଜୀବୀ ଏବଂ ସେମାନଙ୍କ ପରିବାରଙ୍କ ଜୀବିକା ନିର୍ବାହରେ ସହାୟକ ହୁଏ। ୧୯୯୧ ମସିହାରେ ଓଡ଼ିଶା ସରକାର ସମନ୍ୱିତ ଚିଙ୍ଗୁଡ଼ି ଫାର୍ମ ପ୍ରକଳ୍ପ(ଆଇଏସ୍‌ଏଫ୍‌ପି) ପାଇଁ ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ସହିତ ଏକ ଲିଜ୍ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହି ପ୍ରକଳ୍ପ ମୁଖ୍ୟତଃ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ପାଇଁ ବାଣିଜ୍ୟିକ ଚିଙ୍ଗୁଡ଼ି ଉତ୍ପାଦନ ପାଇଁ ୩୨, ୦୦୦ ହେକ୍ଟର ଚିଲିକା ଲାଗୁନ୍‌କୁ ଘନିଷ୍ଠ ଜଳକୃଷି ଫାର୍ମରେ ପରିଣତ କରିବାକୁ ଯୋଜନା କରିଥିଲା। ନିଳାମ୍ବୁ ଚିଲିକାର ପ୍ରାକୃତିକ ପରିସଂସ୍ଥା ତଥା ସ୍ଥାନୀୟ ଅର୍ଥନୈତିକ ଆତ୍ମନିର୍ଭରଶୀଳତା ଉପରେ ପ୍ରକଳ୍ପର ବିତରିତ ପ୍ରଭାବ ଆଶଙ୍କାରେ ସ୍ଥାନୀୟ ଅଧିବାସୀ, ମତ୍ସ୍ୟଜୀବୀ ସମ୍ପ୍ରଦାୟ ଓ ମହିଳାମାନେ ତୀବ୍ର ପ୍ରତିରୋଧ କରିଥିଲେ ଏବଂ 'ଚିଲିକା ବଞ୍ଚାଓ ଆନ୍ଦୋଳନ' ମାଧ୍ୟମରେ ଏକ ପ୍ରଭାବଶାଳୀ ପଦକ୍ଷେପ ନେଇଥିଲେ। ଫଳରେ ପ୍ରକଳ୍ପଟି ଶେଷରେ ବନ୍ଦ ହୋଇଯାଇଥିଲା।

ବଲାଙ୍ଗୀର ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ ଏବଂ କଳାହାଣ୍ଡି ଜିଲ୍ଲାର ନିୟମଗିରି ପାହାଡ଼ରେ ବକ୍ସାଇଟ୍‌ର ପ୍ରଚୁରତା, ପ୍ରବଳ ବିରୋଧ ସତ୍ତ୍ୱେ, ବାରମ୍ବାର ଖଣି ନିବେଶକମାନଙ୍କୁ ଆକର୍ଷିତ କରିଛି। ସ୍ଥାନୀୟ ଆଦିବାସୀ ଓ ଅଣ-ଆଦିବାସୀ ସମ୍ପ୍ରଦାୟ ସମେତ ମହିଳା ଓ ପୁରୁଷମାନେ ବଲାଙ୍ଗୀର ଜିଲ୍ଲାରେ 'ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ' ଏବଂ କଳାହାଣ୍ଡି ଜିଲ୍ଲାରେ 'ନିୟମଗିରି ସୁରକ୍ଷା ସମିତି' ଗଠନ କରି ବକ୍ସାଇଟ୍ ଖଣିକୁ ପ୍ରତିରୋଧ କରିଥିଲେ। ଏହି ଆନ୍ଦୋଳନ ମାଧ୍ୟମରେ ଶହ ଶହ ଜାତୀୟ ଔଷଧୀୟ ଉଦ୍ଭିଦ ସମେତ ଜୈବ ବିବିଧତାର ସଂରକ୍ଷଣ କରିବା ପାଇଁ ଐତିହାସିକ ପାହାଡ଼ଗୁଡ଼ିକୁ ବିନାଶକାରୀ ଖଣି କାର୍ଯ୍ୟକଳାପରୁ ସାହସର ସହିତ ନିବୃତ କରାଇ ସୁରକ୍ଷା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜଙ୍ଗଲରେ 'ଶିମିଳିପାଳ ବନ ଉନ୍ନୟନ ନିଗମ' ପ୍ରତିଷ୍ଠା କରି ରାଜ୍ୟ ସରକାର ଗଛ କାଟିବା ପାଇଁ ଯୋଜନା କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟ ଓ ଓଡ଼ିଶା ପରିବେଶ ସମିତି ଦ୍ୱାରା ଏହାର ବିରୋଧ ଓ ପ୍ରତିରୋଧ କରାଯାଇଥିଲା। ଓଡ଼ିଶା ବିଧାନସଭାର ଗୃହ କମିଟି ସୁପାରିସ ଅନୁସାରେ ରାଜ୍ୟ ସରକାର ସାମୟିକ ଗଛ କଟା ବନ୍ଦ ରଖିଲେ ଏବଂ ଶେଷରେ ୧୯୯୪ ମସିହାରେ ସେଠାରେ ଏକ ସଂରକ୍ଷିତ ଜୈବମଣ୍ଡଳ ଘୋଷଣା କରାଯାଇଥିଲା।

୧୯୭୦ ଦଶକରେ ଓଡ଼ିଶାର ନୟାଗଡ଼ ଜିଲ୍ଲାର କେଶରପୁର ନାମକ ଏକ ଛୋଟ ଗାଁରୁ 'ଠେଙ୍ଗାପାଳି' ନାମକ ସ୍ଥାନୀୟ ଜଙ୍ଗଲକୁ ସୁରକ୍ଷା ଦେବାର ଏକ ନୂତନ ଅଭିଯାନ ଆରମ୍ଭ ହୋଇଥିଲା। ଗାଁର ମହିଳାମାନେ ପାଳି କରି ଜଙ୍ଗଲକୁ ଜଗି ରହିଲେ ଏବଂ ୫୦୦ ଏକରରୁ ଅଧିକ ଜଙ୍ଗଲ ଜମିକୁ ସେମାନଙ୍କ ସୁରକ୍ଷା ଅଧୀନରେ ପୁନର୍ଜୀବିତ କରିଥିଲେ। କୋରାପୁଟ ଜିଲ୍ଲାର ପାତ୍ରପୁଟ ଗାଁର ଆଦିବାସୀ ମହିଳା ପଦ୍ମଶ୍ରୀ କମଳା ପୂଜାରୀ ଶହେରୁ ଅଧିକ ସ୍ଥାନୀୟ ଧାନ କିସମ ଏବଂ କିଛି ବିରଳ ହଳଦୀ, କଳାଜିରା ଏବଂ ଅନ୍ୟାନ୍ୟ ଜିନୀୟ ଜାତୀୟ ବିହନ ସଂରକ୍ଷଣ କରିଥିଲେ। ନୟାଗଡ଼ ଜିଲ୍ଲାରେ 'ସମ୍ଭବ'ର ପଦ୍ମଶ୍ରୀ ସାବରମତୀ ସମଭାବରେ ଏକ ଜୈବିକ ଫାର୍ମ ବିକଶିତ କରି ଅନେକ ପ୍ରକାରର ଧାନ କିସମ ସଂରକ୍ଷଣ କରି ରଖିଛନ୍ତି।

ଜଳବାୟୁ ପରିବର୍ତ୍ତନ ଏବଂ ସମୁଦ୍ର ଜଳର ଆଚରଣଗତ ପରିବର୍ତ୍ତନ ଯୋଗୁଁ ସମୁଦ୍ର ସ୍ତର ବୃଦ୍ଧି ଲୁଣାପାଣି ପ୍ରବେଶ କେବଳ ଚାଷଜମି ନୁହେଁ, ବରଂ ଉପକୂଳ ଓଡ଼ିଶାର ସମଗ୍ର ଜୀବିକାକୁ ବିପଦରେ ପକାଇଛି। ଭାରତ ସରକାର, ସବୁଜ ଜଳବାୟୁ ପାଣ୍ଠି ଓ ୟୁଏନ୍‌ଡିପିର ସମର୍ଥନରେ ସମଗ୍ର ଓଡ଼ିଶାରେ ୩୦୦ରୁ ଅଧିକ ସ୍ଥାନୀୟ ମହିଳା ଜଳବାୟୁ ପ୍ରତିରୋଧୀ ସ୍ଥାୟୀ କୃଷି, ପୁନରୁଦ୍ଧାର ଓ ବାତ୍ୟା ବିରୋଧରେ ପ୍ରାକୃତିକ ଢାଲ ଲୁଣା ବା ହେନ୍ତାଳ ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ଆଗକୁ ଆସିଛନ୍ତି। ୧୯୭୬ ମସିହାରେ ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସମ୍ବିଧାନର ଧାରା ୪୮-ଏ କୁ ସଂଲଗ୍ନ କରିଥିଲେ, ଯେଉଁଥିରେ କୁହାଯାଇଛି ଯେ: 'ପରିବେଶର ସୁରକ୍ଷା, ଉନ୍ନତି ଏବଂ ଦେଶର ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ରାଷ୍ଟ୍ର ପ୍ରୟାସ ଜାରି ରଖିବ।'

ଜଣେ ବୁଝିପାରିବ ଯେ ପ୍ରକୃତି ଓ ପରିବେଶ ସଂରକ୍ଷଣ ସର୍ବଦା ସ୍ଥାନୀୟ ଅଧିବାସୀ, ଆଦିବାସୀ ସମ୍ପ୍ରଦାୟ ଓ ମହିଳାମାନଙ୍କର ଏକ ପ୍ରମୁଖ ଚିନ୍ତାର ବିଷୟ ହୋଇ ରହିଛି। କାରଣ ସେମାନେ ସମାଜରେ ସବୁଠାରୁ ଦୁର୍ବଳ ବର୍ଗର।

(ସଭାପତି, ଓଡ଼ିଶା ପରିବେଶ ସମିତି)
ମୋ: ୯୭୭୭୮୦୦୪୦୮

# ଦେୟମୁକ୍ତ ଉପଦେଶ

ରାକେଶ ପଣ୍ଡା

ଦେୟମୁକ୍ତ ଉପଦେଶ ତଥା ମାଗଣାରେ ପରାମର୍ଶ ଦେବା ଅଧିକାଂଶ ଭାରତୀୟଙ୍କ ସହଜାତ ପ୍ରବୃତ୍ତି। ପାଶ୍ଚାତ୍ୟଦେଶଗୁଡ଼ିକରେ ଏକ ବିଶ୍ୱାସ ଅଛି ଯେ ଭାରତରେ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ବିଶେଷଜ୍ଞ, ଯେଉଁମାନେ କି ମାଗଣାରେ ସ୍ୱତଃ ବିଭିନ୍ନ କ୍ଷେତ୍ରରେ ପରାମର୍ଶ ବାଣ୍ଟିଥା'ନ୍ତି ଏବଂ ଏହି କାର୍ଯ୍ୟକଳାପରୁ ସେମାନଙ୍କର ଏକ ସ୍ୱତନ୍ତ୍ର ଉପଲବ୍ଧି ହୋଇଥାଏ।

ଅବାଞ୍ଛିତ ପରାମର୍ଶ ଦେବା ଯେପରି ଆମର ଏକ ନୈତିକ କର୍ତ୍ତବ୍ୟ ପାଲଟି ଯାଇଛି। ଅନେକ ଥର ମନେହୁଏ ଯେ ଯଦି ଜଣେ ବ୍ୟକ୍ତି ପରାମର୍ଶ ନ ଦିଏ, ତେବେ ସେ ଅନ୍ୟମାନଙ୍କ ନଜର ବା ଧ୍ୟାନରୁ ଦୂରେଇ ରହିଥାଏ। ସାଧାରଣତଃ, ଆମର ଭାବନାରେ ଯେଉଁମାନେ ପରାମର୍ଶ ଦେଇ ପାରିବେ ନାହିଁ ସେମାନଙ୍କୁ ଅଦରକାରୀ ବୋଲି ଧରାଯାଏ। ଏହିପରି ଏକ ଚିନ୍ତାଧାରା ମଧ୍ୟରେ ରହି ଲୋକମାନଙ୍କୁ ପରାମର୍ଶ ଦେବା କାର୍ଯ୍ୟକଳାପ ଧୀରେ ଧୀରେ ଏକ ମାଇଲଖୁଣ୍ଟ ହୋଇଯାଏ। ବିଶେଷକରି କୌଣସି ଏକ ନୂତନ ବୈବାହିକ ସମ୍ପର୍କ ସଂଗଠିତ ସମୟରେ ଅବାଞ୍ଛିତ ପରାମର୍ଶର ଗୁରୁତ୍ୱ ବଢ଼ିଯାଇଥାଏ। ବେଳେବେଳେ ଦୂର ସମ୍ପର୍କୀୟଙ୍କ ଅବାଞ୍ଛିତ ପରାମର୍ଶ ହେତୁ ଏକ ସୁ-ସଂଯୁକ୍ତ ସମ୍ପର୍କ ଭାଙ୍ଗିଯାଏ, ଯାହା କି ସମୟ ସହିତ ବୁଝାପଡ଼େ।

ଅନେକ ସମୟରେ ଦେଖାଯାଏ ଯେ, ଚଳଚ୍ଚିତ୍ର ଓ ସିରିଏଲ ଦେଖିବା ସମୟରେ, ବସ୍ କିମ୍ବା ରେଳରେ ଯାତ୍ରା ସମୟରେ, ଚାହା ଓ ପାନ ଦୋକାନ ଆଗରେ ବସି ଗୁଲିଖଟି ଆସରରେ ଏବଂ ବିଭିନ୍ନ ପ୍ରକାରର ଅବସରକାଳୀନ ସମୟ ଅତିବାହିତ ସମୟରେ, ଜଣେ ଅନ୍ୟ ଜଣଙ୍କ ଦରକାରିତାକୁ ନେଇ ଯଥା; ଶାରୀରିକ ଓ ମାନସିକ ସମସ୍ୟା, ଉଚ୍ଚଶିକ୍ଷା ଓ ଚାକିରି ବିଷୟ, ବ୍ୟବସାୟ, ଦାମ୍ପତ୍ୟ ବିବାଦ, ଘରୋଇ ତଥା ସାମାଜିକ କଳହ, ଥାନା, କୋର୍ଟ, କଚେରି ସମସ୍ୟା, ଅଳ୍ପ ଜ୍ଞାନ ଥାଇ ଜ୍ୟୋତିଷ ବିଦ୍ୟାରେ ଭବିଷ୍ୟତ ବାଣୀ, ଦୈନିକ ଆହାର ଗ୍ରହଣ ଓ ପୁଷ୍ଟିସାଧନ ସମ୍ବନ୍ଧୀୟ ବିଷୟ ଆଦି ବିଭିନ୍ନ ଦିଗ ଓ କ୍ଷେତ୍ରରେ ସମାଧାନର ଏକ ତାଲିକା ଓ ସୂତ୍ର ନେଇ ମାଗଣା ଉପଦେଶ ତଥା ପରାମର୍ଶ ବାଣ୍ଟି ଚାଲନ୍ତି।

ବିନା କାରଣରେ ଆମେ ଅନ୍ୟକୁ ଉପଦେଶ ଅବା ପରାମର୍ଶ ଦେଇଥାଉ ଏବଂ ନିଜର ପରାମର୍ଶକୁ ପ୍ରମାଣ କରିବା ପାଇଁ ଆମେ ମଧ୍ୟ ଏପରି ଉଦାହରଣ ଉପସ୍ଥାପନ କରୁ, ଯେପରି ଏହି ବିଷୟରେ ଅନ୍ୟ କୌଣସି ପରାମର୍ଶ କିମ୍ବା ସୂତ୍ର ଅନ୍ୟ କୌଣସି ବ୍ୟକ୍ତିଙ୍କ ନିକଟରେ ଉପଲବ୍ଧ ନାହିଁ। ଏହା ପ୍ରକୃତି ସହିତ ଏକ ସନ୍ତୁଳନ ସୃଷ୍ଟି କରିବା ତଥା ନିଜର ପ୍ରକୃତିକୁ ବାହ୍ୟ ପ୍ରକୃତି ସହିତ ସନ୍ତୁଳନ କରିବା ପରିବର୍ତ୍ତେ ଆମେ ନିଜର ଅହଂ ସହିତ ବାସ କରୁ। ଏହିପରି ଭାବରେ ଆମେ ଅନ୍ୟମାନଙ୍କୁ ଉପଦେଶ ଦେବାରେ ଅଭ୍ୟସ୍ତ ହୋଇଥାଉ। ଆମ ଚାରିପାଖରେ କିଛି ଲୋକ ଅଛନ୍ତି, ଯେଉଁମାନେ ସଂପୂର୍ଣ୍ଣ କଥା ଶୁଣନ୍ତି ନାହିଁ ଏବଂ ଏହା ପୂର୍ବରୁ ପରାମର୍ଶ ଦେବା ଆରମ୍ଭ କରି ଦିଅନ୍ତି। ଏହି କାରଣରୁ ସେମାନଙ୍କର କଥା ଓ ଉପଦେଶ ଅନ୍ୟମାନଙ୍କ ପାଇଁ ଏକ ଥଟ୍ଟାରେ ପରିଣତ ହୋଇଥାଏ। ତାଙ୍କର ଏହି ଅଭ୍ୟାସ ଓ ଆଚରଣ ହେତୁ ତାଙ୍କ ଆଖପାଖରେ ଉପସ୍ଥିତ ଲୋକମାନେ ତାଙ୍କଠାରୁ ଦୂରେଇ ରହିବାକୁ ଲାଗିନ୍ତି। ଯେପରି ଅନୁଭବ ହୁଏ, ଯଦି ବିନା କାରଣରେ ଜଣେ ବ୍ୟକ୍ତି ନିଜର ଜ୍ଞାନ ଓ ଅଭିଜ୍ଞତାକୁ ଉପସ୍ଥାପନ କରନ୍ତି, ତେବେ ଏହା ପ୍ରତିଟି ସମୟରେ ବୃଥା ବୋଲି ପ୍ରମାଣିତ ହୋଇଥାଏ। ଏହାଦ୍ୱାରା ତାଙ୍କଠାରୁ ଧୀରେ ଧୀରେ କେହି କିଛି ଆଶା କରନ୍ତି ନାହିଁ ଏବଂ ଇଚ୍ଛାକୃତ ସମ୍ମାନ ପାଇବାକୁ ସେ କେବେ ହେଲେ ସମର୍ଥ ହୁଅନ୍ତି ନାହିଁ।

ଏହା ସତ୍ୟ ଯେ, ବିନା ପ୍ରଶ୍ନରେ ପରାମର୍ଶ ଦେବାରେ କୌଣସି ପରାମର୍ଶର ମୂଲ୍ୟ ନ ଥାଏ। ଯଦି ଜଣେ ବ୍ୟକ୍ତି ଚାହାନ୍ତି ଲୋକମାନେ ତାଙ୍କୁ ଅନ୍ତରରୁ ସମ୍ମାନ ଦିଅନ୍ତୁ, ତେବେ ସେ ଆଦୌ ଅବାଞ୍ଛିତ ପରାମର୍ଶ ଦେବା ଉଚିତ ନୁହେଁ। କାରଣ ଅନେକ ସମୟରେ ଉକ୍ତ ପରାମର୍ଶ ଜଣେ ବ୍ୟକ୍ତି ତଥା ଶ୍ରୋତାଙ୍କୁ ବ୍ୟଥିତ କରେ ଏବଂ ବିଷୟବସ୍ତୁଟି ଅନ୍ୟ ଏକ ଦିଗକୁ ଚାଲିଯିବାର ସମ୍ଭାବନା ରହିଥାଏ। ଏହାଛଡ଼ା ବର୍ତ୍ତମାନ ସମୟର ସବୁଠୁ ବଡ଼ ସତ୍ୟ ହେଉଛି, ଜଣେ ବ୍ୟକ୍ତି ଅନ୍ୟ ଜଣଙ୍କୁ ନିଜର ଅଭିଜ୍ଞତା ହେଉ ଅବା ଜ୍ଞାନର ସାହାଯ୍ୟରେ ଅନ୍ୟ ଜଣେ ବ୍ୟକ୍ତିକୁ ଯେତେ ପରାମର୍ଶ ବାଣ୍ଟନ୍ତୁ ନା କାହିଁକି, ନିଜ ହିସାବରେ କାର୍ଯ୍ୟଟିକୁ ଯେପରି କରିବା କଥା ସେ ତାହା ହିଁ କରିଥାଏ। ଯେତେବେଳେ ଜଣେ ବ୍ୟକ୍ତି ନିଜର ଦରକାରିତାକୁ ଆଖିଆଗରେ ରଖି ନିଜଆଡୁ ଜଣଙ୍କୁ କିଛି ପଚାରନ୍ତି ସେତେବେଳେ ହିଁ ସେ ନିଜର ଜୀବନ ଅଭିଜ୍ଞତା, ବାସ୍ତବିକ ଅନୁଭବ ଓ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଥିବା ବିଶେଷଜ୍ଞାନ ହିସାବରେ ତଥା ଏହାକୁ ଆଧାର କରି ପରାମର୍ଶ ଦେବା ଉଚିତ। ମହାପୁରୁଷମାନେ କହନ୍ତି, ଅନ୍ୟମାନଙ୍କୁ ପରାମର୍ଶ ଦିଅ ନାହିଁ, ନିଜ ଉପରେ ସେହି ପରାମର୍ଶ ବ୍ୟବହାର କର ଏବଂ ଜୀବନକୁ ଉନ୍ନତ କରିବାକୁ ଚେଷ୍ଟା କର। ତେବେ ତୁମେ 'ସ୍ୱତନ୍ତ୍ର' ହୋଇଯିବ।

ଏହି ପରିପ୍ରେକ୍ଷୀରେ, ପ୍ରତ୍ୟକ ବ୍ୟକ୍ତି ଆତ୍ମବିଶ୍ଳେଷଣ କରିବା ପୂର୍ବକ ନିଜେ ନିଜକୁ ଏକ ପ୍ରଶ୍ନ ପଚାରିବା ଉଚିତ ଯେ, 'ମୁଁ ଏହି ଲୋକମାନଙ୍କ ମଧ୍ୟରୁ ଜଣେ କି?' କିଛି କଥାବାର୍ତ୍ତା ନ କରି, ସାମନା ଲୋକଟିର ବିନା ଇଚ୍ଛାରେ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିଜର ବିଶେଷଜ୍ଞାନ, ଅଭିଜ୍ଞତା ଓ ବାସ୍ତବିକ ଅନୁଭବ ନ ଥାଇ ତାଙ୍କୁ ପରାମର୍ଶ ଦେବା ମୋ'ର ଏକ ବଦଅଭ୍ୟାସ କି?' ଯଦି ହଁ, ତେବେ ଉକ୍ତ ଗୁଣର ପରିବର୍ତ୍ତନ ଆବଶ୍ୟକ ନିଶ୍ଚୟ। ବର୍ତ୍ତମାନ ସମୟରେ ନିଜେ କିପରି ନିଜର ଆଚରଣ ଉପରେ ନିୟନ୍ତ୍ରଣ ରକ୍ଷା କରି ଉକ୍ତ ଅଭ୍ୟାସକୁ ଉନ୍ନତ କରିପାରିବେ, ସେ ସମ୍ବନ୍ଧରେ ଆତ୍ମଚିନ୍ତନ କରିବା ଜରୁରୀ।

ବନ୍ଧାଲୋ(କଟକ) ମୋ: ୯୩୩୭୮ ୯୭୬୫୦

# ବୁଢ଼ିଆଣୀ ମନ୍ଦିର

ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ଭାରତୀୟମାନେ ପ୍ରକୃତିର ଉପାସକ। ବେଦ-ଉପନିଷଦର ଅନେକ ଶ୍ଳୋକ ମାଧ୍ୟମରେ ପ୍ରକୃତିର ଉପାସନା କରାଯାଇଛି। ଦେବାଦେବୀଙ୍କ ସହିତ ଦାନବ, ଗଛଲତା, ପଶୁପକ୍ଷୀ ମଧ୍ୟ ଭାରତୀୟଙ୍କ ପାଇଁ ପୂଜନୀୟ। ପୁରାଣଶାସ୍ତ୍ର ଅନୁସାରେ କୌଣସି ନା କୌଣସି ପଶୁପକ୍ଷୀ ପ୍ରତ୍ୟେକ ଦେବଦେବୀଙ୍କ ବାହନ ଭାବେ ରହିଛନ୍ତି। ତେଣୁ 'ତୀର୍ଥରାଜ ପ୍ରୟାଗ' ଭଳି 'ସର୍ପତୀର୍ଥ', 'ପକ୍ଷୀତୀର୍ଥ' ମଧ୍ୟ ଅତ୍ୟନ୍ତ ପବିତ୍ର ଓ ପୂଜନୀୟ। ଭାରତର ଅନେକ ସ୍ଥାନରେ କୀଟପତଙ୍ଗଙ୍କୁ ମଧ୍ୟ ପୂଜା କରାଯାଉଛି। କାହିଁ କେଉଁ କାଳରୁ ଆସ୍ଥା ଓ ବିଶ୍ୱାସର ସ୍ଥଳ ପାଲଟିଥିବା ଏହିସବୁ ମନ୍ଦିରରେ ସବୁ ସମୟରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଭକ୍ତଙ୍କ ପ୍ରଗାଢ଼ ବିଶ୍ୱାସ ଯୋଗୁଁ ଏହିସବୁ ମନ୍ଦିରମାନଙ୍କରେ ଅନେକ ଦୈବୀ ଚମତ୍କାର ମଧ୍ୟ ପରିଲକ୍ଷିତ ହୋଇଥାଏ। ନିମିଷକ ମଧ୍ୟରେ ଦୁରାରୋଗ୍ୟରୁ ମୁକ୍ତି ମିଳିବା ସହିତ ଅନେକ ସାଂସାରିକ ସମସ୍ୟାର ନିବାରଣ ମଧ୍ୟ ହୋଇଥାଏ। ଏଭଳି ଗୋଟିଏ ମନ୍ଦିର ହେଉଛି ବୁଢ଼ିଆଣୀ ମନ୍ଦିର।

ହିନ୍ଦୁ ଧର୍ମବିଶ୍ୱାସ ଅନୁସାରେ ଘରେ ବୁଢ଼ିଆଣୀ ଜାଲ ଲାଗିବା ଶୁଭଙ୍କର ନୁହେଁ। କିନ୍ତୁ ଏହାର ବିପରୀତ ଭାବେ ଭାରତର କେତେକ ଅଞ୍ଚଳରେ ପ୍ରତିଷ୍ଠିତ ବିଚିତ୍ର ବିଶ୍ୱାସର ଧାରାରେ ବୁଢ଼ିଆଣୀମାନଙ୍କୁ ପୂଜା କରାଯାଉଛି। ଏପରିକି ବୁଢ଼ିଆଣୀ ପୂଜା ପାଉଥିବା ସ୍ୱତନ୍ତ୍ର ମନ୍ଦିର ମଧ୍ୟ ଅଛି। ସେସବୁ ମନ୍ଦିର ଭିତରୁ ଗୋଟିଏ ହେଉଛି କେରଳରେ ଥିବା ପଲ୍ଲିୟାରା ଶ୍ରୀଭଗବତୀ ମନ୍ଦିର ବା କୋଞ୍ଚମନ ଚିଲଂଥିୟାମ୍ବଲମ୍ ମନ୍ଦିର। 'ଚିଲଂଥିୟାମ୍ବଲମ'ର ଅର୍ଥ ହେଉଛି ବୁଢ଼ିଆଣୀ ମନ୍ଦିର।

କେରଳର ପଥାନାମାଥିଟ୍ଟା ଜିଲ୍ଲା ଅନ୍ତର୍ଗତ କୋଞ୍ଚମନ ଗାଁରେ ଥିବା ଏହି ମନ୍ଦିରରେ କାହିଁ କେଉଁ କାଳରୁ ବୁଢ଼ିଆଣୀ ବିଷ ଦ୍ୱାରା ହେଉଥିବା ଅନେକ ଚର୍ମରୋଗର ଚିକିତ୍ସା କରାଯାଏ। ଏଥିସହିତ ଅନ୍ୟ ବିଷାକ୍ତ କୀଟ ଦଂଶନ ଦ୍ୱାରା ହେଉଥିବା ରୋଗର ଚିକିତ୍ସା କରାଯାଇଥାଏ। ଅନେକ ଶ୍ରଦ୍ଧାଳୁ ଏଠାରେ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଛନ୍ତି। ତେଣୁ ଏହି ମନ୍ଦିର ସହିତ ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ଅତୁଟ ରହିଛି। କୁହାଯାଏ ଯେ ଏହି ମନ୍ଦିରକୁ ଶକ୍ତିଭଦ୍ର ସାମ୍ରାଜ୍ୟର ଅନ୍ତିମ ରାଜାଙ୍କ ଶାସନ ସମୟରେ ନିର୍ମାଣ କରାଯାଇଥିଲା।

ବୁଢ଼ିଆଣୀ ଦେବୀ ମା' ଭଗବତୀଙ୍କ ମନ୍ଦିରର ପ୍ରସାଦ ଏବଂ ଏହି ମନ୍ଦିରରେ ଥିବା ଏକ କୂଅର ଚମତ୍କାରୀ ଜଳ ଦ୍ୱାରା ଚିକିତ୍ସା କରାଯାଏ। ମନ୍ଦିର ସମ୍ପର୍କିତ ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି ଏହି କୂଅର ପାଣି ଆୟୁର୍ବେଦ ଔଷଧ ଭଳି ସୁଗନ୍ଧ ପ୍ରଦାନକାରୀ ଏବଂ କାଢ଼ା ପିଇବା ଭଳି ସ୍ୱାଦ ଅନୁଭୂତ ହୋଇଥାଏ। ତେବେ ଏହି ମନ୍ଦିରରେ ବୁଢ଼ିଆଣୀଙ୍କୁ କାହିଁକି ପୂଜା କରାଯାଏ ଏବଂ କୂଅର ପାଣି କିଭଳି ଔଷଧୀୟ ସ୍ୱାଦ ପ୍ରଦାନ କରିଥାଏ, ତାହାକୁ ନେଇ ଏକ ଲୋକକଥା ଅଛି।

ରାଜା ରବୀନ୍ଦ୍ରନ୍ ବିକ୍ରମନ୍ ଜଣେ ସୁଶାସକ ସହିତ ପ୍ରଖ୍ୟାତ ଆୟୁର୍ବେଦ ଚିକିତ୍ସକ ମଧ୍ୟ ଥିଲେ। ତାଙ୍କର ରାଜଭବନ ଓ ରାଜଉଦ୍ୟାନ ଅତି ଦୁର୍ଲଭ ଚେରମୂଳି ଲତା, ଗୁଳ୍ମ ଓ ବୃକ୍ଷରେ ଭରପୂର ଥିଲା। ସେ ମଧ୍ୟ ଅନେକ ବିରଳ ଚିକିତ୍ସା ପଦ୍ଧତିକୁ ଆୟତ୍ତ କରିଥିଲେ। ରାଜା ରବୀନ୍ଦ୍ରନ୍‌ଙ୍କର ୩ଟି କନ୍ୟା ଥିଲେ। କିନ୍ତୁ ସମସ୍ତେ ଅବିବାହିତା ଥିବାରୁ ତାଙ୍କର ଉତ୍ତରାଧିକାରୀ କେହି ନଥିଲେ। ଏହା ସହିତ ତାଙ୍କର ଆୟୁର୍ବେଦ ଚିକିତ୍ସା ପଦ୍ଧତିକୁ ମଧ୍ୟ କେହି ଶିଖିବାକୁ ଓ ଗ୍ରହଣ କରିବାକୁ ମନ ବଳାଇଲେ ନାହିଁ। ତେଣୁ ରାଜା ବିକ୍ରମନ୍ ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ଅମୂଲ୍ୟ ଚେରମୂଳି ଓ ଔଷଧକୁ ମାଟିତଳେ ପୋତି ଦେଲେ। କିଛିଦିନ ପରେ ତାଙ୍କର ଜ୍ୟେଷ୍ଠ ଓ ମଧ୍ୟମା କନ୍ୟା କୌଣସି ଦୁରାରୋଗ୍ୟରେ ପୀଡ଼ିତ ହୋଇ ପରଲୋକଗମନ କଲେ। ଏହା ଦେଖିବା ପରେ କନିଷ୍ଠା କନ୍ୟା ରାଜ ଭବନରେ ଥିବା ଶାହି କକ୍ଷ (ପଲ୍ଲିୟାରା) ରେ ଘୋର ତପସ୍ୟା ଆରମ୍ଭ କଲେ।

ତପସ୍ୟା ସମୟରେ ରାଜକୁମାରୀଙ୍କ ଶରୀରରେ ଗୋଟିଏ ବଡ଼ ବୁଢ଼ିଆଣୀ ସବୁବେଳେ ବସି ରହୁଥିଲା। ଅନେକ ବର୍ଷ ତପସ୍ୟା କରିବା ପରେ ରାଜକୁମାରୀ ସ୍ୱୟଂ ସମାଧି ନେଇଥିଲେ। ସମାଧି ନେବାର ଅନେକ ବର୍ଷ ପରେ ମଧ୍ୟ କେହି ରାଜକୁମାରୀଙ୍କ ଉକ୍ତ କକ୍ଷକୁ ଯିବା ପାଇଁ ସାହସ କରିନଥିଲେ। ଏକଦା ଉକ୍ତ କକ୍ଷର ଦ୍ୱାର ଆପେ ଆପେ ଖୋଲିଗଲା। ଲୋକମାନେ ଦେଖିବାକୁ ପାଇଲେ ଯେ ଯେଉଁ ଅବସ୍ଥାରେ ରାଜକୁମାରୀ ସମାଧି ନେଇଥିଲେ, ଉକ୍ତ ସ୍ଥାନରେ ବୁଢ଼ିଆଣୀ ରୂପରେ ଜଣେ ସୁନ୍ଦରୀ ଦେବୀ ବିରାଜମାନ କରିଛନ୍ତି। ଏହା ସହିତ ରାଜମହଲ ଭିତରେ ଥିବା କୂଅର ଜଳରୁ ଚେରମୂଳିର ସୁଗନ୍ଧ ଆସୁଥିଲା। ସେହି ଦିନଠାରୁ ଲୋକମାନେ ରାଜକୁମାରୀଙ୍କୁ ଭଗବତୀଙ୍କ ସ୍ୱରୂପ ମନେକରି ଶ୍ରୀପଲ୍ଲିୟାରା ଭଗବତୀ ବା ବୁଢ଼ିଆଣୀ ଦେବୀ ଭାବେ ପୂଜାର୍ଚ୍ଚନା କରି ଆସୁଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାଲକାନଗିରି ଗୋଷ୍ଠୀ ସଂଘର୍ଷ ଘଟଣା
# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ କଟକଣା

ମାଲକାନଗିରି, ୧୧।୧୨(ସମିସ): ମାଲକାନଗିରି ଜିଲ୍ଲାର ଏମଭି ୨୬ ଗ୍ରାମରେ ଲାଗି ରହିଥିବା ଉତ୍ତେଜନା ପରିସ୍ଥିତି ବର୍ତ୍ତମାନ ଶାନ୍ତ ହେଉଥିବା ବେଳେ ଘରକୁ ଫେରୁଛନ୍ତି ଲୋକେ। ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଥିବା ବେଳେ ସ୍ଥିତିର ସମୀକ୍ଷା କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ।

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏମଭି ୨୬ ଗ୍ରାମରେ ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଉପରେ ଉପ-ମୁଖ୍ୟମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଛନ୍ତି। ଏହି ସମୀକ୍ଷା ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି କନୱାର ବିଶାଲ ସିଂ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ଥିବା ବେଳେ ଉଭୟ ପକ୍ଷଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଛି। ଜିଲ୍ଲା ଆଦିବାସୀ ସମାଜ ଓ ଜିଲ୍ଲା ବଙ୍ଗାଳୀ ସମାଜ ଉଭୟ ପକ୍ଷ ନିଜ ନିଜର ଦାବି ଉପସ୍ଥାପନ କରିବା ସହ ଉପ-ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଛନ୍ତି। ଉଭୟ ପକ୍ଷଙ୍କ ଦାବି ଶୁଣିବା ପରେ ରାଜ୍ୟ ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରାଯିବ ଏବଂ ପରବର୍ତ୍ତୀ ସମୟରେ ଏହା ଉପରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବେ ବୋଲି ଉପ-ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଦୁଇପକ୍ଷ ମଧ୍ୟରେ ପୂର୍ବଭଳି ସମ୍ପୂର୍ଣ୍ଣ ରୂପେ ଶାନ୍ତି ଫେରିଆସିବା ନିମନ୍ତେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ରହିଛି। ଜିଲ୍ଲାରେ ପୂର୍ବଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରଖିବାକୁ ଉପ-ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେହିପରି ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ କଡ଼ାକଡ଼ି ନଜର ରଖିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏମଭି ୨୬ ଗ୍ରାମରେ କ୍ଷୟକ୍ଷତିର ଆକଳନ କରି ତ୍ୱରିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଧୀରେଧୀରେ ସୁଧୁରୁଛି ଏମଭି-୨୬ ଗ୍ରାମର ସ୍ଥିତି। ପ୍ରତ୍ୟେକ ଘରର କ୍ଷତି ହୋଇଥିବା ସମସ୍ତ ସମ୍ପତ୍ତିକୁ ଅତି ଗୁରୁତର ସହ ଆକଳନ କରୁଛି ଜିଲ୍ଲା ପ୍ରଶାସନ।

- ସ୍ଥିତି ଅନୁଧ୍ୟାନ ପାଇଁ ମାଲକାନଗିରିରେ ଦୁଇ ମନ୍ତ୍ରୀ
- ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ

ଜିଲ୍ଲା ପ୍ରଶାସନ ପକ୍ଷରୁ ଏମଭି-୨୬ ଗ୍ରାମର ଗ୍ରାମବାସୀଙ୍କୁ କିଚେନ୍ ସେଟ୍, ଆବଶ୍ୟକୀୟ ପୋଷାକ, ମଗ୍, ବାଲ୍ଟି ଓ କମ୍ବଳ ଇତ୍ୟାଦି ଜରୁରୀ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ଓଡ଼ିଶା ରେଡକ୍ରସ୍ ରାଜ୍ୟ ଶାଖାକୁ ଅବଗତ କରାଯାଇଛି। ଏମଭି ୨୬ ଗ୍ରାମର ସମୁଦାୟ ୨୩୪ଟି ଦୋକାନ ଓ ଗୃହ ନିମନ୍ତେ ପ୍ରାୟ ୫ କୋଟି ମୂଲ୍ୟର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ତେବେ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ଆହୁରି ୨୪ ଘଣ୍ଟା ବନ୍ଦ ରଖାଯାଇଛି। ଚଳିତ ମାସରେ ହେବାକୁ ଥିବା ମାଲ୍ୟବନ୍ତ ମହୋତ୍ସବକୁ ସ୍ଥଗିତ ରଖାଯାଇଛି। ଏହା ଜାନୁଆରୀରେ ହେବା ସମ୍ଭାବନା ରହିଛି।

## ■ ଜବରଦଖଲ ପାଇଁ ରାସ୍ତା ପ୍ରଶସ୍ତିକରଣ ବାଧାପ୍ରାପ୍ତ ପ୍ରସଙ୍ଗ
# ତୁରନ୍ତ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୧।୧୨(ସମିସ): ବାଲେଶ୍ୱର ଜିଲ୍ଲା ତାମୁଳିଆ ଛକର କୁରୁଡାରୁ ଫକୀରମୋହନ ଗୋଲେଇ ଛକ ପର୍ଯ୍ୟନ୍ତ ଓଟି ରୋଡ୍ ଏବଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଫ୍ଲାଏଓଭ୍ ବ୍ରିଜ୍ ନିକଟ ରାସ୍ତା ସମ୍ପ୍ରସାରଣ କାମ ଜବରଦଖଲ ଜନିତ ସମସ୍ୟାରୁ ଅଟକିଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରି ତ୍ୱରିତ ଉଚ୍ଛେଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୂର୍ଯ୍ୟକାନ୍ତ ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ଜଣିକିଆ ବିଚାରପତି ପ୍ରଦାନ କରିଥିବା ଆଦେଶ କାର୍ଯ୍ୟକାରୀ କରିବା ସହ ଗଠିତ କମିଟି ସରକାରଙ୍କ ଯୋଜନା ଅନୁଯାୟୀ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ହାଇକୋର୍ଟ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମାମଲାରୁ ପ୍ରକାଶ ଯେ ଉପରୋକ୍ତ ସ୍ଥାନରେ ପ୍ରବଳ ଟ୍ରାଫିକ ଭିଡ ହେତୁ, ସରକାର ରାସ୍ତା ପ୍ରଶସ୍ତୀକରଣ ଏବଂ ଡ୍ରେନେଜ୍ ନିର୍ମାଣ ପାଇଁ ପାଣ୍ଠି ମଞ୍ଜୁର କରିଛନ୍ତି। ଯଦିଓ ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ହୋଇଛି, ସରକାରୀ ଜମି ଉପରେ ଜବରଦଖଲ ଯୋଗୁଁ, କାର୍ଯ୍ୟ ସମାପ୍ତ ହୋଇପାରିନାହିଁ। ଜଣିକିଆ ବିଚାରପତିଙ୍କ ଆଦେଶ କ୍ରମେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ଆବେଦନକାରୀ ଦୁଇଜଣିଆ ଖଣ୍ଡପୀଠରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ।

# ମକା ବ୍ୟବସାୟୀ ଘରୁ ୧୫ ଲକ୍ଷ ଚୋରି

ନାରାୟଣପାଟଣା, ୧୧।୧୨(ସମିସ): ଘରେ କଳାକନା ବୁଲାଇଲେ ଚୋର। ରାତି ଅଧରେ ବାରିପଟ କବାଟ ତାଡ଼ି ଆଲମିରାରୁ ନେଇଗଲେ ନଗଦ ୧୫ ଲକ୍ଷ ଟଙ୍କା। ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ବାଲିପେଟା ପଞ୍ଚାୟତ ସଦର ମହକୁମାର ବି. ଲୋକେଶଙ୍କ ଘରୁ ଏପରି ଏକ ବଡ଼ଧରଣର ଚୋରି ହୋଇଛି। ବଡ଼ଭାଇ ବି ଲୋକନାଥ ସାବରିମାଳା ଯାଇଥିବା ବେଳେ ସାନ ଓ ମଝିଆ ଭାଇ ଘରେ ରହି ମକା ବେପାର କରୁଥିଲେ। ଗତରାତିରେ ସମସ୍ତେ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଟଙ୍କା ଚୋରି କରିନେଇଛନ୍ତି। ସୁନା ଅଳଙ୍କାର ଥିବା ଆଲମାରିକୁ ଛାଡ଼ି ଟଙ୍କା ଥିବା ଆଲମାରିରେ କଳାକନା ବୁଲାଇଛନ୍ତି। ଏନେଇ ଆଜି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ସାଇଣ୍ଟିଫିକ୍ ଓ ଡଗ୍ ସ୍କ୍ୱାଡ୍ ସହ ଏଏସ୍ଆଇ ନରସିଂହ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ଭୁବନେଶ୍ୱରରେ ଖୋଲିବ ସିଏଜିର ପୂର୍ବାଞ୍ଚଳ ଶାଖା

ଭୁବନେଶ୍ୱର,୧୧।୧୨(ସମିସ): ଆସନ୍ତା ଓଡ଼ିଆ ନବବର୍ଷ ତଥା ଏପ୍ରିଲ ୧୫ ତାରିଖରୁ ଭାରତର ନିୟନ୍ତ୍ରକ ତଥା ମହା ଲେଖା ପରୀକ୍ଷକ (ସିଏଜି)ର ପୂର୍ବାଞ୍ଚଳ ଶାଖା ଭୁବନେଶ୍ୱରରେ ଖୋଲିବ। ଏଥିପାଇଁ ସିଏଜି ଅନୁମୋଦନ କରିଛନ୍ତି। ଏହା ପୂର୍ବ ଭାରତରେ ତଦାରଖ ବିକେନ୍ଦ୍ରୀକରଣ ଏବଂ ଅଡିଟ୍ ପ୍ରଶାସନକୁ ସୁଦୃଢ଼ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ନୂତନ କାର୍ଯ୍ୟାଳୟ ୧୫ ଏପ୍ରିଲ ୨୦୨୬ ରୁ କାର୍ଯ୍ୟ ଆରମ୍ଭ କରିବ। ପୂର୍ବାଞ୍ଚଳ ମୁଖ୍ୟାଳୟ ଜଣେ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଡେପୁଟି ସିଏଜି)/ଅତିରିକ୍ତ ଉପ ନିୟନ୍ତ୍ରକ ଏବଂ ଅଡିଟର ଜେନେରାଲ (ଅତିରିକ୍ତ ଡେପୁଟି ସିଏଜି) (ପୂର୍ବାଞ୍ଚଳ) ଅଧୀନରେ କାର୍ଯ୍ୟ କରିବେ। ବର୍ତ୍ତମାନ ଦିଲ୍ଲୀ ସିଏଜି ମୁଖ୍ୟାଳୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ପୂର୍ବାଞ୍ଚଳ ଶାଖାର ସମସ୍ତ କାର୍ଯ୍ୟ ଭୁବନେଶ୍ୱର ପୂର୍ବାଞ୍ଚଳ ଶାଖାରେ ସମ୍ପାଦିତ ହେବ। ନୂତନ ମୁଖ୍ୟାଳୟ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗର ଅଡିଟ କାର୍ଯ୍ୟାଳୟଗୁଡ଼ିକୁ ତଦାରଖ କରିବ। ଯାହା ଚାରିଟି ରାଜ୍ୟରେ ଅଡିଟ କାର୍ଯ୍ୟକଳାପର ଅଧିକ ସମନ୍ୱୟ ଏବଂ ଉତ୍ତମ ତଦାରଖ କରିବାକୁ ସକ୍ଷମ କରିବ। ଏହି ପଦକ୍ଷେପକୁ ଦାୟିତ୍ୱ ବୃଦ୍ଧି ଏବଂ ସାର୍ବଜନୀନ ଆର୍ଥିକ ପରିଚାଳନାର ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଭାବରେ ଦେଖାଯାଉଛି।

## ■ ମଦ ଦୋକାନୀଙ୍କଠାରୁ ମାସିକିଆ ଲାଞ୍ଚ ଆଦାୟ ଘଟଣା
# ପ୍ରାକ୍ତନ ଇନ୍ସପେକ୍ଟରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୧୧।୧୨(ସମିସ): ଜନୈକ ମଦ ଦୋକାନୀଙ୍କ ଠାରୁ ମାସିକିଆ ଚାନ୍ଦା ଆକାରରେ ୫୦ହଜାର ଟଙ୍କା ଲାଞ୍ଚ ଗ୍ରହଣ ଅଭିଯୋଗରେ ହୋଇଥିବା ମାମଲାରେ ଅଭିଯୁକ୍ତ ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା ଚାନ୍ଦିପୁର ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କ ଅଡୁଆ ବଢ଼ିଛି। ଏହି ମାମଲାରୁ ମୁକ୍ତ ପାଇଁ କରିଥିବା ଆବେଦନକୁ ନିମ୍ନ ଅଦାଲତଙ୍କ ଖାରଜ ନିର୍ଦ୍ଦେଶ ବିରୋଧରେ ରୁଜୁ ଆବେଦନକୁ ହାଇକୋର୍ଟ ମଧ୍ୟ ଖାରଜ କରିଦେଇଛନ୍ତି। ଗଣେଶ୍ୱର ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ରେକର୍ଡ ହୋଇଥିବା ଏତଲା ଏବଂ ସାକ୍ଷୀଙ୍କ ବୟାନକୁ ଅନୁଧ୍ୟାନ କରିବା ପରେ ଏହା ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀ ହିଁ ଅଭିଯୋଗକାରୀଙ୍କୁ ତାଙ୍କ ମଦ ଦୋକାନ ଚଳାଇବା ପାଇଁ ପ୍ରତି ମାସରେ ପଚାଶ ହଜାର ଟଙ୍କା ଏଏସଆଇଙ୍କ ହାତରେ ଦେବାକୁ କହିଥିଲେ। ମାମଲାରୁ ପ୍ରକାଶ ଯେ ଗତ ୨୦୨୩ ଜୁଲାଇରେ ସମ୍ପୃକ୍ତ ଅଭିଯୋଗକାରୀ ମଦ ଦୋକାନୀଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ସେହି ସମୟରେ ଚାନ୍ଦିପୁର ଥାନାରେ ଏଏସଆଇ ଥିବା ପ୍ରଦୀପ କୁମାର ମହାନ୍ତି ଗ୍ରହଣ କରିଥିଲେ। ଭିଜିଲାନ୍ସ ପକ୍ଷରୁ ଉଭୟ ଆଇଆଇସି ଓ ଏଏସଆଇଙ୍କ ବିରୋଧରେ ମାମଲା ହୋଇଥିଲା। ତେବେ ଏହି ମାମଲାରେ ସମ୍ପୃକ୍ତି ନଥିବା ଦର୍ଶାଇ ଆବେଦନାକରୀ ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ଡିସଚାର୍ଜ ଆବେଦନ କରିଥିଲେ ହେଁ ତାହା ଖାରଜ ହେବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାର ୩୫...

ଆଜି ନବରଙ୍ଗପୁର ଜିଲ୍ଲାର ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜିବୀତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା । ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ । ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି ବୋଲି ସେ କହିଛନ୍ତି ।

### ସଞ୍ଜ ନଇଁଲେ...

ରହୁଥିବା ବେଳେ ସଞ୍ଜ ନଇଁଲେ ପାରଦ ଖସିବା ସହ ଥଣ୍ଡାର ରାଜୁତି ଆରମ୍ଭ ହୋଇଯାଉଛି। ଯେତେ ରାତି ବଢ଼ୁଛି ସେତେ ଥଣ୍ଡାର ପ୍ରକୋପ ବଢ଼ିବା ସହ ଜାଡ଼ରେ ସାରା ରାଜ୍ୟ ଏବେ ଥରୁଛି। ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ କୁହାଯାଇଛି ଯେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ତେଣୁ ଓଡ଼ିଶାରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରୀ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି।

ଗତ ବର୍ଷ ରାଜ୍ୟରେ ଗୋଟିଏ ଦିନ ବି ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇ ନ ଥିବା ବେଳେ ଚଳିତ ବର୍ଷ ଏବେ ସୁଦ୍ଧା ୯ ଦିନ ଶତ ଲହରୀ ସ୍ଥିତି ସୃଷ୍ଟି ହୋଇସାରିଛି। ଚଳିତ ବର୍ଷ ଡିସେମ୍ବର ମାସରେ ୬ ଦିନ 'କୋଲ୍ଡ ୱେଭ୍' ସ୍ଥିତି ସୃଷ୍ଟି ହୋଇଥିବା ବେଳେ ନଭେମ୍ବରରେ ମଧ୍ୟରେ ୩ ଦିନ କୋଲ୍ଡ ୱେଭ୍ ହୋଇଛି। ଆଗାମୀ ୨ ସପ୍ତାହ ଶୀତ ଲହରୀ ସ୍ଥିତି ପାଇଁ ପାଗ ଅନୁକୂଳ ରହିଥିବାରୁ ଏହି ସଂଖ୍ୟାରେ ଆହୁରି ବୃଦ୍ଧି ନେଇ ଆକଳନ କରାଯାଉଛି। ପୂରା ଶୀତ ଋତୁରେ ଅର୍ଥାତ ଅଭେମ୍ବର ଶେଷରୁ ଜାନୁଆରୀ ଶେଷ ମଧ୍ୟରେ ୫-୬ ଦିନ କୋଲ୍ଡ ୱେଭ୍ ସ୍ଥିତି ସୃଷ୍ଟି ହୋଇଥାଏ। ହେଲେ ଚଳିତ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହରୁ ଏହି ସଂଖ୍ୟା ୯ ରେ ପହଞ୍ଚି ସାରିଥିବାରୁ ସାରା ରାଜ୍ୟରେ ଲୋକେ ଶୀତରେ କଲବଲ ହେଉଛନ୍ତି।

ଅନ୍ୟପଟେ ଶୀତ ଆକଳନକୁ ନେଇ ଏଥର ଡବ୍ଲୁଏମ୍‌ଓ ଓ ଆଇଏମ୍‌ଡି ଫେଲ୍ ମାରିଛନ୍ତି। ସାଧାରଣତଃ ଲା-ନିନା ବର୍ଷରେ ଶୀତ ଅଧିକ ହେବାର ସମ୍ଭାବନା ଥିବାରୁ ଏବର୍ଷ ଶୀତ ଅଧିକ ପରିବର୍ତ୍ତେ କମ୍ ରହିବ ବୋଲି ଏହି ଦୁଇ ସଂସ୍ଥା ଆକଳନ କରିଥିଲେ। ଦେଶରେ ଉତ୍ତର ଭାରତରେ ସାଧାରଣତଃ ଶୀତ ଅଧିକ ରହେ। ସେଠାରୁ ରାଜ୍ୟକୁ ଆସୁଥିବା ଶୁଷ୍କ ଓ ଥଣ୍ଡା ବାୟୁ ଦ୍ୱାରା ରାଜ୍ୟରେ ଶୀତ ବଢ଼େ। ମାତ୍ର ଆଇଏମ୍‌ଡି ଆକଳନ ଅନୁଯାୟୀ ଉତ୍ତର ଭାରତରେ ଚଳିତ ବର୍ଷ ଅପେକ୍ଷାକୃତ ଶୀତ କମ୍ ରହିଛି। ହେଲେ ସେଠାରୁ ଆସୁଥିବା ସ୍ୱାଭାବିକ ବାୟୁ ଦ୍ୱାର ଓଡ଼ିଶା, ଛତିଶଗଡ଼ ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ଶୀତ ଅଧିକ ରହୁଛି। ଏହାକୁ ନେଇ ଆଇଏମ୍‌ଡି ସମେତ ଅନ୍ୟ ପାଣିପାଗ ବିଜ୍ଞାନୀମାନେ ମଧ୍ୟ ଦ୍ୱନ୍ଦରେ ପଡ଼ିଛନ୍ତି। ତେବେ ରାଜ୍ୟରେ ୧୩-୧୭ ମଧ୍ୟରେ ଅଧିକାଂଶ ଅଞ୍ଚଳରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି। ଏହି ସମୟରେ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଦ୍ୱାରା କୁହୁଡ଼ି ବଢ଼ିବା ନେଇ ଆକଳନ କରାଯାଉଛି।

### ଦାରିଙ୍ଗବାଡ଼ିରେ...

ଦାରିଙ୍ଗବାଡ଼ିର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ରହିଛି। ଦିନ ୧୦ଟା ଭିତରେ ଓ ରାତି ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଦିନତମାମ ଲୋକେ ଗରମ ପୋଷାକ ପରିଧାନ କରିବା ସହିତ ଖରାରେ ରହୁଥିବା ବେଳେ ସୂର୍ଯ୍ୟ ଅସ୍ତ ହେଉହେଉ ମାଡ଼ି ଆସୁଛି ଜାଡ଼। ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳି ବସି ରହୁଥିବା ଦେଖିବାକୁ ମିଳୁଛି। ହାଡ଼ଭଙ୍ଗା ଶୀତରେ ଶ୍ରମିକ, ଚାଷୀ, ଖୋଲା ଆକାଶ ତଳେ ବସି ବିକ୍ରି କରୁଥିବା ଛୋଟ ଚାଷୀଙ୍କ ପାଇଁ ବ୍ୟବସାୟ କରିବା କଷ୍ଟକର ହୋଇପଡୁଛି। ସେହିପରି ଜି.ଉଦୟଗିରିରେ ସପ୍ତାହେ ହେଲା ହାଡ଼ଭଙ୍ଗା ଜାଡ଼ କଲବଲ କରୁଛି।

ପାରଦ ୫ ଡିଗ୍ରୀ ଏବଂ ଏହାଠୁ ତଳେ ରହୁଥିବା ବେଳେ ଗୁରୁବାର ଏଠାରେ ତାପମାତ୍ରା ୪ ଡିଗ୍ରୀ ରେକର୍ଡ ହୋଇଛି। ସହର ଅପେକ୍ଷା ଗ୍ରାମାଞ୍ଚଳ, କଳିଙ୍ଗା, ଲିଙ୍ଗାଗଡ, କତିଙ୍ଗିଆ, ମାଲିକପଡ଼ି, ତାଲାରିମହା ଆଦି ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି।

ସେହିପରି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳରେ ପାରଦ ପୁଣିଥରେ ୩ ଡିଗ୍ରୀକୁ ଖସିଛି। ଗୁରୁବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡର ଉପର ବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩ ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ରାମତୀର୍ଥରେ ୧୨ଡିଗ୍ରୀ, ଗୁଡୁଗୁଡିଆରେ ୭ଡିଗ୍ରୀ, କିଆଁଝରୀରେ ୧୩ଡିଗ୍ରୀ ଓ ସାତକୋଶିଆରେ ୧୨ଡିଗ୍ରୀ ରେକର୍ଡ କରାଯାଇଛି। ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ଜିଲ୍ଲାରେ ଥଣ୍ଡାର ପ୍ରଭାବ ବଢ଼ି ଚାଲିଛି। ଜିଲ୍ଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ପାଖାପାଖି ରହୁଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ କୁହୁଡ଼ି ମଧ୍ୟ ପରିଲକ୍ଷିତ ହେଉଛି। ଆଗକୁ ତାପମାତ୍ରା ଆହୁରି ନିମ୍ନଗାମୀ ହେବା ସହ ଆହୁରି ଥଣ୍ଡା ଅନୁଭୂତ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଶୀତ ଯୋଗୁଁ ସନ୍ଧ୍ୟା ସମୟରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ଶୀତରୁ ବର୍ତ୍ତିବା ପାଇଁ ସ୍ଥାନେ ସ୍ଥାନେ ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ବସି ରହୁଥିବାର ଦେଖିବାକୁ ମିଳିଛି। ରାଇରଙ୍ଗପୁର ଉପଖଣ୍ଡରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଛି। ଏଥିଯୋଗୁଁ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାଇରଙ୍ଗପୁର ସମେତ ଯଶିପୁର, ଠାକୁରମୁଣ୍ଡା, କରଞ୍ଜିଆ, ରରୁଆଁ ଓ ଶୁକ୍ରୁଳି ଆଦି ଅଞ୍ଚଳରେ ମଧ୍ୟ ତାପମାତ୍ରା ନିମ୍ନଗାମୀ ହୋଇ ୧୦ ଡିଗ୍ରୀ ଓ ତଳକୁ ଖସିଛି। ଶୀତ ପ୍ରକୋପରେ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡ ମଧ୍ୟ ଥରୁଛି।

### ୫ଟି ରାଜ୍ୟରେ...

କରାଯିବ। ଏହିସବୁ ରାଜ୍ୟରେ ସମୟସୀମାରେ ବୃଦ୍ଧି କରାଯାଇନାହିଁ। ଏହା ପୂର୍ବରୁ କମିସନ କେରଳରେ ଶେଷ ତାରିଖକୁ ୧୧ରୁ ଡିସେମ୍ବର ୧୮ ତାରିଖକୁ ବୃଦ୍ଧି କରିଛନ୍ତି। ପୂର୍ବରୁ ନଭେମ୍ବର ୩୦ରେ ଏସ୍ଆଇଆର୍‌ର ସମୟସୀମାକୁ କମିସନ ଗୋଟିଏ ସପ୍ତାହ ବୃଦ୍ଧି କରିଥିଲେ। ସେତେବେଳେ କମିସନ କହିଥିଲେ ଯେ, ଚୂଡାନ୍ତ ମତଦାତା ସୂଚୀ ୨୦୨୬ ଫେବୃଆରୀ ୧୪ରେ ପ୍ରକାଶିତ ହେବ। ଭୋଟର ହଟାଇବା କିମ୍ବା ସାମିଲ କରିବା ପାଇଁ ଗଣନା ଅବଧି କିମ୍ବା ଭୋଟର ଯାଞ୍ଚ୍ ଏବେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା। ଚିଠାତାଲିକା ପ୍ରଥମେ ଡିସେମ୍ବର ୨ରେ ପ୍ରକାଶିତ ହେବାର ଥିଲା। କିନ୍ତୁ ଏବେ ଡିସେମ୍ବର ୧୬ରେ ପ୍ରକାଶିତ ହେବ। ଇତିମଧ୍ୟରେ କମିସନ କହିଛନ୍ତି ଯେ ମୃତ୍ୟୁ ଯୋଗୁଁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ସୂଚୀ ରାଜନୈତିକ ଦଳଗୁଡିକୁ ଦିଆଯିବ।

### ୱାଟ୍‌କୋ ପାଇପ୍...

ଚିନ୍ତା ତାଙ୍କୁ ଅହରହ ଘାରୁଛି। ସୂଚନାନୁସାରେ, ୱାଟ୍‌କୋ ପକ୍ଷରୁ ପିଏଚ୍‌ଡି ପାଇପ ମରାମତି କାର୍ଯ୍ୟ ଜାରି ରହିଛି। ମରାମତି କାର୍ଯ୍ୟ ପାଇଁ ୱାଟ୍‌କୋ ଶିବଶକ୍ତି ଠିକାସଂସ୍ଥାକୁ ଦାୟିତ୍ୱ ଦେଇଛି। ଭତରା ମେଡିକାଲରୋଡ୍ ପାଖରେ କୁବେରଙ୍କ ଖଳା ରହିଛି। ଖଳାରୁ କିଛି ଦୂରରେ ଠିକାସଂସ୍ଥା ଗୋଟାଏ ସ୍ଥାନରେ ପ୍ରାୟ ମାସେ ହେଲାଣି ମରାମତି କାର୍ଯ୍ୟ ଜାରି ରଖିଛି। ଉକ୍ତ ପଏଣ୍ଟରେ ୩ଥର ଚାବି ପରିବର୍ତ୍ତନ କରାଗଲାଣି। କୁବେର ମଧ୍ୟ ପିଏଚ୍‌ଡି ବିଭାଗରେ କାମ କରୁଥିଲେ। ତେଣୁ ଠିକା ସଂସ୍ଥା ମରାମତି କାମ ଠିକ ଭାବେ କରୁନଥିବା ମଧ୍ୟ କହିଥିଲେ। ପାଖରେ ଖଳା ରହିଛି, ପାଇପ ଫାଟିଲେ ଧାନ ନଷ୍ଟ ହେବ ବୋଲି ପୂର୍ବରୁ ଠିକାସଂସ୍ଥାକୁ ଜଣାଇଥିଲେ। କିନ୍ତୁ ବୁଧବାର ବିଳମ୍ବିତ ରାତିରେ ପାଇପ ଫାଟି ସକାଳ ପର୍ଯ୍ୟନ୍ତ ପାଣି ବୋହିବାରୁ କୁବେରଙ୍କ ଶୁଖିଲା ଧାନ ଓଦା ହୋଇ ପୂରା ନଷ୍ଟ ହୋଇଯାଇଛି। ସୂଚନାଯୋଗ୍ୟ, ଋଣ କରି କୁବେର ଏଥର (ନିଜର ୪ ଏକର ଓ ଅନ୍ୟର ୪ ଏକର) ମୋଟ ୮ ଏକର ଜମିରେ ଚାଷ କରିଥିଲେ। ୬ଦିନ ହୋଇଛି ଧାନ କାଟି ନିଜ ଖଳାକୁ ଆଣି ଶୁଖାଇଛନ୍ତି। ଧାନ ଓଦା ଥିଲେ ମିଲରମାନେ କାଟିବେ, ତେଣୁ ଶୁଖିଲା ଧାନ ବିକିବା ପାଇଁ ଖଳାରେ ରଖିଥିଲେ। ତିନିଶହ ବସ୍ତାରେ ଥିବା ବେଳେ ଅନ୍ୟ ସମସ୍ତ ଧାନ ଶୁଖାଯାଇଥିଲା। ଟୋକନ୍ ମଧ୍ୟ ଆସି ସାରିଛି। ଆସନ୍ତା ୧୯ ତାରିଖରେ ମାନେଶ୍ୱର ମାର୍କେଟ୍ ୟାର୍ଡରେ ଧାନ ଦେବାର ରହିଥିଲା। କିନ୍ତୁ ଏବେ ଧାନ ଜଳମଗ୍ନ ହୋଇ ରହିଛି। କେତେ ବସ୍ତା ଧାନ ପାଣି ସୁଅରେ ଭାସି ମଧ୍ୟ ଯାଇଛି। ଏହି ଧାନ ଶୁଖିବା ପାଇଁ ଏବେ ୧୫ ଦିନରୁ ଅଧିକ ସମୟ ଲାଗିବ। ସେପଟେ ବସ୍ତାରେ ରଖା ଯାଇଥିବା ଧାନ ମଧ୍ୟ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି। ତେଣୁ, ସେହି ଧାନକୁ ନେଇ କ'ଣ କରିବେ ବୋଲି କୁବେର ଚିନ୍ତାରେ ପଡ଼ି ଯାଇଛନ୍ତି। ୱାଟ୍‌କୋର ଭୁଲ୍ ଯୋଗୁଁ କୁବେର ଲକ୍ଷାଧିକ ଟଙ୍କାର କ୍ଷତି ସହିବେ।

ପରିବାରରେ କୁବେରଙ୍କୁ ମିଶାଇ ୪ ଜଣ ସଦସ୍ୟ। ଧାନ ଚାଷ କରି ପରିବାର ଭରଣାପୋଷଣ କରିଥା'ନ୍ତି। ଏବେ ବର୍ଷଯାକର ସମ୍ପତ୍ତି ଠିକାସଂସ୍ଥା ପାଇଁ ଉଜୁଡ଼ିଗଲା। ସେପଟେ ପାଣି ପାଇପ ମରାମତି କରୁଥିବା ଠିକାସଂସ୍ଥା ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛି। ସଂସ୍ଥାର ସୁପରଭାଇଜର୍ ପ୍ରଶାନ୍ତ ଡେଙ୍ଗ ସବୁ ୱାଟ୍‌କୋର ଦୋଷ ବୋଲି କହି ଖସିଯିବାକୁ ଉଦ୍ୟମ କରିଛନ୍ତି। ୱାଟକୋ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ମୋକିମ୍ ଝଡ଼...

ସେହିପରି ଖଡ୍‌ଗେଙ୍କ ବୟସକୁ ନେଇ ପ୍ରଶ୍ନ କରିବା ଓ ରାହୁଲଙ୍କୁ ଦେଖା ନ କରିପାରିବା ପ୍ରସଙ୍ଗକୁ ମଧ୍ୟ ସେ ପସନ୍ଦ କରିନାହାନ୍ତି। ରାହୁଲ ଗାନ୍ଧୀ ସାରା ଦେଶ କଥା ବୁଝୁଛନ୍ତି, ମୁଁ ତାଙ୍କୁ ଲେଖିଥିବା ଚିଠିର ଉତ୍ତର ପାଇଛି। ତେଣୁ ଏହାକୁ ଏକ ଇସ୍ୟୁ କରିବା ବେକାର କଥା ବୋଲି ଜୟଦେବ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ କହିଛନ୍ତି ଯେ ମୋକିମ ଏପରି କାର୍ଯ୍ୟ କରି ନିଜ ଝିଅ କ୍ୟାରିୟରକୁ ନଷ୍ଟ କରୁଛନ୍ତି। ସେ ତାଙ୍କର ବେପାର କରନ୍ତୁ କି ନୂଆ ଦଳ କରିବାର ଥିଲେ କରନ୍ତୁ। ଯଦି ଚିଠି ଲେଖିଲେ, ତାହା ପଦାକୁ ଆସିଲା କାହିଁକି ? ମୋକିମ ଯାହା କହିବା କଥା ହାଇକମାଣ୍ଡଙ୍କୁ କୁହନ୍ତୁ। ମତେ ବି ଦଳ ଧୋକା ଦେଇଥିଲା, ମାତ୍ର ମୁଁ କଂଗ୍ରେସର କ୍ଷତି କରିନାହିଁ। ଉଭୟ ନେତା ଆଉ ବ୍ୟକ୍ତିଗତ ଲଢେଇ କରନ୍ତୁ ନାହିଁ, କଂଗ୍ରେସର କ୍ଷତି କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ତେବେ ଏହି ବିବାଦ ସହ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ବିଧାୟକ ରମେଶ ଜେନାଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବାରୁ ତାହା ମଧ୍ୟ ଅନ୍ୟ ଏକ ଦିଗକୁ ଇଙ୍ଗିତ କରିଛି। ଅନେକ ଯୁବ ନେତା ଭକ୍ତଙ୍କ ସମୟରେ ଅସନ୍ତୋଷ ରହିଥିବା ସହ ଯେଉଁମାନେ ନିଲମ୍ବିତ ହୋଇଥିଲେ ସେମାନେ ମଧ୍ୟ ଏବେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। ପିସିସି ସଭାପତି ଭକ୍ତ ଦାସଙ୍କ କାର୍ଯ୍ୟଶୈଳୀ ଉପରେ ଦଳର ଗୋଟିଏ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରି ପ୍ରଶ୍ନ ଉଠାଉଛନ୍ତି। ତେବେ ମୋକିମ ଚିଠି ଦେବା ତରିକାକୁ ବିରୋଧ କରାଯାଇଛି। ହାଇକମାଣ୍ଡ କିପରି ମୋକିମ ଓ ଭକ୍ତଙ୍କ କଳିର ସମାଧାନ କରୁଛନ୍ତି, ତା ଉପରେ କଂଗ୍ରେସ ନେତାଙ୍କ ନଜର ରହିଛି।


ଜିଲ୍ଲା ପରିଷଦ, କନ୍ଧମାଳ
ପଂଚାୟତିରାଜ ଓ ପାନୀୟଜଳ ବିଭାଗ
ଓଡିଶା ସରକାର
ZILLA PARISHAD, KANDHAMAL
Panchayati Raj & Drinking Water Department
Government of Odisha

CAD-2661

Tender Call Notice No. 561/Date 10.12.2025

TENDER CALL NOTICE

For and on behalf of Govt. of Odisha the undersigned invites sealed tenders in duplicate super scribing the tender notice number and date from reputed potential suppliers, tent houses and electrical decorators to take up the tent and allied work of Kandhamal Mahotsav and Pallishree Mela-2026 to be held at Kandhamal Stadium, Phulbani for the period from 7th to 11th Jan, 2026.

The detailed Tender Call Notice and Tender Document can be seen and downloaded from www.kandhamal.odisha.gov.in.

The authority reserves the right to reject any or all the bids without assigning any reason thereof.

OIPR-19273/11/0005/2526

CDO-cum-EO,
Zilla Parishad, Kandhamal



AFFIDAVIT

By virtue of an affidavit sworn before Executive Magistrate, Rayagada, No. 1128 dated 11.12.2025, I, Sangyabati Sahu, aged about 21 years, D/o - Kshiradri Sahu, permanent resident of Tikira, PO - Seriguma, PS/Block - Kalyansinghpur, Dist - Rayagada, 765017, Odisha, declare that I have changed my name from N. Sagyan Bati to Sangyabati Sahu. Henceforth, I shall be known as **Sangyabati Sahu** for all purposes.

AFFIDAVIT

I, Devasmita Das, aged about 37 years, W/o- Bijoya Kumar Mohanty, resident of At/po- Barapada, Ps- Alakund, Dist- Jajpur, Odisha, Pin- 755004, do hereby declare by this affidavit No. 2501, dtd- 11/12/2025, that now onwards I shall be known as **DEBASMITA MOHANTY** for all future purposes.

AFFIDAVIT

By virtue of an affidavit sworn before the Executive Magistrate, Nandapur, no. 108, dated. 10.12.2025, I Bhanu Pangi, D/o - Lachhana Hantal, W/o - Ramesh Pangi, currently residing at Vill - Tading, PO - Chatwa, PS - Padwa, Dist - Koraput, declare that BHANU HANTAL and BHANU PANGI is one and same person. Henceforth I shall be known as **BHANU PANGI** for all purposes.

AFFIDAVIT

By virtue of an affidavit sworn before the Notary Public, Borigumma, Dist - Koraput, affidavit no. 2202, dated 09.12.2025 I, Najarita Tara, W/o – Suresh Tara, Residences of – Hardaput, PO – Hardaput, PS – Borigumma, Dist - Koraput, Odisha, Pin – 764055 state that my Son Rihan Tara and Akhil Tara is one and same person. Henceforth, he shall be known as **Rihan Tara** for all purposes.

Sd/- Najarita Tara

AFFIDAVIT

By virtue of an affidavit sworn before the Notary Public, Sonepur, I, Narasing Prasad Dash, Vill.: Bijepur, P.O.: Hikudi, P.S.: Birmaharajpur, District– Subarnapur, Odisha, do hereby declare that my correct and actual name is "Narasing Prasad Dash" but it wrongly mentioned as Nrusingha Prasad Dash in my Aadhar card & Narsingha Prasad Dash in my sons Aadhar card. That "Narasing Prasad Dash", "Nrusingha Prasad Dash" & "Narsingha Prasad Dash" is one and the same person i.e. myself.

AFFIDAVIT

By virtue of an affidavit sworn before Executive Magistrate, Komna dated 08.12.2025 I, Prema Rana, Address – At/Po- Bhela, P.S-Komna, Dist. Nuapada, Odisha, PIN – 766106 declare that I have changed my name from Michha Rana to Prema Rana. Henceforth, I shall be known as Prema Rana for all purpose.

Sd/- Prema Rana

AFFIDAVIT

By virtue of an affidavit sworn before Executive Magistrate kanas, No-4458, dated 10/12/2025 I, Sri Sanjay Kumar Jena, resident of At- Nabada, Po- Khandahata, Block- Kanas, Ps- Gadisagoda, Dist- Puri, Odisha, Pin- 752017 declare that I have changed the name of my daughter from **Kritimaye Jena to Samrudhi Jena.** Henceforth, she shall be known as **Samrudhi Jena** for all purposes.

Sanjay Kumar Jena

ନାମ ପରିବର୍ତ୍ତନ

ମୁଁ ସେକ୍ ବେଲାଲ **(SK Belal)** ବୟସ ୩୫ବର୍ଷ, ପିତା- ଏସକେ ଇଜାର, ଗ୍ରାମ/ପୋ-ଗୋଲାଡ଼ିଆ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଆଧାର କାର୍ଡ଼ରେ ମୋର ନାମ ସେକ ବେଲାଲ (ଏସକେ ବେଲାଲ) ଉଲ୍ଲେଖ ଥାଇ ଏଲ୍ଆଇସି ପଲିସି ବଣ୍ଡ ନଂ-୫୮୭୩୭୬୫୯୧ ରେ ମୋର ନାମ ଏସକେ ବେଲାଲ ପରିବର୍ତ୍ତେ ଏସକେ ଗୁଲଜାର ବୋଲି ଉଲ୍ଲେଖ ଅଛି । ଏଗ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ କନିକାଙ୍କ ନିକଟରେ ଏଫିଡେଭିଟ୍ ନଂ- ୬୬୦୯, ତା- ୦୧/୧୨/୨୦୨୫ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ସେକ୍ ବେଲାଲ (ଏସକେ ବେଲାଲ), ପିତା- ଏସକେ ଇଜାର, ନାମରେ ପରିଚିତ ହେବି ।

AFFIDAVIT

By virtue of an affidavit before the Notary Public, Titilagarh, on dated: 09/12/2025. I, **Sanjukta Sahu** (applicant name), W/o- Subodh Sahu, permanent resident of AT- Hatpadapara, Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shidi Sahu** (old name) to **Shiddhi Rani Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Shiddhi Rani Sahu** (new name) for all future purposes.

Sanjukta Sahu

AFFIDAVIT

By virtue of an affidavit sworn before Notary Public, Bhubaneswar, dated- 09/12/2025, I, **Satujoda Venkataramana Patnaik,** Address: Flat No. C-2/308A, Nadiabada Street, Po/Ps: Jeypore, Dist: Koraput, Odisha, Pin: 764001 declare that I have changed my name from **S V R Patnaik** to **Satujoda Venkataramana Patnaik.** Henceforth, I shall be known as **Satujoda Venkataramana Patnaik** for all purposes.

Satujoda Venkataramana Patnaik



Tender Notice

GSSS invites quotations from reputed and experienced service providers for Pond Desilting and Toilet Construction work . Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**



ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL



TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

**Tender Notice No. TPWODL/IA/O/SITC/2500001107**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**Rate Contract for Electrification of households through solar PV standalone system with AMC for 5 years.**

Interested bidders are to submit Tender Participation Fee and Authorization Letter through email on or before **19th Dec. 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

CAD-2655

ପତ୍ର ସଂଖ୍ୟା 23889 /ଭୁ.ଉ.କ.,ଭୁବନେଶ୍ୱର ତା 04.12.2025 ରିଖ
CPDCP-283/94

ସୂଚନା

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଡିଷ୍ଟ୍ରିକ୍ ସେଣ୍ଟର ସେଲ୍ଫ ଫାଇନାନସିଂ କମର୍ସିଆଲ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-84 କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୭୬୧/ଏ.ଏଲ୍ ତା-୨୨.୦୨.୨୦୦୬ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ (୧) ଶ୍ରୀମତୀ ଅନୀମା ଜେନା, ସ୍ୱାମୀ–ନନ୍ଦ କିଶୋର ଜେନା ଓ (୨) ସନ୍ଚିତ ସ୍ୱରୂପ ଜେନା, ପିତା- ନନ୍ଦ କିଶୋର ଜେନା, ଗ୍ରାମ-ବାଗରୁଖି, ପୋଷ୍ଟ-ବୈଟିପୁର, ଥାନା- ଜଳେଶ୍ୱର, ଜିଲ୍ଲା-ବାଲେଶ୍ୱର ଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଅଛି ।

ଆବଣ୍ଟନଗ୍ରାହୀ ସନ୍ଚିତ ସ୍ୱରୂପ ଜେନା ଙ୍କର ଗତ ତା-୧୪.୧୦.୨୦୧୪ ରିଖରେ ମୃତ୍ୟୁ ବରଣ କରିଅଛନ୍ତି । (**Death certificate Registration No. 11/2014-15** dated 28.10.2014.

**Legal heir certificate Misc.Case No. e-LHC/530 of 2019 dated 30.10.2019** ଅନୁଯାୟୀ ସନ୍ଚିତ ସ୍ୱରୂପ ଜେନାଙ୍କର ଉତ୍ତରାଧିକାରୀ (୧) ନନ୍ଦ କିଶୋର ଜେନା (ପିତା) ଓ ଅନୀମା ଜେନା (ମା) ଅଟନ୍ତି ।

ବର୍ତ୍ତମାନ (୧) ନନ୍ଦ କିଶୋର ଜେନା ଓ ଅନୀମା ଜେନା ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।


ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନାସତ୍ତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ତ୍ୱ ନନ୍ଦ କିଶୋର ଜେନା ଓ ଅନୀମା ଜେନାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0415/2526

## କୁମ୍ଭିଧର ପିକନିକ୍ ସ୍ପଟ୍
# ସରକାରୀ ନାଲିଫିଁତା ତଳେ ବିକାଶ

ହରଭଙ୍ଗା,୧୧।୧୨(ସମିସ)



ବୌଦ୍ଧ ଜିଲ୍ଲାର ପର୍ଯ୍ୟଟନ ସ୍ଥଳ ମଧ୍ୟରେ ହରଭଙ୍ଗା ବ୍ଲକ୍ ମାଧପୁରନିକଟସ୍ଥ କୁମ୍ଭିଧର ପିକନିକ୍ ସ୍ପଟ ଅନ୍ୟତମ। ଏଠାରେ ଶୀତଦିନେ ବଣଭୋଜି, ସୌନ୍ଦର୍ଯ୍ୟପୁର୍ଣ୍ଣ ପ୍ରାକୃତିକ ପରିବେଶର ମୋନୋରମ ଦୃଶ୍ୟ ସହ ଝରଣାର ଶୀତଳ ପାଣିରେ ଗାଧୋଇବାର ମଜା ନିଆରା। କିନ୍ତୁ ଏହି ପିକନିକ୍ ସ୍ପଟ୍‌ର ବିକାଶ ଏବେ ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଯାଇଛି।

ଏହି ପିକ୍‌ନିକ୍ ସ୍ପଟ୍‌କୁ ଯିବାକୁ ହେଲେ ତିନୋଟି ରାସ୍ତା ରହିଛି। ସେଥିମଧ୍ୟରୁ ଜିଲ୍ଲାସଦରମହକୁମାଠାରୁ ୫୬ କିମି ଦୂର ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥଦେଇ ପୁରୁଣାକଟକ-ଚାରିଛକ-ମାଧପୁରରୁ ଡାହାଣପାଶ୍ୱର୍କୁ ଫୁଲବାଣୀ ରାସ୍ତାରେ ୨ କି.ମି ଅତିକ୍ରମ ପରେ କୁମ୍ଭିଧର ପିକନିକ ସ୍ପଟ ପଡିଥାଏ। ସେହିପରି ୫୭ନଂ ଜାତୀୟ ରାଜପଥ ଦେଇ ଭୁବନେଶ୍ୱରରୁ ଖୋର୍ଦ୍ଧା-ନୟାଗଡ-ଦଶପଲ୍ଲା-ମାଧପୁର ଦେଇ ବାମପାଶ୍ୱର୍କୁ ଫୁଲବଣୀ ରାସ୍ତାରେ ୨କି. ମି ଦୂରରେ ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ରହିଛି। ସେହିପରି ଫୁଲବାଣି ପଟୁ ଗଲେ ଖଜୁରୀପଡା-ମାଧପୁର ଦେଇ ଭୁବନେଶ୍ୱର ଯିବା ବାଟରେ ଗାଡିଆପଡ଼ା ଘାଟି ତଳୁ ପାଖାପାଖି ୪କି. ମି ଦୂର ଅତିକ୍ରମ କରିବା ପରେ ଏହି ସ୍ଥାନ ପଡିଥାଏ। କୁମ୍ଭିଧରକୁ ପହଞ୍ଚିବା ପାଇଁ ଉପରୋକ୍ତ ତିନି ଦିଗରୁ ଉତ୍କୃଷ୍ଟ ଗମନାଗମନ ସୁବିଧା ରହିଛି। ବୌଦ୍ଧ ବନଖଣ୍ଡ ଅଧୀନରେ ରହିଥିବା ମାଧପୁର ଫରେଷ୍ଟ ରେଞ୍ଜର ପୋଡହଳ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା କୁମ୍ଭିଧର ଝରଣା ଚାରିପାଖକୁ ଘେରି ରହିଛି ନୀଳ ପର୍ବତମାଳା। ଝରଣା ଚାରିପଟେ ପରିବେଷ୍ଟିତ ଘଞ୍ଚ ଜଙ୍ଗଲର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଝରଣା ଚାରିପଟେ ରହିଥିବା ବଡବଡ ପଥର ଚଟାଣର ସୌନ୍ଦର୍ଯ୍ୟ ବଣଭୋଜି ପାଇଁ ପର୍ଯ୍ୟଟକମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ପଥର ଚଟାଣରେ ବସି ବଣଭୋଜି ଖାଇବାବେଳେ ପ୍ରକୃତିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କ ମନକୁ କିଣିନେଇଥାଏ।

ଲୋକକଥା ଅନୁସାରେ, ଏହି ଝରଣା ଉପର ଭାଗରେ ରହିଥିବା ଏକ ପଥରରେ ଭୀମଙ୍କ ଆଣ୍ଠୁଚିହ୍ନ ସାଙ୍ଗକୁ ଅନ୍ୟ ଏକ ପଥରରେ ଅର୍ଜୁନଙ୍କ ତୀର ଚିହ୍ନ ରହିଥିବା ଦେଖିବାକୁ ମିଳେ। ଯାହା ଇତିହାସକୁ ଋଦ୍ଧିମନ୍ତ କରିବା ସହିତ ପର୍ଯ୍ୟଟକଙ୍କୁ ମଧ ବେଶ ଆକୃଷ୍ଟ କରିଥାଏ। ତେବେ କୁମ୍ଭିଧର ପର୍ଯ୍ୟଟନସ୍ଥଳ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇଛି। ବିଗତ ଦିନରେ ଏହାର ବିକାଶ ହେବା ନେଇ ଯୋଜନା ହୋଇଥିଲା। ପର୍ଯ୍ୟଟକଙ୍କ ସୁବିଧା ପାଇଁ ବୌଦ୍ଧ ଜିଲ୍ଲାପ୍ରଶାସନ ପକ୍ଷରୁ ଡ୍ରାଫ୍ଟ ପ୍ରସ୍ତୁତ ହୋଇଥିଲେ ମଧ ତାହା ନାଲିଫିତା ତଳେ ପଡିରହିଛି। ମୁଖ୍ୟ ରାସ୍ତାରୁ ଝରଣା ମଧକୁ ଯିବାପାଇଁ ରହିଥିବା ୫୦ରୁ ଅଧିକ ପାହାଚ ଭାଙ୍ଗି ନଷ୍ଟ ହୋଇଗଲାଣି। ଭୋଜି ପାଇଁ ପିଣ୍ଡିଟିଏ ମଧ ନାହିଁ। ସେହି ପଥରଚଟାଣ ଉପରେ ଏବେ ବି ପୂର୍ବପରି ଭୋଜିଭାତ ଚାଲୁଛି। ଏପରିକି ଲାଗିଥିବା ସୂଚନାଫଳକ ମଧ ଆଉ ଦେଖିବାକୁ ମିଳୁନାହିଁ। ପିଇବାପାଣି ପାଇଁ ପାଖରେ ଏକ ନଳକୂପ ମଧ ନାହିଁ। ଏହି କୁମ୍ଭୀଧର ପିକ୍‌ନିକ୍ ସ୍ପଟର ବିକାଶ ହେଲେ ରାଜ୍ୟର ବିଭିନ୍ନ କୋଣଅନୁକୋଣରୁ ପର୍ଯ୍ୟଟକଙ୍କ ଏଠାରେ ଅଧିକ ଭିଡ ସବୁବେଳେ ଜମିବ। ଏହାସହିତ ଏହି ପର୍ଯ୍ୟଟନ ସ୍ଥଳ ପାଇଁ ବୌଦ୍ଧ ଜିଲ୍ଲାର ଗାରିମା ବୃଦ୍ଧି ପାଇବ ବୋଲି ପରିବେଶବିତମାନେ ମତପ୍ରକାଶ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

- ଭାଙ୍ଗିରୁଜି ନଷ୍ଟ ହେଲାଣି ପାହାଚ
- ଭୋଜି ପାଇଁ ପିଣ୍ଡି ନାହିଁ



## ୧୫ ଗାଁର ଦୁଃଖ ବାଘରକନା ନାଳ



ବୌଦ୍ଧ,୧୧।୧୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ବାଘରକନା ନାଳ ଉପରେ ଅଞ୍ଚଳର ୧୫ଖଣ୍ଡ ଗ୍ରାମବାସୀ ନିର୍ଭର କରୁଛନ୍ତି। ବର୍ଷା ଦିନେ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଭରା ନାଳରେ ଅଞ୍ଚଳବାସୀଙ୍କୁ ପାରି ହୋଇ ଯିବାକୁ ପଡୁଛି। ଜୀବନକୁ ବାଜି ଲଗାଇ ଏମାନେ ଯାତାୟାତ କରିଥାନ୍ତି। ଏହି ନାଳ ପାଇଁ ଛାତ୍ରଛାତ୍ରୀଙ୍କ ପାଠ ପଢା ବର୍ଷା ଦିନେ ବନ୍ଦ ହୋଇଯାଏ। ଅଞ୍ଚଳବାସୀ ଅନେକ ଥର ପୋଲ ଲାଗି ଦାବି କରିଛନ୍ତି; କେହି କିନ୍ତୁ ଶୁଣୁ ନ ଥିବା ଅଭିଯୋଗ କରୁଛନ୍ତି।

## ୫୨ ହଜାର ଗଞ୍ଜେଇ ଗଛ ନଷ୍ଟ



ବୌଦ୍ଧ, ୧୧।୧୨(ସମିସ): କଣ୍ଟାମାଳ ଥାନାଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ ସ୍ଥାନୀୟ ପୁଲିସ ପେନାଯୋର ଜଙ୍ଗଲରୁ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରିଛି। ରେକଡୋଲ ନିକଟ ଜଙ୍ଗଲରେ ଚଢ଼ଉ କରି ୫୨.୮ ଏକର ପରିମିତ ଜାଗାରେ ବେଆଇନ ଭାବେ ଚାଷ ହୋଇଥିବା ପ୍ରାୟ ୫୨ ହଜାର ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିଭଳି ବୌଦ୍ଧ ପୁଲିସ ବିରିଗଡ ଓ ଚରିଆପାଲି ଗ୍ରାମ ନିକଟ ଜଙ୍ଗଲରେ ହୋଇଥିବା ବେଆଇନ୍ ଗଞ୍ଜେଇ ଚାଷ ଉପରେ ଚଢଉ କରିଥିଲା। ଉଭୟ ସ୍ଥାନରେ ହୋଇଥିବା ପ୍ରାୟ ୪୭ ଏକର ଜମିରୁ ସମସ୍ତ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରାଯାଇଛି।

## ବୌଦ୍ଧ ଧନୁଯାତ୍ରା ଉଦ୍‌ଘାଟିତ



ବୌଦ୍ଧ,୧୧।୧୨(ସମିସ): ବୌଦ୍ଧ ନଗରସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟକଳା ପରିଷଦ ଆନୁକୂଲ୍ୟରେ ମା ଭୈରବୀ ପଡ଼ିଆରେ ଧନୁଯାତ୍ରା ନାଟ୍ୟ ଉତ୍ସବ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବ ସନ୍ଧ୍ୟାରେ ବୌଦ୍ଧ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାଞ୍ଜଳି ବଳିୟାର ସିଂ, ନାଟ୍ୟକାର ହୃଦାନନ୍ଦ ମେହେର ଓ ନାଟ୍ୟ ନିର୍ଦ୍ଦେଶକ ଦେବଙ୍ଗନ ମେହେର ମଞ୍ଚାସୀନ ଥିଲେ। ରମେଶ ପ୍ରସାଦ ମେହେର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ ମେହେର, କୃଷ୍ଣ ପରିଡା, ଉପଦେଷ୍ଟା ରମେଶ ପ୍ରସାଦ ମେହେରଙ୍କ ମାର୍ଗ ଦର୍ଶନରେ ଧନୁଯାତ୍ରା ପରିଚଳିତ ହେଉଛି।

## ବିଶ୍ୱ ମାନବାଧିକାର ଦିବସ ପାଳିତ



ଶଗଡା,୧୧।୧୨(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀସ୍ଥିତ ମା' ମାହେଶ୍ୱରୀ ଉଚ୍ଚ ମାଧମିକ ସ୍କୁଲରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି। ଅନୁଷ୍ଠାନର ସଭାପତି ଦୀପକ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଉଁଶୁଣୀ ଥାନା ଅଧିକାରୀ ମନ୍ଦାକିନୀ କହଁର, ସ୍କୁଲର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ, ଅଧ୍ୟାପକ ଦେବାର୍ଚ୍ଚନ ବେହେରା, ମକର ମହାରଣା ଏବଂ ଜାତୀୟ ମାନବାଧିକାର ସାମୁଖ୍ୟ ବୌଦ୍ଧ ବ୍ଲକ ସଂଯୋଜକ ଆଶିଷ ଠାକୁର ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ବୀଣାପାଣି ପ୍ରଧାନ, ରଶ୍ମିତା ମିଶ୍ର ଓ ସ୍କୁଲର ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ମାନବାଧିକାର ଓ ସାମାଜିକ ନ୍ୟାୟରେ ଯୁବମାନଙ୍କ ଭୂମିକା ବିଷୟରେ ଯୁବ ସମ୍ବାଦ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପୁଷ୍ପାଞ୍ଜଳି ମେହର ପ୍ରଥମ, ଶୃତିଶ୍ରୀ କମ୍ପ ଦ୍ୱିତୀୟ ଏବଂ ଶିଳ୍ପାରାଣୀ କର୍ମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ସଚେତନତା ଶିବିର



ବୌଦ୍ଧ/ମନମୁଣ୍ଡା,୧୧।୧୨(ସମିସ): କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ ପକ୍ଷରୁ ବିପତ୍ତି ଓ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ହେମବନ୍ତି ବାଘଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପର୍ଯ୍ୟୟ ପରିଚାଳନା ବିଭାଗ ମୁଖ୍ୟ ପରିଚାଳକ ନବକିଶୋର ପ୍ରଧାନ ଓ ସହଯୋଗୀ କର୍ମଚାରୀଙ୍କ ଦ୍ୱାରା ବିଜୁଳି, ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନି ନିରାପତ୍ତା, ସାପ କାମୁଡା, ଦୁର୍ଘଟଣାର ପ୍ରାଥମିକ ଚିକିତ୍ସା ପ୍ରଣାଳୀ ଆଦି ବିଷୟରେ ବୁଝାଇଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସାଧନା କର୍ମୀ ତଥା ଶିକ୍ଷକ ବନମାଳୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁବାର ଉମା ଉଚ୍ଚ ମାଧମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ କଷ୍ଟେଶ୍ୱର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭାର ଆୟୋଜନ ହୋଇଥିଲା। ଏନଡିଆରଏଫ ଟିମ୍ ଦ୍ୱାରା ବନ୍ୟା, ବାତ୍ୟା, ଭୂମିକମ୍ପ, ଅଗ୍ନି ନିରାପତ୍ତା, ସାପକାମୁଡ଼ା, ଦୁର୍ଘଟଣା, ସଂଜ୍ଞାହୀନ ବ୍ୟକ୍ତିର ତୁରନ୍ତ ଚିକିତ୍ସା ଆଦି ବିପର୍ଯ୍ୟୟ ସମୟରେ କିପରି ମୁକାବିଲା କରାଯାଇପାରିବ ସେ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଡେମୋ ମାଧମରେ ବୁଝାଯାଇଥିଲା। ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ମାନବାଧିକାର ଦିବସ ଅବସରରେ କର୍ମଶାଳା

ବୌଦ୍ଧ,୧୧।୧୨(ସମିସ): ବୌଦ୍ଧ ପଞ୍ଚାୟତ କଲେଜରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ମାନବାଧିକାର ଦିବସ ଅବସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜଜ୍ ତଥା ଦୌରା ଜଜ ପ୍ରତାପ କୁମାର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜଜ୍ ଏ କେ ପଶ୍ଚିମ କବାଟ, ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ସିଜେଏମ ନିରଞ୍ଜନ ପାତ୍ର, ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର, ଶାନ୍ତନୁ ମହାପାତ୍ର ମଞ୍ଚାସୀନ ଥିଲେ। ଛାତ୍ରୀ ସୋନାଲି ବାଘ ଓ ଆଇନଜୀବୀ ଦିବ୍ୟ ରଞ୍ଜନ ପାଣିଗ୍ରାହୀ ମଧ ନିଜ ନିଜ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଶେଷରେ ଆଇନଜୀବୀ ଧୂରୀଣ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ମହିଳା ଅଧିକାର ସାମ୍ମୁଖ୍ୟ ସମ୍ମିଳନୀ

ତରଭା,୧୧।୧୨(ସମିସ): ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ବ୍ଲକସ୍ତରୀୟ ମହିଳା ଅଧିକାର ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ଜ୍ଞାନଦା ମହାନନ୍ଦ ଯୋଗଦେଇ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ବାଲ୍ୟ ବିବାହ, ପୋଷଣ ଉପରେ ମତ ରଖିଥିଲେ। ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ରୀନା ପଣ୍ଡା, ସହକାରୀ କୃଷି ଅଧିକାରୀ ରେଣୁକା ଗଣିକ କୃଷି ଅଧୀନରେ ଥିବା ବିଭିନ୍ନ ସମସ୍ୟା ଓ ଯୋଜନା ଉପରେ ମତ ରଖିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ଭତ୍ତା, ଭିନ୍ନକ୍ଷମଙ୍କ ପାଇଁ ଥିବା ବିବାହ ପ୍ରୋତ୍ସାହନ ରାଶି ଉପରେ ଆଲୋକପାତ କରିଥିଲେ। ଓଏଲଏମ ମନୋଜ ବାଘ ଲିଙ୍ଗଗତ ହିଂସା କିପରି ରୋକା ଯାଇପାରିବ ସେ ଉପରେ ମତ ରଖିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ଟିଏଚପି ଜେଣ୍ଡର ଏକ୍ସପୋର୍ଟ ଅନଙ୍ଗ ନେଗୀ ମାନବିକ ଅଧିକାର, ଶିଶୁ ଅଧିକାର ଉପରେ ମତ ରଖି ଥିଲେ। ସୁବର୍ଣ୍ଣପୁର ସଖି ସେଣ୍ଟର ସୁକେଶିନୀ ଏକ୍କା ଓ ଶୁଚିସ୍ମିତା ନାୟକ ମହିଳା ହିଂସା, ମହିଳା ଟୋଲ ଫ୍ରି ନମ୍ବର, କିପରି ସହାୟତା ପାଇ ହେବ ସେ ବିଷୟରେ ପ୍ରମୁଖ ନିଜ ନିଜ ବକ୍ତ୍ୟବ୍ୟ ଉପସ୍ଥାପନ କରିଥିଲେ। ଧନୁର୍ଦ୍ଧର ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଗୁଣନିଧି



ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସରଗଜ ସରପଞ୍ଚ ନର୍ମଦା ମିଶ୍ର, ଚାରଭଟା ସରପଞ୍ଚ ସସ୍ମିତା ହରିପାଲ, କମସରା ସରପଞ୍ଚ କୁନ୍ତଳା ରଣା, ଅଲିଭା ମହାସଂଘର ସଭାନେତ୍ରୀ ଆହ୍ଲୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କମସରା ସରପଞ୍ଚ କୁନ୍ତଳା ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଜିତେନ୍ଦ୍ର ସାହୁ, ମିତ୍ରଭାନୁ ମଲ୍ଲିକ ପ୍ରମୁଖଙ୍କ ସହଯୋଗ କରିଥିଲେ।

## ଜାନୁଆରୀ ୨୫ରୁ ଅସୁରଗଡ଼ ଲୋକ ମହୋତ୍ସବ

ଶଗଡା,୧୧।୧୨(ସମିସ): ମନମୁଣ୍ଡାସ୍ଥିତ ଶିବ ମନ୍ଦିର ନିକଟ ଜୱାନ କ୍ଲବଠାରେ ତୃତୀୟ ରାଜ୍ୟସ୍ତରୀୟ ଅସୁରଗଡ ଲୋକ ମହୋତ୍ସବ-୨୦୨୬ ପାଇଁ ତୃତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନମୁଣ୍ଡା ଅଞ୍ଚଳର ଶତାଧିକ ଶିକ୍ଷାବିତ, ବୁଦ୍ଧିଜୀବୀ, କ୍ଲବ ସଦସ୍ୟ, ବଣିକ ସଂଘ ତଥା ସଚେତନ ନାଗରିକ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଜାନୁଆରୀ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଏହି ମହୋତ୍ସବ ହେବ। ମହୋତ୍ସବ ସଭାପତି ଆଶିଷ ସାହୁ ଅଧ୍ୟକ୍ଷତା କରିଥିଲେ। ସଞ୍ଜୟ ବାରିକ, ଘନଶ୍ୟାମ ମେହେର, ପ୍ରଶାନ୍ତ ପ୍ରଧାନ, ଅଜିତ ମେହେର, ରାଜୁ ନାୟକ, ଅକ୍ରୁର ବେହେରା, ସୁମନ୍ତ ସୁନା, କୃଷ୍ଣ ଲୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହୋତ୍ସବର ଲୋଗୋ ପ୍ରଦର୍ଶିତ ହୋଇଥିଲା। ମହୋତ୍ସବ ସଂପାଦକ ଶିବ ନାରାୟଣ ଚଉଳିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତରଭା ବାଳକ ହାଇସ୍କୁଲର ବାର୍ଷିକ କ୍ରୀଡ଼ା
# କ୍ରୀଡ଼ା ହେଉଛି ଶିକ୍ଷାର ଏକ ଅଭିନ୍ନ ଅଙ୍ଗ

ତରଭା,୧୧।୧୨(ସମିସ): ତରଭା ପିଏମ୍ ଶ୍ରୀ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ନିଜ ବକ୍ତବ୍ୟରେ କ୍ରୀଡାକୁ ଶିକ୍ଷାର ଅଭିନ୍ନ ଅଙ୍ଗ ବୋଲି ବ୍ୟାଖ୍ୟା କରିଥିଲେ। ଛାତ୍ରଛାତ୍ରୀ କ୍ରୀଡା ମାଧମରେ ଶୃଙ୍ଖଳା, ଶାରୀରିକ ସୁସ୍ଥତା ଓ ନେତୃତ୍ୱ ନେବାର କୌଶଳ ହାସଲ କରିପାରିବେ ବୋଲି ମତ ରଖିଥିଲେ।

ସିନିଅର, ଜୁନିଅର, ସବ-ଜୁନିଅର ଓ ଶିଶୁବାଟିକାର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଡ. ମୁରଲୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଲାଙ୍ଗୀର ପିଆର ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୂର୍ବତନ ଜିଲ୍ଲା କ୍ରୀଡା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ, ୱାର୍ଡ-୬ର କାଉନସିଲର ଆକବର ଅଲ୍ଲୀ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଖେଳ ଶିକ୍ଷୟିତ୍ରୀ ମମନ ବେହେରାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସତ୍ୟବ୍ରତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ୧୦୦, ୨୦୦, ୪୦୦, ୮୦୦, ୧୫୦୦ ମିଟର ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ସଟପୁଟ, ଡିସକସ ଓ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ପାଇଁ ଗଣିତ ଦୌଡ଼, ଜିଲାପିଖିଆ, ପୁଚିଖେଳ, ବେଲୁନ ରେସ୍ ଇତ୍ୟାଦି ପ୍ରତିଯୋଗିତା ଆୟୋଜନ



କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ଶିକ୍ଷକ ସୁରଜ ସେଠୀ, ଏନଏସି ସିଆରସିସି ଜୟନ୍ତ ମେହେର ଯୋଗ ଦେଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସିନିଅର ବିଭାଗରେ ଅଭିଜିତ କୁମ୍ଭାର, ଜୁନିଅର ବିଭାଗରେ ସୁବ୍ରତ ସୁନା ଓ ସବ-ଜୁନିଅର ବିଭାଗରେ କ୍ରିତିକା ବାଘ ଏବଂ ମନୋଜ ନାଏକ ଚାମ୍ପିଅନ ହୋଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସ୍ଥିତିପ୍ରଜ୍ଞା ବାଘ ଧନ୍ୟବାଦ ଅର୍ପଣ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଜ୍ୟୋତିକାନ୍ତ ଭୋଇ, କଲ୍ୟାଣ ମହାପାତ୍ର ଓ ମରାଡୁଗୋଛାର ଖେଳ ଶିକ୍ଷୟିତ୍ରୀ ସସ୍ମିତା ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ମେଘନାଦ ମହଲା, ସରୋଜ ଦେହେରୀ, ବାଳଗୋପାଳ ସା, ଅରୁଣ ସାହୁ, ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର, ରୀତାଞ୍ଜଳି ସାହୁ, ପ୍ରତିମା ସାହୁ,

## ବ୍ୟାଙ୍କ ଅଧିକାରୀଙ୍କୁ ନେଇ ଜିଲ୍ଲାପାଳଙ୍କ ବୈଠକ

ବୌଦ୍ଧ,୧୧।୧୨(ସମିସ): ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବ୍ୟାଙ୍କ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ସରକାରୀ ଯୋଜନା ଓ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହିତାଧିକାରୀଙ୍କୁ ବ୍ୟାଙ୍କ ଜରିଆରେ କେତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ତାରହାର ସମୀକ୍ଷା କରାଯାଇଛି। ବିଭିନ୍ନ ବ୍ୟାଙ୍କରେ ରହିଥିବା ସରକାରୀ ଯୋଜନାର ଋଣ ସହାୟତା ପ୍ରସ୍ତାବ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଲିଡ ବ୍ୟାଙ୍କ ମେନେଜର ଡନ ବାସ୍କୋ ଡିଙ୍କ ସମେତ ସମସ୍ତ ବ୍ୟାଙ୍କର ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ତରଭା ଏଇଏସ୍ କଲେଜ ବାର୍ଷିକ କ୍ରୀଡ଼ା

ତରଭା,୧୧।୧୨(ସମିସ): ତରଭା ଏଇଏସ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଶିବରାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡା ବିଭାଗର ମୁଖ୍ୟ ଅଧ୍ୟାପକ ରୋହିତ ପ୍ରଧାନ ଓ ଅଧ୍ୟାପକ ବିଭୀଷଣ ପଧାନ ଯୋଗ ଦେଇଥିଲେ। ବାଳକ ଏବଂ ବାଳିକା ବିଭାଗରେ ୩୮ ଇଭେଣ୍ଟ ହୋଇଥିଲା। ଯୁକ୍ତ ଦୁଇ ବାଳକ ବିଭାଗରେ ଚିନ୍ମୟ ମେହେର ସଟପୁଟ ଥ୍ରୋରେ ପ୍ରଥମ, ଡିସକସ ଥ୍ରୋରେ ପ୍ରଥମ, ଜାଭେଲି ଥ୍ରୋରେ ପ୍ରଥମ ଓ ଉଚ୍ଚଡିଆଁରେ ତୃତୀୟ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିଲେ। ଯୁକ୍ତ ଦୁଇ ବାଳିକା ବିଭଗରେ ରିମା ଧରୁଆ ୨୦୦ମି ଦୌଡରେ ପ୍ରଥମ, ୪୦୦ମି ଦୌଡରେ ପ୍ରଥମ ଏବଂ ଲମ୍ଫଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ଯୁକ୍ତ ତିନି ବାଳକ ବିଭାଗରେ ଶୁଭମ୍ ସା ୪୦୦ମି ଦୌଡରେ ପ୍ରଥମ, ୮୦୦ମି ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପଅନ ହୋଇଥିଲେ। ଯୁକ୍ତ ତିନି ବାଳିକା ବିଭାଗରେ ସୁମିତ୍ରା ନାଏକ ୨୦୦ମି ଦୌଡରେ ପ୍ରଥମ, ଲମ୍ଫଡିଆଁରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ଏବଂ ମେଡାଲ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରୋହିତ ପଧାନ, ଅଧ୍ୟାପିକା ବିନତି ମିଶ୍ର, ଅଧ୍ୟାପିକା ସରୋଜିନୀ ପଧାନ, ଅଧ୍ୟାପିକା ମୋନାଲିସା ପଧାନ ଉପସ୍ଥିତ ଥିଲେ। ସଂଜୀବ ସାହୁ, ଭବାନୀ ଶଙ୍କର ସାହୁ, ଅଭିଳାଷ ରଣା, ସୁରେଶ ସାହୁ, ଜୟନାରାୟଣ ବାରିକ, ରଶ୍ମିତା ନାଗ ପ୍ରମୁଖ କ୍ରୀଡ଼ା ଶିକ୍ଷକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଲଟାବୁଦାରେ ଲୁଚିଗଲାଣି ଶଗଡ଼ା ପ୍ରାଣୀଧନ ସହାୟକ କେନ୍ଦ୍ର

ବୌଦ୍ଧ,୧୧।୧୨(ସମିସ)

ଗୋ ପାଳନ ବୃଦ୍ଧି ପାଇଁ ରାଜ୍ୟ ସରକାର ଗୋପାଳକମାନଙ୍କୁ ସ୍ୱଳ୍ପ ସୁଧରେ ଋଣ, ଗୁହାଳ, ରିହାତିରେ ଦାନା ଆଦି ଯୋଗାଇ ଦେଉଥିବା ବେଳେ ଏମାନଙ୍କ ଚିକିତ୍ସା ସୁବିଧା ପାଇଁ ପ୍ରାଣୀ ଧନ ଚିକିତ୍ସାଳୟ ଖୋଲାଯାଇଛି। ଏହି ପରିପ୍ରେକ୍ଷୀରେ ୧୯୭୦ ମସିହାରେ ବୌଦ୍ଧ ବ୍ଲକ ଶଗଡା ପଞ୍ଚାୟତ ସଦର ମହକୁମାରେ ପ୍ରାଣୀଧନ ସହାୟକ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପ୍ରଥମେ ଏହା ଚାଳ ଛପର ଘରେ ଚାଲିଥିଲା। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭାଙ୍ଗି ଯିବାରୁ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ କୋଠା ନିର୍ମାଣ କରାଗଲା। ଏହି କେନ୍ଦ୍ର ଉପରେ ଆଖ ପାଖର ୩୦ଟି ଗ୍ରାମର ଗୋପାଳକ ନିର୍ଭର କରୁଥିବା ବେଳେ ଏହି ପ୍ରାଣୀଧନ ସହାୟକ କେନ୍ଦ୍ର ଖୋଲୁ ନ ଥିବାରୁ ପ୍ରାଣୀପାଳକମାନେ ବିଭିନ୍ନ ସମୟରେ ଗୃହ ପାଳିତ ପ୍ରାଣୀଙ୍କୁ ଆଣି ଅପେକ୍ଷା କରି ହଇରାଣ ହେବା ସହ ବାଧ ହୋଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରାଣୀ ସହାୟକ କେନ୍ଦ୍ର ନିୟମିତ ଖୋଲୁ ନ ଥିବାରୁ ଲଟାବୁଦାରେ ଏହା ଲୁଚି ଗଲାଣି। ଏ ନେଇ ପ୍ରାଣୀ ନିରୀକ୍ଷକ ବିବେକାନନ୍ଦ ଖମାରିଙ୍କୁ ଯୋଗାଯୋଗ କରିବାରୁ ସେ ଦହ୍ୟା କେନ୍ଦ୍ରରେ ନିୟମିତ ଥିବା ବେଳେ ଅତିରିକ୍ତ ଦାୟିତ୍ୱରେ ଗୁହୁଲିଆ ଓ ଶଗଡା କେନ୍ଦ୍ରର ଦାୟିତ୍ୱରେ ଥିବାରୁ ସପ୍ତାହକୁ ଦୁଇଦିନ ଲେଖାଏଁ କେନ୍ଦ୍ରକୁ ଯାଉଥିବା କହିଥିଲେ। ପୁଣି ଗାଁ ଗାଁ ବୁଲି ଭେକ୍ସିନ ଦେଉଥିବାରୁ ଅଫିସକୁ ନିୟମିତ ଯାଇପାରୁ ନ ଥିବା ସ୍ୱୀକାର କରିଥିଲେ। ତେବେ ଲଟାବୁଦାରୁ ଏହା ସ୍ପଷ୍ଟ ଜଣାପଡେ ଦୀର୍ଘ ମାସ ହେଲା ଏହା ଖୋଲା ଯାଉନାହିଁ। ଏହା ଫଳରେ ଏହା ଏବେ ଭୂତକୋଠି ପାଲଟିଛି। ବର୍ତ୍ତମାନ ଅଞ୍ଚଳର ଗୋ ପାଳକମାନେ ଭଗବାନ ଭରସାରେ ରହିଛନ୍ତି। ତୁରନ୍ତ ଏଠାରେ ସ୍ଥାୟୀ ପ୍ରାଣୀ ନିରୀକ୍ଷକ ନିଯୁକ୍ତି କର ନ ଯାଏ ତେବେ ଆଗାମୀ ଦିନରେ ଅଞ୍ଚଳର ଗୋପାଳକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



ନିୟମିତ ଆସୁ ନାହାନ୍ତି ପ୍ରାଣୀ ନିରୀକ୍ଷକ

# କଳାହାଣ୍ଡି ଗ୍ରାମସଭା ମହାସଂଘର ପଦଯାତ୍ରା ଓ ଗଣଧାରଣା




**ଭବାନୀପାଟଣା, ୧୧।୧୨(ସମିସ):** କଳାହାଣ୍ଡି ଗ୍ରାମସଭା ମହାସଂଘର ଜିଲ୍ଲାସ୍ତରୀୟ ପଦଯାତ୍ରା ଓ ଗଣଧାରଣା ଗୁରୁବାର ଭବାନୀପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ହୋଇଥିଲା। ପରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜଙ୍ଗଲ ଅଧିକାର ଆଇନ -୨୦୦୬ ପ୍ରାବଧାନକୁ ବିରୋଧାଭାଷୀ ସୃଷ୍ଟି କରୁଥିବା ଓଡ଼ିଶା ଅବକାରୀ ମହୁଲ ନିୟନ୍ତ୍ରଣ ଆଇନ ୧୯୮୧, ଓଡ଼ିଶା କାଠ ଓ ଅନ୍ୟ ଜଙ୍ଗଲଜାତ ଦ୍ରବ୍ୟ ପରିବହନ ଅନୁମତି ନିୟମ ୧୯୮୦, ଓଡ଼ିଶା କେନ୍ଦୁପତ୍ର ବ୍ୟବସାୟ ନିୟନ୍ତ୍ରଣ ଆଇନ ୧୯୬୧ ଆଦି ଗୁଡ଼ିକୁ ଓଡ଼ିଶା ସରକାର ତୁରନ୍ତ ସଂଶୋଧନ କରିବାକୁ ଦାବି କରାଯାଇଛି। ସେହିପରି ଜଙ୍ଗଲ ଅଧିକାର ଆଇନ- ୨୦୦୬ ପ୍ରାବଧାନ ଅନୁସାରେ ମହୁଲ, କେନ୍ଦୁପତ୍ର ଓ ବାଉଁଶ ଆଦି ସମସ୍ତ ଲଘୁବନଜାତ ଦ୍ରବ୍ୟକୁ ସଂଗ୍ରହ ଓ ବିକ୍ରୟ କରିବାରେ ଗ୍ରାମସଭାର ରହିଥିବା ଆଇନଗତ କର୍ତ୍ତୃତ୍ୱ, ମାଲିକାନା ଓ ଅଧିକାର ସମ୍ପର୍କରେ ଅବକାରୀ ବିଭାଗ, ପୁଲିସ ବିଭାଗ ଓ ବନ ବିଭାଗର କର୍ମଚାରୀମାନଙ୍କୁ ସଚେତନ କରି ଗ୍ରାମସଭାମାନଙ୍କୁ ସହଯୋଗ, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଞ୍ଚଳରେ ରହିଥିବା ଅମଳ ଯୋଗ୍ୟ ସମସ୍ତ କାଠ ଗ୍ରାମସଭାର ନିଜସ୍ୱ ଗୋଷ୍ଠୀ ଜଙ୍ଗଲ ସମଳର ଅମଳ ନୀତିର ପରିସରଭୂକ୍ତ ରହିଥିବା ବିଷୟରେ ବନ କର୍ମଚାରୀଙ୍କୁ ସଚେତନ କରିବା, ସରକାରଙ୍କ ଦ୍ୱାରା ଚିହ୍ନିତ କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ୧୭୭୧ ସମ୍ଭାବ୍ୟ ଯୋଗ୍ୟ ଗ୍ରାମଗୁଡ଼ିକର ଜଙ୍ଗଲ ଅଧିକାର ଗୁଡ଼ିକୁ ଅତି ଶୀଘ୍ର ଶିରୋନାମା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ପୂରଣ ପାଇଁ ସମ୍ପାଦକ ବ୍ୟାସଦେବ ମାଝୀ ଏବଂ ତିଳମଣି ବେମାଲ ପ୍ରମୁଖ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗାଁ ଲୋକଙ୍କ ପ୍ରଚେଷ୍ଟାରେ ସବୁଜିମା ସାଲେପାହାଡ଼

**ଧର୍ମଗଡ଼, ୧୧।୧୨(ସମିସ)**



ଗାଁ ଲୋକଙ୍କ ପ୍ରୟାସ ଓ ଚେଷ୍ଟା ବଳରେ ସାଲେପାହାଡ଼ ସୌନ୍ଦର୍ଯ୍ୟ ପୂର୍ଣ୍ଣ ହୋଇ ଉଠିଛି। ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛଞ୍ଚାଣବାହେଲି ଗାଁ ଲୋକଙ୍କ ଏକତା ନିଷ୍ଠା ଓ ଉଦ୍ୟମ ଯୋଗୁଁ ଲଣ୍ଡା ପାହାଡ଼ ଏବେ ସବୁଜିମାରେ ପରିପୂର୍ଣ୍ଣ। ଗାଁ ପଶ୍ଚିମଦିଗର ମାତ୍ର ୫ଶହ ମିଟର ଦୂରରେ ଅବସ୍ଥିତ ସାଲେପାହାଡ଼। ଏହାର ଇତିହାସ କହିଲେ ଦିନେ ମୂଲ୍ୟବାନ ସାଲେ ଗଛରେ ଭରପୁର ରହିଥିବା ଯୋଗୁଁ ସାଲେପାହାଡ଼ ନାମରେ ପରିଚୟ ପାଇଥିଲା। ଅନ୍ୟପଟେ ପୂର୍ବରେ ସାହାଜଖୋଲ ଜଙ୍ଗଲର ଏକ ଅଂଶ ବିଶେଷ ଭାବେ ଜଡିତ ରହିଥିବା ଯୋଗୁଁ ସାଲେ ପାହାଡ଼ କୁହାଯାଇଥିବା ଅନେକ ଲୋକ କହନ୍ତି। ଦିନେ ଏହି ପାହାଡ଼ ଘଞ୍ଚ ଜଙ୍ଗଲ ରହିଥିବା ବେଳେ ବନ୍ୟ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଥିଲା। କ୍ରମଶଃ ସ୍ୱାଧୀନତା ପରେ ପରେ ୧୯୬୦-୬୫ମଧ୍ୟରେ ଲୋକେ ଜଙ୍ଗଲ ରୁ ଗଛ କାଟିନେଇଥିଲେ। ଏପରିକି କାଠ ମାଫିଆ ସକ୍ରିୟହୋଇ ପ୍ରାୟ ୧୯୭୦-୭୫ବେଳ କୁ ପାହାଡ଼ ରୁ ମୂଲ୍ୟବାନ ଗଛକାଟି ନେଇଥିଲେ ଏବଂ ପାହାଡ଼ ସମ୍ପୂର୍ଣ୍ଣ ଭାବେ ଟଙ୍ଗରା ସଦୃଶ୍ୟ ହୋଇପଡ଼ିଥିଲା। ୧୯୮୦-୮୫ମସିହାରେ ଗାଁର ଅନେକ ବୁଦ୍ଧିଜୀବୀଙ୍କ ଭିତରେ ସାଲେପାହାଡ଼କୁ ପୁନଃ ସବୁଜଜିମା କରିବା ଉଦେଶ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭଇଁସାଲଙ୍କ ନେତୃତ୍ୱରେ ସାଲେପାହାଡ଼ର ସୁରକ୍ଷା ଓ ନବୀକରଣ ପାଇଁ ସଂକଳ୍ପ ନିଆଯାଇଥିଲା। ଏଥିରେ ସିନ୍ଧେଶ୍ୱର ଭଇଁସାଲ, ରାମଚନ୍ଦ୍ର ନାଗ, ଅଭିରାମ ଗୋପାଳ ଓ ଗଣ୍ଡାରାମ ସାହୁ ପ୍ରମୁଖ ଦାୟିତ୍ୱ ନେଇଥିଲେ।ନୂତନ ଭାବେ ବୃକ୍ଷରୋପଣ ସମେତ କଟା ହୋଇଥିବା ଗଛ ମୂଳ ର ଯତ୍ନ ନେଇ ଗାଁ ର ପ୍ରତ୍ୟେକ ମହିଳା ମାନେ ରୀତିମତ ପାଣି ଦେବା ଆରମ୍ଭ କରିଥିଲେ। ଏପରିକି ଗ୍ରାମବାସୀ ପର୍ଯ୍ୟାୟ ପର୍ଯ୍ୟାୟରେ ପାହାଡ଼କୁ ସୁରକ୍ଷା ଦେବା ପାଇଁ ଦଳ ଦଳ ଭାବେ ଜଗୁଆଳି ଦାୟିତ୍ୱ ନେଇଥିଲେ। ଠିକ ୧୯୯୦-୯୨ ମସିହାରେ ସାଲେପାହାଡ଼ ଗଛ ଉଠି ଆକୃତି ଆବରଣ କରିବା ଆରମ୍ଭ ହୋଇଥିଲା ଓ ୨୦୦୦-୨୦୦୨ବେଳକୁ ସମ୍ପୂର୍ଣ୍ଣ ସବୁଜଜିମା ପାଲଟି ଥିଲା। ବର୍ତ୍ତମାନ ସାଲେପାହାଡ଼ର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସାଙ୍ଗକୁ କମିଟି ଗଠନ କରାଯାଇଛି। ସ୍ୱର୍ଗତ କୃଷ୍ଣଚନ୍ଦ୍ର ଭଇଁସାଲଙ୍କ ନିଧନ ପରେ ଗାଁର ଯୁବଗୋଷ୍ଠୀ ଏହାର ଦାୟିତ୍ୱ ନେଇ ସାଲେପାହାଡ଼ର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଉପେନ୍ଦ୍ର ଭଇଁସାଲ, ପଙ୍କଜ ଗୋପାଳ ମହେଶ୍ୱର ଜୁଏଡ଼, ଗୋଲାପ ବାଗ, ହୁକିମ ଚନ୍ଦ୍ର ଭଇଁସାଲ, ପ୍ରଭାକର ଭଇଁସାଲ, ହର ପ୍ରସାଦ ହେର୍ଣ୍ଣା, ଡମ୍ବୁ ପୁଝାରି, ରାମେଶ୍ୱର ଦୁର୍ଗା, ଉପେନ୍ଦ୍ର ନାଗ, ମହେନ୍ଦ୍ର ସାହୁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସାଲେ ପାହାଡ଼ ଦିନକୁ ଦିନ ଘଞ୍ଚ ଜଙ୍ଗଲ ସୃଷ୍ଟି ହେବା ସହ ସୌନ୍ଦର୍ଯ୍ୟ ବଢ଼ିବାରେ ଲାଗିଛି। ଏପରିକି ନାନା ପ୍ରକାର ବନ୍ୟ ଜନ୍ତୁ ବସବାସ କରୁଥିବା ନଜିର ହେଲାଣି।ଡିସେମ୍ବର ବେଳକୁ ଏଠାରେ ଲୋକଙ୍କ ବଣଭୋଜି ଆସର ଜମି ରହୁଥିବା ଦେଖିବାକୁ ମିଳିଛି। ତେବେ ଏହା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ଅଧୀନରେ ରହିଥିଲେ ହିଁ ତାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ହାତକୁ ନେଇ ନ ଥିବା କ୍ଷୁବ୍ଧ ପ୍ରକାଶ କରନ୍ତି ଗ୍ରାମବାସୀ।

# କେସିଙ୍ଗା ବ୍ଲକ୍‌ର ୧୩ ହଜାର ୮ ଶହ ୭୫ ଓ ଏନ୍‌ଏସିର ୩୦୩ ରାସନକାର୍ଡ

## ଅଧିକାରୀ ଜାଣି ନାହାନ୍ତି ରାସନକାର୍ଡ କଟିବ ନା ରହିବ

**କେସିଙ୍ଗା, ୧୧।୧୨(ସମିସ):** ଓଡ଼ିଶାର ସମୁଦାୟ ୩୦ ଜିଲ୍ଲା ମଧ୍ୟରୁ ସରକାରୀ କାଗଜପତ୍ର ଅନୁଯାୟୀ ଅନୁନ୍ନତ କେବିକେ ଜିଲ୍ଲା ମଧ୍ୟରୁ କଳାହାଣ୍ଡି ଜିଲ୍ଲା ଅନ୍ୟତମ।ଯାହାର ଜନସଂଖ୍ୟା ପ୍ରାୟ ୧୫ ଲକ୍ଷ ୭୭ ହଜାର। ସେଥିମଧ୍ୟରୁ ୩ ଲକ୍ଷ ୫୫ ହଜାର ୩୩୯ ପରିବାରର ୧୨ ଲକ୍ଷ ୫୯ ହଜାର ୩୮୧ ଜଣଙ୍କୁ ମାନେ ସମୁଦାୟ ଜନସଂଖ୍ୟାର ୮୦ ପ୍ରତିଶତ ଲୋକଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମାଗଣାରେ ମୁଣ୍ଡ ପ୍ରତି ୫ କେଜି ଚାଉଳ ମିଳିଛି।ସେହିକ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମଧ୍ୟ ପ୍ରାୟ ୮୫ ପ୍ରତିଶତ ଲୋକ ସରକାରଙ୍କ ମାଗଣା ଚାଉଳ ଯୋଜନାରେ ସାମିଲ ଅଛନ୍ତି। ହେଲେ ନୂତନ ବିଜେପି ସରକାର ଆସିବା ପରେ ରାସନକାଡ ପାଇଁ ଆଉଥରେ କେୱାଇସି ଆରମ୍ଭ କରାଯାଇ କେୱାଇସି କରିନଥିବା ଓ ଅଯୋଗ୍ୟ ବିବେଚିତ ଦର୍ଶାଇ ରାଜ୍ୟର ଲକ୍ଷ ଲକ୍ଷ ଲୋକଙ୍କ ରସାନ କରିବ ବୋଲି ସରକାର ଘୋଷଣା କରିଛନ୍ତି।ସେହିକ୍ରମରେ କେସିଙ୍ଗା ବ୍ଲକରେ ୯୫ ପ୍ରତିଶତରୁ ଅଧିକ





କାର୍ଡ ଧାରି କେୱାଇସି କରିସାରିଥିବା ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟରୁ ଜଣାପଡ଼ିଛି। କେସିଙ୍ଗା ଯୋଗାଣ ଅଧିକାରୀଙ୍କ କହିବା ଅନୁଯାୟୀ କେସିଙ୍ଗା ବ୍ଲକରେ ସମୁଦାୟ ୨୯ ହଜାର ୯ ଶହ ୮୨ ପରିବାର ପାଖରେ ରାସନକାର୍ଡ ଅଛି ହେଲେ ସେଥିମଧ୍ୟରୁ ପ୍ରାୟ ୪୬ ପ୍ରତିଶତ ରାସନକାର୍ଡ ପରିବାରମାନେ ୧୩ ହଜାର ୮ ଶହ ୭୫ ପରିବାର ସରକାରଙ୍କ ସନ୍ଦେହ ଘେରରେ ରହିଛନ୍ତି। ସେହିପରି କେସିଙ୍ଗା ଏନ୍‌ଏସିର ସମୁଦାୟ ୩ ହଜାର ୫ ଶହ ୭୮ ରାସନକାର୍ଡ ପାଇଥିବା ପରିବାର ମଧ୍ୟରୁ ୩ ଶହ ୩ ପରିବାର ସରକାରଙ୍କ ଅଯୋଗ୍ୟ କାର୍ଡ ଧାରକ ସନ୍ଦେହରେ ଅଛନ୍ତି ବୋଲି ଯୋଗାଣ ଅଧିକାରୀ ପ୍ରକାଶ କରିବା ସହିତ ସନ୍ଦେହର କାରଣ ମଧ୍ୟ କହିଛନ୍ତି। ଅଧିକାରୀଙ୍କ କହିବା ଅନୁସାରେ ସରକାରଙ୍କ ସନ୍ଦେହରେ ଥିବା ପରିବାର ସମସ୍ତେ ପ୍ରଧାନମନ୍ତ୍ରୀ ପିଏମ କିସାନ ମାନ ଧନ ଯୋଜନାରେ ସମସ୍ତେ ଟଙ୍କା ପାଇଥିବାରୁ ସମସ୍ତେ ସନ୍ଦେହ ଘେରରେ ରହିଛନ୍ତି।କେସିଙ୍ଗା ବ୍ଲକରୁ କେତେ ରାସନ କଟିବ ରିପୋର୍ଟ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ କିମ୍ବା ପିଏମ କିଷାନ ଯୋଜନାରେ ଟଙ୍କା ପାଉଥିବା ପରିବାରର ରାସନକାର୍ଡ କଟିବ ବୋଲି କୁହାଯାଇ ପାରିବନାହିଁ କାରଣ ସେମିତି କିଛି ସରକାରୀ ଗାଇଡଲାଇନରେ ଉଲେଖ ନାହିଁ ବୋଲି ପ୍ରକାଶ କରିବା ସହ ସେମାନେ କେବଳ ସନ୍ଦେହରେ ଅଛନ୍ତି। କାହାର ରାସନକାର୍ଡ ବର୍ତ୍ତମାନ ପର୍ଯ୍ୟନ୍ତ କଟି ନାହିଁ ବୋଲି ଯୋଗାଣ ଅଧିକାରୀ କହିଛନ୍ତି।

■ **ଡାଲଗୁମା ଦୁର୍ଘଟଣା ମୃତ୍ୟୁ ଘଟଣା**

# ବାଇକ୍ ଆରୋହୀ ଯୁବକଙ୍କୁ କୋର୍ଟ ଚାଲାଣ





**କୋକସରା, ୧୧।୧୨(ସମିସ):** ଗତ ୩ ତାରିଖ ରାତିରେ ନିଆଁପୁଇଁବା ସମୟରେ ବାଇକ୍ ଧକ୍କା ଦେବାରୁ କୋକସରା ଥାନା ଡାଲଗୁମା ଗ୍ରାମର ଅଶୋକ କୁମାର ଚଣ୍ଡୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ଥିବା ନରସିଂ ଚଣ୍ଡି ଗୁରୁତର ଆହତ ହୋଇଥିଲେ। ଏନେଇ କୋକସରା ଥାନାରେ ଗତ ୪ ତାରିଖରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଓ ଯୁବକଙ୍କୁ ଥାନାକୁ ଅଣାଯାଇ ପଚରାଉଚୁରା ପରେ ଥାନା ବେଲ୍‌ବଣ୍ଡରେ ଛଡାଯାଇଥିଲା। ଏହି ଘଟଣାରେ ଗୁରୁବାର ମୃତକ ଓ ଗୁରୁତର ବ୍ୟକ୍ତିଙ୍କ ପରିବାର ଓ ସମ୍ପର୍କୀୟ ମାନେ ଥାନାରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଗିରଫ୍ କରିବା ସହିତ ଗୁରୁତରଙ୍କ ଚିକିତ୍ସା ସହାୟତା ଦେବାକୁ ଦାବି କରି ଥାନା ଆଗରେ ହୋହାଲ୍ଲା କରି ଧାରଣାରେ ବସିଥିଲେ। ଏହାପରେ ପୁଲିସ ସେମାନଙ୍କୁ ଦିର୍ଘ ସମୟଧରି ବୁଝାସୁଝା କରିଥିଲା।ଦୁର୍ଘଟଣା ଘଟାଇଥିବା ଡାଲଗୁମା ଗ୍ରାମର ରାହୁଲ ଧାରୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା କୋକସରା ଥାନା ପକ୍ଷରୁ ସୂଚନା ମିଳିଛି।

# ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କଲମପୁର, ୧୧।୧୨(ସମିସ):** କଲମପୁର ଅମୋହମଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଧନ୍ଦା ମୂଳକ ବିଦ୍ୟାଳୟର ବାର୍ଷିକ କ୍ରିଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ବିରଞ୍ଚି ମାଝୀଙ୍କ ପ୍ରତ୍ୟକ୍ଷ ତତ୍?।ବଧାନରେ ଆୟୋଜିତ ଏହି କ୍ରିଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଜଣାଶୁଣା ରାଜନିତିଜ୍ଞ ମହେନ୍ଦ୍ର ନାଥ ସାହୁ ଶୁଭ ଉଦଘାଟନ କରିଥିଲେ, ଏଥିରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡା, ଶଙ୍କର୍ଷଣ ବେହେରା, ସୁରେନ୍ଦ୍ର କୁମାର ନାଏକ, ଶେଷଦେବ ନାଏକ ଯୋଗଦେଇ ଥିଲେ, ବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ, ଏଥିରେ ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଜେଭଲିନ ଥ୍ରୋ, ମନ୍ଥର ଗତି ସାଇକେଲ ଚାଳନା, ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀଙ୍କ କ୍ରିକେଟ ପ୍ରତିଯୋଗିତା, ଭଲିବଲ, କବାଡି ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଏହି କ୍ରିଡ଼ା ଉତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଛି, ଶନିବାର ଦିନ ଉଦ୍‌ଯାପିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି, ଓଡ଼ିଆ ଅଧ୍ୟାପକ ଡୋଲେଶ୍ୱର ମାଝୀ ଓ ଯୁକ୍ତ ତିନି କଲେଜ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ବେହେରା ଖେଳ ପରିଚାଳନା କରୁଥିବା ବେଳେ ବରିଷ୍ଠ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ପରାମର୍ଶ ଦାତା ବିଭୁତି ଭୂଷଣ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ, ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।ଏହି କ୍ରିଡ଼ା ଉତ୍ସବ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ ଭିତରେ ଅନୁଷ୍ଠିତ କରାଯାଇଛି।ଶେଷରେ ଅଧ୍ୟାପିକା ମଧୁମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷି ଯନ୍ତ୍ରପାତି ମେଳା ପାଇଁ ପ୍ରସ୍ତୁତି

**ନୂଆପଡ଼ା, ୧୧।୧୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୫/୨୬ ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମେଳା ଅନୁଷ୍ଠିତ ହେବ।ବୈଠକରେ ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ମେଳାର ରୂପରେଖ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ କୃଷି ଯନ୍ତ୍ରପାତି ମେଳାର ସ୍ଥାନ, ତାରିଖ ଏବଂ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା।ମେଳା ଆସନ୍ତା ଜାନୁଆରୀ ୧୬ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପୁଲିସ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି।ପାଞ୍ଚ ଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ମେଳାରେ ଜିଲ୍ଲାର ସଫଳ କୃଷକମାନଙ୍କ ସଫଳତାର କାହାଣୀ ଏକ ନାଟକ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ମେଳାରେ କୃଷି ଓ ଆନୁସଙ୍ଗିକ ବିଭାଗର ୪୦ଟି ଷ୍ଟଲ ସ୍ଥାନ ପାଇବ। ପ୍ରତିଦିନ ବିଭିନ୍ନ ବ୍ଲକରୁ ୨୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ମେଳା ସହିତ ଶ୍ରୀ ଅନ୍ନ ମହୋତ୍ସବ ମଧ୍ୟ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ କରାଯାଇଛି।ପ୍ରସ୍ତୁତି ବୈଠକରେ ଲୋକସଭା ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଧାୟକଙ୍କ ପ୍ରତିନିଧି ରାମଲାଲ ହଂସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହରେକୃଷ୍ଣ ଚାନ୍ଦ ହାଁସଦା, ଏଫଏଫଏ ଅଜୟ କୁମାର ମାରାଣ୍ଡି, ଡିଡିଏମ ନାବାର୍ଡ ସୁନାରାମ ମାଝି, ଏଡିଓ ଖଡିଆଳ ସୋମନାଥ ମହାପାତ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଜନ କୁମାର ସାହୁ, ଏଇଇ ସନ୍ଦୀପ କୁମାର ଯୋଯୋ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, କୃଷି ଓ ଆନୁସଙ୍ଗିକ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ନାରାୟଣ ପ୍ରସାଦଙ୍କ ପରଲୋକ

**ଜୟପାଟଣା, ୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବରିଷ୍ଠ ସାମ୍ବାଦିକ ପ୍ରାଣରଞ୍ଜନ ବେହେରାଙ୍କ ବାପା ନାରାୟଣ ପ୍ରସାଦ ବେହେରାଙ୍କ ବିୟୋଗ ଘଟିଛି। ସ୍ୱର୍ଗତ



ବେହେରା ଜଣେ ଦକ୍ଷ ଖେଳ ପ୍ରଶିକ୍ଷକ ସାଙ୍ଗକୁ ଅନ୍ତ ରାଜ୍ୟ ଫୁଟବଲ ଖେଳର ପରିଚାଳନା କରି ନିଜର ଦକ୍ଷତା ପ୍ରତିପାଦନ କରିଥିଲେ। ଅନେକ ଜନହିତକର କାର୍ଯ୍ୟରେ ତାଙ୍କର ଅବଦାନ ରହିଛି। ବହୁଦିନ ଧରି ତାଙ୍କର ଦେହ ଅସୁସ୍ଥତା ଥିଲା। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା।ବୁଧବାର ସକାଳେ ଇହଧାମ ତ୍ୟାଗ କଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସହଧର୍ମିଣୀ ବସନ୍ତ ମଞ୍ଜରୀ ବେହେରା, ପୁଅ, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ। ତିନିପୁଅ ପ୍ରୀୟ ରଞ୍ଜନ, ପ୍ରାଣରଞ୍ଜନ ଓ ଚିତ୍ତରଞ୍ଜନ ବାପାଙ୍କ ଅନ୍ତେଷ୍ଟି କ୍ରିୟା ସମ୍ପାଦନ କରିଥିବା ବେଳେ ବଡପୁଅ ପ୍ରୀୟ ରଞ୍ଜନ ମୁଖାଗ୍ନି ଦେଇଥିଲେ।

# ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ




**ନୂଆପଡ଼ା, ୧୧।୧୨(ସମିସ):** ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନପକ୍ଷ-୨୦୨୫ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ ଆମ ସମାଜରେ ପ୍ରାଚୀନ କାଳରୁ ମହିଳାଙ୍କୁ ଉଚ୍ଚ ସମ୍ମାନ ଦିଆଯାଉଛି ଓ କିନ୍ତୁ ଅବିବାହିତ କନ୍ୟା ମା' ହେବା ବିଷୟ ଉପରେ ସେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଅବିବାହିତ କନ୍ୟା ମା ହେବା ନାରୀଜାତି ପ୍ରତି ସବୁଠାରୁ ବଡ ହିଂସା ଅଟେ ଓ ସେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ଅବିବାହିତ ମା' ମାନଙ୍କର ଉଚିତ ଥଇଥାନ କରିବା ଦିଗରେ ସବୁ ପ୍ରକାର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଧନେଶ୍ୱର ସେଠୀ ଲିଙ୍ଗ ଭିତ୍ତିକ ହିଂସାକୁ ଏକ ହାନିକାରକ କାର୍ଯ୍ୟ ବୋଲି ଅଭିହିତ କରିଥିଲେ। ଏସଡିପିଓ ସ୍ୱାଧୀନ ମିଶ୍ର ନିଜ ବକ୍ତବ୍ୟରେ ଲିଙ୍ଗ ଭିତ୍ତିକ ହିଂସା ନିରାକରଣ ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ, ସମସ୍ତ ମେଡ଼ିକାଲ୍ ଅଧିକାରୀ, ନର୍ସିଂ ଅଫିସର ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଲିଙ୍ଗ ଆଧାରରେ କୌଣସି ବ୍ୟକ୍ତି ବିରୁଦ୍ଧରେ କ୍ଷତିକାରକ କାର୍ଯ୍ୟକଳାପକୁ ଲିଙ୍ଗ ଭିତ୍ତିକ ହିଂସା ବୋଲି କୁହାଯାଏ। ଲିଙ୍ଗଭିତ୍ତିକ ହିଂସା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା, ଯାହାର ଶାରୀରିକ, ମାନସିକ ଏବଂ ସାମାଜିକ ପ୍ରଭାବ ରହିଛି।

## ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

# ସହିଦ ରେଣ୍ଡୋ ମାଝୀ ସ୍ମାରକୀ ପ୍ରଥମ ବକ୍ତୃତାମାଳା

**ଭବାନୀପାଟଣା, ୧୧।୧୨(ସମିସ)**




କଳାହାଣ୍ଡିର ବରପୁତ୍ର ତଥା ଭାରତୀୟ ସ୍ୱାଧିନତା ସଂଗ୍ରାମରେ ସହିଦ ହୋଇଥିବା ରେଣ୍ଡୋ ମାଝୀଙ୍କ ସ୍ମୃତିରେ 'ସହିଦ ରେଣ୍ଡୋ ମାଝୀ ସ୍ମାରକୀ ବକ୍ତୃତାମାଳା-୧' ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଉଦ୍ୟମରେ ଚଳିତ ବର୍ଷ ଡିସେମ୍ବର ୧୦ ତାରିଖରୁ ସ୍ମାରକୀ ବକ୍ତୃତାମାଳାର ଶୁଭାରମ୍ଭ ହୋଇଅଛି। ରେଣ୍ଡୋ ମାଝୀ ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଘଞ୍ଚ ଅରଣ୍ୟ ଉର୍ଲାଦାନୀ ଗଡ଼ର ଏକ କନ୍ଧ ସମ୍ପ୍ରଦାୟରେ ଜନ୍ମଗ୍ରହଣ କରିଥିଲେ। ଆଦିବାସୀମାନେ ପ୍ରକୃତି ଉପାସକ ଓ ଭୂମ୍ୟାଧିକାରୀ। ଇଂରେଜମାନେ ଓଡ଼ିଶାକୁ ଆଗମନ କରିବାପରେ ଓଡ଼ିଶାର ସମସ୍ତ କ୍ଷମତା ନିଜ ହାତକୁ ନେଇଥିଲେ। ଜଳ, ଜମି, ଜଙ୍ଗଲର ସ୍ୱତ୍ତ୍ୱ ଆଦିବାସୀମାନଙ୍କ ହସ୍ତରେ ନ୍ୟସ୍ତ ଥିଲା। କାରଣ ପୂର୍ବ ପୁରୁଷାନୁକ୍ରମେ ସେମାନେ ଏହାରି ଉପରେ ନିଜର ଅଧିକାର ସାବ୍ୟସ୍ତ କରି ଆସୁଥିଲେ। ଇଂରେଜମାନେ ଆସିଲା ପରେ ସେ ସବୁକୁ ନିଜ ହାତକୁ ନେଇଗଲେ। ଫଳରେ ଜଙ୍ଗଲଜାତଦ୍ରବ୍ୟ ସଂଗ୍ରହରେ ନିଜର ଅଧିକାର ହରାଇଲେ। ଏଥିପାଇଁ ସେମାନଙ୍କୁ ଟିକସ ଦେବାକୁ ପଡ଼ିଲା। ଏଥିରେ କ୍ଷୁବ୍ଧ ହୋଇ ଉମରା ରେଣ୍ଡୋ ମାଝୀ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରି ସହିଦ ହୋଇଥିଲେ।ଏହି ସ୍ମୃତିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ ଆଦିବାସୀ ସଂସ୍କୃତି, ଇତିହାସ ଓ ଭାରତୀୟ ସ୍ୱାଧିନତା ସଂଗ୍ରାମରେ କଳାହାଣ୍ଡିର ଅବଦାନ ବିଷୟରେ ଅବଗତ ହେବା ପାଇଁ ଉକ୍ତ ସ୍ମାରକୀ ବକ୍ତୃତାମାଳା ଆୟୋଜିତ ହୋଇଥିଲା। ପ୍ରତିବର୍ଷ ଏହି ସ୍ମାରକୀ ବକ୍ତୃତାମାଳା ରେଣ୍ଡୋ ମାଝୀଙ୍କ ସହିଦ ଦିବସରେ ଅନୁଷ୍ଠିତ ହେବ। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତିତ୍ୱ କରି ନିଜ ଅଭିଭାଷଣରେ ସହିଦ ରେଣ୍ଡୋଙ୍କ ସ୍ମୃତିଚାରଣ କରିଥିଲେ। କୁଳସଚିବ ଡକ୍ଟର ଗୁଣନିଧି ନାଏକ ଉଦ୍‌ଘାଟନୀ ଅଭିଭାଷଣରେ କଳାହାଣ୍ଡିର ବରପୁତ୍ର ସହିଦ ରେଣ୍ଡୋ ମାଝୀଙ୍କ ଆତ୍ମୋତ୍ସର୍ଗ ବିଷୟରେ କହିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଧନଞ୍ଜୟ କୁମାର ସହିଦ ରେଣ୍ଡୋ ମାଝୀ ବକ୍ତୃତାମାଳାର ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଚିରଞ୍ଜିବି ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ଅବସରପ୍ରାପ୍ତ ପ୍ରଫେସର ଜଗନ୍ନାଥ ଦାସ ମୁଖ୍ୟଅତିଥି ରୂପେ ଉପସ୍ଥିତ ହୋଇ 'ଆଦିବାସୀ ବିକାଶ: ମାନବଶାସ୍ତ୍ରୀୟ ପରିପ୍ରେକ୍ଷୀରେ ଏହାର ନୀତି ଓ ସ୍ଥାୟୀତ୍ୱ' ସମ୍ପର୍କରେ ଆଲୋଚନା କରିଥିଲେ। ଯୁବ ଔପନ୍ୟାସିକ ଡିଲେଶ୍ୱର ରଣା ସମ୍ମାନିତ ଅତିଥିରୂପେ ଯୋଗଦେଇ 'ରେଣ୍ଡୋ ମାଝୀ: ଭାରତୀୟ ସ୍ୱାଧିନତା ସଂଗ୍ରାମରେ କଳାହାଣ୍ଡିର ସ୍ୱର' ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ଆଲୋଚନା ସମାପ୍ତ ହେବାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ଅତିଥି ଦୁଇଜଣଙ୍କ ପାଖରୁ ସନ୍ତୋଷଜନକ ଉତ୍ତର ପାଇଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର କୁମୁଦ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥଲେ। ଏହି ବକ୍ତୃତାମାଳାରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କେସିଙ୍ଗା ବୁଢ଼ାରଜା କପ୍ କ୍ରିକେଟ ତୃତୀୟ ଦିନ

# ସେମିଫାଇନାଲରେ କେସିଙ୍ଗା



**କେସିଙ୍ଗା, ୧୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ର ମର୍ଣ୍ଣିଂ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମିନି ଷ୍ଟାଡିୟମରେ ରେ ହେଉଥିବା ଦ୍ୱିତୀୟ ବୁଢ଼ାରଜା ନକ ଆଉଟ୍ କ୍ରିକେଟ ପ୍ରତିଯୋଗିତାର ତୃତୀୟ ଦିନରେ ତିନୋଟି ମ୍ୟାଚ୍ ହୋଇଥିଲା ଦୁଇଟି ମ୍ୟାଚ୍ ଜିତି କେସିଙ୍ଗା ଦଳ ତୃତୀୟ ଟିମ୍ ଭାବରେ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରିଛି। ତୃତୀୟ ଦିନର ପ୍ରଥମ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବରେ ଆଦିବାସୀ ସଂଘ ସଭାପତି ଶେଷ ଦେବ ମାଝୀ ଯୋଗଦେଇଥିବା ବେଳେ ଦ୍ୱିତୀୟ ଖେଳର ମୁଖ୍ୟଅତିଥି ଭାବରେ କେସିଙ୍ଗା ସହରର ବିଶିଷ୍ଟ ସମାଜସେବୀ ତଥା କେସିଙ୍ଗାସ୍ଥିତ ମାନବ ସେବା ଟ୍ରଷ୍ଟର ପରିଚାଳକ ସଚିନ ଜୈନ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ କ୍ଲବ୍‌ର ସଭାପତି ବିଶ୍ୱରଞ୍ଜନ ମହଲା, ସମ୍ପାଦକ ମନୋଜ କଟା, କୋଷାଧ୍ୟକ୍ଷ ପିଣ୍ଟୁ ମହଲା ଓ କ୍ଲବ୍‌ର ଉପଦେଷ୍ଟା ଶିଲୁ ପରିଡ଼ା, ଶମ୍ଭୁ ବଗର୍ତ୍ତି, ବଳରାମ ସୁନା, ପ୍ରମୋଦ କଟା, ଗଦାଧର ସିଂଦେଓ ଏବଂ ମକରଧ୍ୱଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

୫ ବର୍ଷ ପରେ ରାୟ ପ୍ରକାଶ

## ସ୍ତ୍ରୀକୁ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ ଜେଲ୍

**ଶଗଡ଼ା, ୧୧।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମାଝିପଡ଼ା ଗ୍ରାମରେ ହୋଇଥିବା ଏକ ହତ୍ୟାକାଣ୍ଡର ୫ ବର୍ଷ ପରେ ରାୟ ପ୍ରକାଶ ପାଇଛି। ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ ହୋଇଛି। ୨୦୨୦ ଡିସେମ୍ବର ୧୭ ତାରିଖ ରାତିରେ ମନମୁଣ୍ଡା ଥାନା ମାଝିପଡ଼ା ଗ୍ରାମର ଅଯୋଧ୍ୟା ମାଝୀ ତାଙ୍କ ପତ୍ନୀ ହସ୍ତାନୀ ମାଝୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ମାମଲାରେ ସମସ୍ତ ସାକ୍ଷୀଙ୍କ ବୟାନ ଓ ଦସ୍ତାବିଜକୁ ଆଧାର କରି କନ୍ଧମାଳ ଅତିରିକ୍ତ ଜିଲ୍ଲା ଜଜ ଅଜୟ କୁମାର ପ୍ରଧାନ ଅଯୋଧ୍ୟା ମାଝୀକୁ ଆଜୀବନ କାରାଦଣ୍ଡ ଲାଗି ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ତୃପ୍ତିଆ ଚରଣ ସାହୁ ମାମଲାର ପରିଚାଳନା କରିଥିଲେ।

## ଗୋରୁ ବ୍ୟବସାୟକୁ ନେଇ ହତ୍ୟା ଘଟଣାରେ ୬ ଅଟକ

**ମନମୁଣ୍ଡା, ୧୧।୧୨(ସମିସ):** ମନମୁଣ୍ଡା ଥାନା ଖଲିଆପାଲି (ପୁରୁଣା) ପଞ୍ଚାୟତ ଗୁଡ଼ୁଗୁଡ଼ା ସାପ୍ତାହିକ ଗୋରୁ ବଜାରରେ ଗୋରୁ ବ୍ୟବସାୟକୁ ନେଇ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହରେ ୬ ଜଣଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା ତଥା ତଦନ୍ତ ଜାରି ରଖିଛି। ଏହି ୬ ଜଣ ହେଲେ ମନମୁଣ୍ଡା ଥାନା ମନ୍ଦୁପାଲି ପଞ୍ଚାୟତ ରଣିବନ୍ଧ ଗ୍ରାମର ବିଦ୍ୟାଧର ମଲ୍ଲିକ ଓ ଜଗନ ସାହୁ, ସାହୁପଡ଼ା ଗ୍ରାମର ବିବେକ ବାଗ, ରଞ୍ଜା ପଞ୍ଚାୟତ ଦଦ୍ୟା ଗ୍ରାମର ଅଲୋକ ସାହୁ, ମହେଶ୍ୱରପିଣ୍ଡା ଗ୍ରାମର ସରୋଜ ଭର୍ମା ଏବଂ କିରାସିରା ଗ୍ରାମର ପ୍ରଶାନ୍ତ ଜଗଦଲା। ହତ୍ୟାକାଣ୍ଡର ଖୁବ୍ ଶୀଘ୍ର ପର୍ଦ୍ଦାଫାଶ କରାଯିବ। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ରାହୁଲ ଗୋୟେଲ କହିଛନ୍ତି। ସୂଚନାଯୋଗ୍ୟ, ସାପ୍ତାହିକ ଗୋରୁ ବଜାରରେ ବୁଧବାର ଗୋରୁ ବେପାରକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ବଚସାରେ ଗୋଟିଏ ଗୋଷ୍ଠୀ ଶାଣିତ ଓ ମାରଣାସ୍ତ୍ରରେ ଅପର ଗୋଷ୍ଠୀର ବାଉଁଶୁଣି ଥାନା ତାଲୁପାଲି ଗ୍ରାମର ଦୁଇ ଭାଇ ଦୁର୍ଯ୍ୟୋଧନ ମହାକୁଡ଼ ଓରଫ ରମେଶ (୪୦) ଏବଂ ରତନ ମହାକୁଡ଼ ଓରଫ ଚଇତର (୫୦)ଙ୍କୁ ଆକ୍ରମଣ କରିଥିଲେ। ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବଡ଼ ଭାଇ ରତନ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି।

## ପାକ୍ସ ସମ୍ପାଦକ ଓ ଡିଇଓଙ୍କୁ ପ୍ରଶିକ୍ଷଣ

**ବୌଦ୍ଧ, ୧୧।୧୨(ସମିସ):** ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସଭା ଗୃହରେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଖରିଫ ୨୦୨୫-୨୬ ବର୍ଷରେ କ୍ରୟ କରିବାକୁ ଥିବା ଧାନର ମାନ ପରୀକ୍ଷଣ ଓ ପିପାସ୍ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପ ଜିଲ୍ଲାପାଳ ବିନୟ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତଥା ପ୍ରଶିକ୍ଷକ ଭାବେ ସମବାୟ ସମିତି ସମୂହର ଉପ ନିବନ୍ଧକ ଫକିର ମୋହନ ବାଘ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ଓ ଧାନ କ୍ରୟରେ ସାମିଲ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବୌଦ୍ଧ ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ ପାଇଁ ମାପଚୁପ

**ବୌଦ୍ଧ, ୧୧।୧୨(ସମିସ):** ବୌଦ୍ଧ ବସ୍‌ଷ୍ଟାଣ୍ଡ ସମ୍ପ୍ରସାରଣ ପାଇଁ ମାପଚୁପ ଓ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ଅନୀତା ସାହୁ, ଏନ୍‌ଏସି ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପବିତ୍ର ପ୍ରଧାନ, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଦୀପକ ମେହେର, କନିଷ୍ଠ ଯନ୍ତ୍ରୀ ସୁପ୍ରଭା କବି, ସହର ରାଜସ୍ୱ ନିରୀକ୍ଷକ ଅନୀଲ ପ୍ରଧାନ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବସଷ୍ଟାଣ୍ଡ ନିକଟରେ ମାପଚୁପ ହୋଇଛି। ନବ ନିର୍ମିତ ଓ ପୁରାତନ ବସ ଷ୍ଟାଣ୍ଡ ମଧ୍ୟରେ ଥିବା ଜନସ୍ୱାସ୍ଥ୍ୟ ବିଭାଗର ପଛ ପାର୍ଶ୍ୱର ଖାଲି ସ୍ଥାନରେ ସଂଯୋଗ ରାସ୍ତା ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି।

ସିଦ୍ଧେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜର ବାର୍ଷିକ ଉତ୍ସବ

# ଶୃଙ୍ଖଳିତ ରାଷ୍ଟ୍ର ନିର୍ମାଣ ପାଇଁ ବ୍ରାହ୍ମଣଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ

**ବୌଦ୍ଧ, ୧୧।୧୨(ସମିସ)**

ବୌଦ୍ଧ ଜିଲ୍ଲା ବଣ୍ଠପଥର ସିଦ୍ଧେଶ୍ୱର ମନ୍ଦିରଠାରେ ଆଞ୍ଚଳିକ ବ୍ରାହ୍ମଣ ସମାଜର ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ରାଷ୍ଟ୍ର ନିର୍ମାଣ ପାଇଁ ବ୍ରାହ୍ମଣମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏହି ଅବସରରେ ବିଷ୍ଣୁ ସହସ୍ର ନାମ ପାଠ, ହନୁମାନ ଚାଳିଶା ପାଠ, ଗୀତାପାଠ, ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ମାନସ ପୁରୋହିତ ଓ ତାଙ୍କ ପତ୍ନୀ ଜ୍ୟୋତ୍ସ୍ନାରାଣୀ ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ବିରାଞ୍ଚ ଚାନ୍ଦ, ରଣଜିତ ହୋତା, ଜ୍ଞାନରଞ୍ଜନ ଯୋଶୀ, ମାନସ ମିଶ୍ର, ପ୍ରଦୀପ ପାଢ଼ୀ,



ଶ୍ରୀଧର ପୂଜାହାରୀ ପୂଜାପାଠ କରିଥିଲେ। ପଣ୍ଡିତ ଆଶିଷ ଦାଶ ଗୀତା ପାଠ କରିଥିଲେ। ବାର୍ଷିକ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ଗୁରୁପ୍ରସାଦ ଦାଶ, ସମ୍ପାଦକ ଦେବାଶିଷ ପୁରୋହିତ, ହରଭଙ୍ଗା ବ୍ଲକ ସଭାପତି ସୁକାନ୍ତ ଦାଶ, ଉପ ସଭାପତି ଲଳ ଚାନ୍ଦ, ପ୍ରଦୀପ ଦାଶ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ବ୍ରାହ୍ମଣ ଓ ନୃସିଂହନାଥ ବ୍ରାହ୍ମଣ ସମାଜର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସିଦ୍ଧେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜର ସଭାପତି ନୃସିଂହ ଚରଣ ହୋତା, ସମ୍ପାଦକ ରୂପା ରଥ, ଅଶୋକ ପୂଜାହାରୀ, ସଞ୍ଜୀବ ପାଣିଗ୍ରାହୀ, ଅମୂଲ୍ୟ ଦାଶ, ସୁଜିତ୍ ଦାଶ, ଲୋକନାଥ ପୁରୋହିତ, ଗଣେଶ ତ୍ରିପାଠୀ, ସୁଧାଂଶୁ ପାଣିଗ୍ରାହୀ, ସତ୍ୟ ପ୍ରକାଶ ହୋତା, ସିକ୍ସନ ହୋତା, ସବିତା ପାଣିଗ୍ରାହୀ, ନାରାୟଣ ଯୋଶୀ, ସତ୍ୟେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦରମା ଦାବିରେ ଆନ୍ଦୋଳନକୁ ଓହ୍ଲାଇଲେ ସଫେଇ କର୍ମଚାରୀ




**ଭବାନୀପାଟଣା, ୧୧।୧୨(ସମିସ):** ଭବାନୀପାଟଣା ସହରରେ ଥିବା ନୂଆ ବସ୍ ଟର୍ମିନାଲର ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଫେମସ ସିକ୍ୟୁରିଟି ସଂସ୍ଥାକୁ ଗତ ୩ ବର୍ଷ ତଳେ ପୌରପରିଷଦ ପକ୍ଷରୁ ଟେଣ୍ଡର ପ୍ରଦାନ କରାଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥା ୪୩ ଜଣ ସଫେଇ କର୍ମଚାରୀ ଓ ବସ୍‌ଷ୍ଟାଣ୍ଡ ସୁରକ୍ଷା ପାଇଁ ସିକ୍ୟୁରିଟି ଗାର୍ଡ ନିଯୁକ୍ତ କରିଥିଲା। ତେବେ ଗତ ୩ ମାସ ହେଲା ଏହି କର୍ମଚାରୀଙ୍କୁ ଦରମା ପ୍ରଦାନରେ ଅନିୟମିତତା କାରଣରୁ ଗୁରୁବାର ସଫେଇ କାର୍ଯ୍ୟ ବନ୍ଦ୍ କରି ନୂତନ ବସ୍ ଟର୍ମିନାଲ ଠାରେ ଆନ୍ଦୋଳନକୁ ଓହ୍ଲାଇଥିଲେ ସଫେଇ କର୍ମଚାରୀ। ପୌର ପରିଷଦକୁ ମଧ୍ୟ କିଛି କଲେକ୍ସନ ଟଙ୍କା ନଦେବା ଏବଂ ଓରମେଟ୍ରି ଚାଲୁ ନଥିବାବେଳେ ୭ଜଣଙ୍କ ଦରମା ସିକ୍ୟୁରିଟି ସଂସ୍ଥା ଦାବି କରୁଥିଲା। ତତ ସହ ଦୋକାନ ଗୃହର ଭଡା ଅର୍ଥ ସଂଗ୍ରହ ନକରିବା ଭଳି ବହୁ ଅଭିଯୋଗ ରହିଥିଲା। ଏହି ସବୁ ଦୃଷ୍ଟିରୁ ପୌର ସଂସ୍ଥା ପକ୍ଷରୁ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥାକୁ ବିଲ ପ୍ରଦାନ କରାଯାଉନଥିଲା। ଆଜି ପୌର ପରିଷଦ ଯାହା ଟଙ୍କା ପାଇବାକୁ ଥିଲା ତାହା ବାଦ ଦେଇ ଫେମ୍ସ ସିକ୍ୟୁରିଟି ସଂସ୍ଥାକୁ ବିଲ ବାବଦ ଅର୍ଥ ପ୍ରଦାନ କରିଛନ୍ତି। ଦୁଇମାସର ହିସାବ ତୁଟିବାପରେ କର୍ମଚାରୀଙ୍କ ଆନ୍ଦୋଳନ ସ୍ଥଗିତ ହୋଇଛି। ଦରମା ନ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣିଥିଲେ ସଫେଇ କର୍ମଚାରୀ। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରମୋଦ ପାଢ଼ୀଙ୍କୁ ପଚାରିବାରୁ ଏନେଇ ଅଭିଯୋଗ ଆସିଛି ଖୁବ ଶୀଘ୍ର ସେମାନେ ତାଙ୍କର ପ୍ରାପ୍ୟ ପାଇବେ ବୋଲି ସୂଚନା ଦେଇଛନ୍ତି।ଅନ୍ୟପକ୍ଷରେ, ସହରର ସଫେଇ ଦାୟିତ୍ୱରେ ଥିବା ଚନ୍ଦନ ସିକ୍ୟୁରୀଟି ସଂସ୍ଥାର ମଧ ଟେଣ୍ଡର ବାତିଲ କରିଛି ପୌର ପରିଷଦ।

## ଚାଷୀ ସଚେତନତା ପ୍ରଚାର ରଥ ଶୁଭାରମ୍ଭ

**ବୌଦ୍ଧ, ୧୧।୧୨(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ସଚେତନତା ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବାହାରିଥିବା ପ୍ରଚାର ରଥକୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଗ୍ରାମ ପରିକ୍ରମା କରି ଧାନ କ୍ରୟ ପାଇଁ ଥିବା ସରକାରୀ ନିୟମ ସୁବିଧା ସୁଯୋଗ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଇବ। ରଥ ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ ଜିଲ୍ଲାପାଳ ବିନୟ ଭୋଇ, ସମବାୟ ସମିତି ସମୂହର ଉପ ନିବନ୍ଧକ ଫକିରମୋହନ ବାଘ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଓ ଆରଏମସିର କର୍ମଚାରୀ ଉପସ୍ଥିତ ଥିଲେ।

## ଆଜିଠୁ ନଟରାଜ କଳା ପରିଷଦର ନାଟକ ମହୋତ୍ସବ

**ବଲାଙ୍ଗିର, ୧୧।୧୨(ସମିସ):** ନଟରାଜ କଳା ପରିଷଦ ଦ୍ୱାରା ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ସାଂସ୍କୃତିକ, କଳା ଏବଂ ପୁରୁଣା ଲୋକକଥାକୁ ନେଇ ଶୁକ୍ରବାରଠାରୁ ୩ ଦିନ ଧରି ପୁରୁଣା ମଞ୍ଚରେ ନାଟକ ଆୟୋଜିତ ହେବ। ଏହି ଅବସରରେ ସ୍ୱର୍ଗତ ସୁବାସ ପୁଝାରୀଙ୍କ ସ୍ମୃତିରେ ଅବଦୁଲ ଜମାଲ ଖାନଙ୍କୁ କୋଶଳ ଗୌରବ ନାଟକ ସମ୍ମାନରେ ସମ୍ମାନିତ କରାଯିବ। ସେହିଭଳି ସ୍ୱର୍ଗତ ଲଳିତ ନାୟକଙ୍କ ସ୍ମୃତିରେ ଡା. ରୁଦ୍ର ନାରାୟଣ ପଟେଲଙ୍କୁ ସମ୍ମାନିତ କରାଯିବ। ଅନ୍ୟପକ୍ଷେ ସ୍ୱର୍ଗତ ଜ୍ୟୋତି ରଞ୍ଜନ ପାଣିଗ୍ରାହୀଙ୍କ ସ୍ମୃତିରେ ଯୁବ କଳାକାର ନଟରାଜ ସମ୍ମାନ ଦିଆଯିବ। ସମ୍ପାଦକ ପ୍ରହଲ୍ଲାଦ ଦର୍ଜି, ଅଧ୍ୟକ୍ଷ ଡ. ଶ୍ରୀ ମିଶ୍ର, ସଭାପତି ହରିନାରାୟଣ ପୁଜାରୀ, ପ୍ରଶାନ୍ତ ଖମାରୀ ଏବଂ ସତ୍ୟବ୍ରତ ଦାଶ ଏଡି ସୂଚନା ଦେଇଛନ୍ତି।

## ମାନବାଧିକାର ଦିବସ ପାଳିତ

**ମ. ରାମପୁର, ୧୧।୧୨(ସମିସ):** ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଓ ତାଲୁକ୍ ଆଇନ ସେବା ସମିତି ମ.ରାମପୁର ତରଫରୁ ତୁଜୁଙ୍ଗ ଶ୍ରୀଏଜୁକେସନ ଠାରେ ମାନବାଧିକାର ଦିବସ ପାଳନ ହୋଇଯାଇଛି। ତାଲୁକ୍ ଆଇନ ସେବାସମିତିର ତରୁଣ କୁମାର ମାଝୀ, ଶ୍ରୀଏଜୁକେସନର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପତି ଓ ଅନୁଷ୍ଠାନର ସଭାପତି ତଥା ମ.ରାମପୁର ଓକିଲ ସଂଘର ସମ୍ପାଦକ ସପନ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଅଧ୍ୟକ୍ଷ ତାଲୁକ୍ ଆଇନ ସେବା ସମିତି ମ.ରାମପୁର ଦୀପ୍ତି ରଞ୍ଜନ ଦାସ, ଓକିଲ ସଂଘ ସଭାପତି ଜୟକୁମାର ସିଂହଦେଓ, ଆଇଜୀବୀ ଯତୀନ କୁମାର ସାହୁ, ଅଶ୍ୱିନୀ କୁମାର ପଣ୍ଡା, ସତ୍ୟଜିତ ଚାଟାର୍ଜୀ, ଆଶିଷ କୁମାର ମିଶ୍ର, ମମତା ଭୋଇ ଓ ମହାଶକ୍ତି ଫାଉଣ୍ଡେସନର ବୋର୍ଡ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦେଇ ମାନବାଧିକାର ଦିବସ ପାଳନ ସମ୍ବନ୍ଧରେ ଆଲୋଚନା କରିବା ସହିତ ମୌଳିକ ଅଧିକାର, ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ଏବଂ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କୁ ସଚେତନ କରାଇଥିଲେ। ଶ୍ରୀ ଏଜୁକେସନର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପତି ଉପସ୍ଥିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଲେବଡ଼ା ପିଏମ୍‌ଶ୍ରୀ ସ୍କୁଲରେ ଖାଦ୍ୟହାଟ ଉତ୍ସବ

**ମୁରିବାହାଲ, ୧୧।୧୨ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଲେବଡା ପିଏମ୍‌ଶ୍ରୀ ପାଟଣେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର ମଧ୍ୟରେ ଧନ୍ଦାମୂଳକ ଶିକ୍ଷାର ଖାଦ୍ୟ ପ୍ରକ୍ରିୟାକରଣ ତରଫରୁ ଖାଦ୍ୟହାଟ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁତିବାହନ ମୁନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଉତ୍ସବରେ ଧନ୍ଦାମୂଳକ ଶିକ୍ଷାବିଭାଗର ଜୟରାମ ମୋହାପାତ୍ରଙ୍କ ଦ୍ୱାରା ଖାଦ୍ୟହାଟ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ସଭାପତି ଡମ୍ବରୁଧର ମାଝୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଖାଦ୍ୟ ପ୍ରକରଣ ବିଭାଗର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଅକୁର୍ ସାହୁ, ରାମକୃଷ୍ଣ ଆଡୟୁଏଡଙ୍କ ସହ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ

**ଲଛିପୁର, ୧୧।୧୨(ସମିସ):** ଲଛିପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହାତୀ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବନାଞ୍ଚଳ ଅଧିକାରୀ ସୁବାଷ ମହାପାତ୍ର, ଲଛିପୁର ବନପାଳ କବିତା ପାତ୍ର, ସୋନପୁର ଓ ବଲାଙ୍ଗୀର ଜିଲ୍ଲା ବିଦ୍ୟୁତ୍ ଅଧିକାରୀ ଦେବଦତ୍ତ ପାଣିଗ୍ରାହୀ, ଜିଲ୍ଲା ବିଦ୍ୟୁତ କନିଷ୍ଠ ଯନ୍ତ୍ରୀ ସୁବାଷଚନ୍ଦ୍ର ବାଦୁକ, ସୁବର୍ଣ୍ଣପୁର ସଂକୁଳର ସଂକୁଳ ପ୍ରମୁଖ ଦିଲୀପ ସାହୁ, ବିଦ୍ୟାଳୟର ସମ୍ପାଦକ ଅଶୋକ ଦେହୁରୀ ଅତିଥି ଭାବେ ମଞ୍ଚାସୀନ ଥିଲେ। ଆଖପାଖ ଅଞ୍ଚଳର ୪୦ ଜଣ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନେ ହାତୀ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ସଚେତନତା ସୃଷ୍ଟି କରିଥିଲେ। ବିଦ୍ୟାଳୟର ଗୁରୁଜୀ ରଞ୍ଜୀତ ପଟ୍ଟନାୟକ, ଅଶ୍ୱିନୀ ଦନ୍ତା, ପ୍ରଭାତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ହାତୀ ସୁରକ୍ଷା ଓ ସଚେତନତା ଉପରେ ପ୍ରଶ୍ନ ମଞ୍ଚର ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜ୍ଞାନ ଅର୍ଜନ ପାଇଁ ବିଜ୍ଞାନ କୁଇଜ ପ୍ରତିଯୋଗିତା

**ବିନିକା, ୧୧।୧୨(ସମିସ):** ବିନିକା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଜ୍ଞାନ ଅର୍ଜନ ପାଇଁ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକସ୍ତରୀୟ ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲର ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିବେକ ରଣା, ପ୍ରିୟାଂଶୀ ପ୍ରଧାନ, ଶୁଭ୍ରସ୍ମିତା ଦିଶ୍ରୀ, କବିତା ବିଶି, ଅଙ୍କେସ ସାହୁ, ଋତୁପର୍ଣ୍ଣା କର୍ମୀ, ଶ୍ରୁତି ସାହୁ, ପିକୁଲ ସେଠୀ, ପ୍ରଣିତା ଭୋଇ ପ୍ରମୁଖ କୃତକାର୍ଯ୍ୟ ହୋଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର କାଲସେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିନିକା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସରଞ୍ଜନ ଭୋଇ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ପଣ୍ଡା, ବିନିକା ହାଇସ୍କୁଲ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ସଭାକୁ ସଂଯୋଜନା କରିଥିବା ବେଳେ ଭବାନୀଶଙ୍କର ଜଗଦଲା ସହଯୋଗ କରିଥିଲେ। ଶେଷରେ ଟଙ୍କଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ତେତଲଖୁଣ୍ଟିରେ ନିଆଁଲାଗି ଗର୍ଭବତୀ ସଙ୍କଟାପନ୍ନ

**କଣ୍ଟାବାଞ୍ଜି, ୧୧।୧୨ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ତେତଲଖୁଣ୍ଟି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପଦ୍ମମିନି ନାଗ (୨୪) ନାମ୍ନୀ ଜଣେ ଗର୍ଭବତୀ ମହିଳା ଶୀତ ଦାଉରୁ ରକ୍ଷା ପାଇଁ ନିଆଁ ଲଗାଇ ଗରମ ସେକା ନେଉଥିବା ସମୟରେ ହଠାତ୍ ନିଆ ଲାଗି ଯାଇଥିଲା। ଏହାଫଳରେ ତାଙ୍କ ଶରୀର ଅଧିକାଂଶ ଭାଗ ଜଳି ଯାଇଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନା ଆଣିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଖାରି ଶିଶୁ ମନ୍ଦିରରେ ଭାରତୀୟ ଭାଷା ଦିବସ

**ତରଭା, ୧୧।୧୨(ସମିସ):** ଖାରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତୀୟ ଭାଷା ଦିବସ ପାଳିତ ହୋଇଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୋନପୁର ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ ଯୋଗ ଦେଇ ଭାରତୀୟ ଭାଷା ଉପରେ ମାର୍ଗଦର୍ଶନ ଦେଇଥିଲେ।

ସୋନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଜନକପୁରକୁ ହରାଇ ସେମିରେ ଖମାର

**ବୀରମହାରାଜପୁର, ୧୧।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀରେ ଏମ ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ସୋନୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଥିଲା ତୃତୀୟ ଦିବସ। ଗୁରୁବାର ପ୍ରଥମ ମ୍ୟାଚ ପଣ୍ଡାପାଲି ଓ ଖମାର ମଧ୍ୟରେ ହୋଇଥିଲା। ଏଥିରେ ପଣ୍ଡିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୯୦ ରନ୍ କରିଥିଲା। ଜବାବରେ ଖମାର ଦଳ ଆବଶ୍ୟକ ୯୧ ରନ୍‌କୁ ୭.୫ ଓଭରରେ ୭ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଡିଡିମାଳ ଓ ଜନକପୁର ମଧ୍ୟରେ ହୋଇଥିଲା। ଏଥିରେ ଜନକପୁର ପ୍ରଥମେ ବ୍ୟାଟିଂ କରି



ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୬୪ ରନ୍ କରିଥିଲା। ଜବାବରେ ଡିଡିମାଳ ଦଳ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୬୨ ରନ୍ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଖମାର ଓ ଦ୍ୱିତୀୟ ମ୍ୟାଚର ବିଜେତା ଜନକପୁର ମଧ୍ୟରେ ହୋଇଥିଲା। ଏଥିରେ ଜନକପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୬୨ ରନ୍ କରିଥିଲା। ଜବାବରେ ଖମାର ଦଳ ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୬୩ ରନ୍ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସମିତିସଭ୍ୟ ଚିତ୍ତରଞ୍ଜନ ସାହୁ, ଆରଆଇ ରୋହିତ ମିଶ୍ର, କ୍ରୀଡାବିତ ପ୍ରକାଶ ପଣ୍ଡା, ମୁରଲୀ ପଧାନ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ ଖମାରର ଦେବାଶିଷ ସାହୁ, ଦ୍ୱିତୀୟ ମ୍ୟାଚ ପାଇଁ ଜନକପୁରର ଆକାଶ ସାହୁ ଓ ତୃତୀୟ ମ୍ୟାଚ ପାଇଁ ଖମାରର ଅରବିନ୍ଦ ପାଢ଼ୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଅବିନାଶ ସାହୁ ଓ ପ୍ରକାଶ ପଣ୍ଡା ଅମ୍ପାୟାର ଥିଲେ। ଆଶିଷ ନାଏକ ସ୍କୋରିଂରେ ସହଯୋଗ କରିଥିବାବେଳେ ଗଣେଶ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ।

## ବର୍ଣ୍ଣବୁଢ଼ା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ସଇଁତଲା, ୧୧।୧୨(ସମିସ):** ଗଣ୍ଡପତ୍ରାପାଲି ପଞ୍ଚାୟତ ନାରିକଟା ଖେଳ ପଡ଼ିଆରେ ସପ୍ତମ ବର୍ଷ ବର୍ଣ୍ଣବୁଢା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ବର୍ଣ୍ଣବୁଢା କ୍ଲବ୍ ନାରିକଟା ଆନୁକୂଲ୍ୟରେ ଗୁରୁବାର ଏହା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସର ପ୍ରଥମ ଖେଳ କରେଲଧୁଆ ଏବଂ ଖଲିଆଖମାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରେଲଧୂଆ ୧-୦ ଗୋଲ ସ୍କୋର କରି ବିଜୟୀ ହୋଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ସର୍ବେଶ୍ୱର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରେମା ସ୍ୱାଇଁ, ହରେକୃଷ୍ଣ ବଗର୍ତ୍ତୀ ଗ୍ରାମର ଭଦ୍ର ବ୍ୟକ୍ତି ରାଜେନ୍ଦ୍ର ଭୋଇ, ସତ୍ୟନାରାୟଣ ଭୋଇ, କୃପା ଭୋଇ, କାଳିଆ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣେଶ ଭୋଇ ଖେଳ ପରିଚାଳନା କରିଥଲେ। ବିମ୍ବାଧର ନାଗ, ମନୋରଞ୍ଜନ ମାଝୀ, ଅଜୟ ଭୋଇ ଲାଇନ ମ୍ୟାନ୍ ଭାବେ ସହାଯୋଗ କରିଥିଲେ। ସୁରେନ୍ଦ୍ର ମହାନନ୍ଦ ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସୁଶାନ୍ତ ଭୋଇ(ସାଧୁ), ଫିରୋଜ ମାଝୀ, ମନବୋଧ ଭୋଇ, ଦୀପକ ବାଗ, ସଞ୍ଜୟ ଭୋଇ, ଦୂର୍ବାସ ଭୋଇ, ଜଗନ୍ନାଥ ଭୋଇ, ଦୁରବାସ ଜାନୀ, ସରୋଜ ଭୋଇ ପ୍ରମୁକ ସହଯୋଗ କରିଥିଲେ।

## ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବିନିକା, ୧୧।୧୨ (ସମିସ):** ସ୍ଥାନୀୟ ନୂଆଁପାଲି ପଡ଼ିଆରେ ଫୁଲମୁଠିସ୍ଥିତ ବିନିକା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ପ୍ରମିଳା କଲତା, ଅବସରପ୍ରାପ୍ତ କର୍ମଚାରୀ ଆଶିଷ ରଥ ଯୋଗ ଦେଇଥିଲେ। ଗୃହ ବିଜ୍ଞାନ ବିଭାଗ ଅଧ୍ୟାପିକା ବୈଜୟନ୍ତୀ ସାହୁ ଓ ଖେଳ ଶିକ୍ଷୟିତ୍ରୀ ବିଦ୍ୟୁଲତା କରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୦୦ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଧ୍ୟାପିକା ଗୀତାଞ୍ଜଳି ତ୍ରିପାଠୀ, ଅଧ୍ୟାପକ ଅଶୋକ ବିଶି, ସବ୍ୟସଚୀ ଦନ୍ତା, ଶିବ ନାରାୟଣ ମେହେର, ପ୍ରଦୀପ ମିଶ୍ର, ବିଶ୍ୱାମିତ୍ର ପାତ୍ର, ସୋମିତ୍ରୀ ମେହେର ପ୍ରମୁଖ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସେମିରେ ମୁରସିଂହ

**ତରଭା, ୧୧।୧୨(ସମିସ):** ସ୍ଥାନୀୟ ବାଳକ ହାଇସ୍କୁଲ ଖେଳ ପଡ଼ିଆରେ ମାହେଶ୍ୱରୀ ସଙ୍ଗଠନ ତରଫରୁ ୫ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୮ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟର ଗୁରୁବାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ୍ ହାପି-୧୧ ଓ ସାଣ୍ଡ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହାପି-୧୧ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମୁରସିଂ ଦଳ ନାରାୟଣପ୍ରସାଦ ଦଳକୁ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି। ସଙ୍ଗଠନର ସଭାପତି ପ୍ରଦୀପ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ମହେଶ ଆଚାରି ଓ ମାନଭଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ଦିବସର ଖେଳକୁ ଉଦ୍‌ଘାଟନ କରିଥିଲେ। ବବୁଲୁ ଖାନ ଓ କାହ୍ନା ନାଏକ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।



## ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ



**କଣ୍ଟାବାଞ୍ଜି, ୧୧।୧୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରାଜେନ୍ଦ୍ର ନଗର ଫୁଟବଲ୍ କ୍ଲବ୍ ଦ୍ୱାରା ସପ୍ତମ ରାଜେନ୍ଦ୍ର ନଗର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୁବ କ୍ରୀଡାବିତ ରାଜେଶ ରାଓ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥ ପଟେଲ, ଅଜୟ ପଟେଲ, କୃଷ୍ଣ ଜାଲ, ବିଦ୍ୟା ପୁଟେଲ, ଡବ୍ଲୁ ହାତୀ, ସୁଶାନ୍ତ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ସେୟାର ମାର୍କେଟରେ ଲାଭ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟିକ ଯାତ୍ରା ଶୁଭଫଳ ପ୍ରଦାନ କରିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ।

**ବୃଷ:** ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ପୁରୁଣା ରୋଗ ଦେଖାଦେଇପାରେ। ପାରିବାରିକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ସଫଳତା ପାଇଁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିବେକ ଅନୁଯାୟୀ କାମ କରନ୍ତୁ। ଧାର୍ମିକ କାର୍ଯ୍ୟରେ ମନ ଦେବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କର୍କଟ:** ଧନଲାଭ ହେବ। ଜମି କିଣିବା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଉପୁଜିପାରେ। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି। ସେୟାର ମାର୍କେଟରେ ନିବେଶ ଲାଭଦାୟକ ରହିବ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ। ଜମି କିମ୍ବା ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ବନ୍ଧୁଙ୍କ ସହିତ ଦୂରସ୍ଥାନକୁ ବୁଲିବାକୁ ଯାଇପାରନ୍ତି। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଜଣା ଲୋକଙ୍କ ଉପରେ ବିଶ୍ୱାସ କରନ୍ତୁନି। ଆୟ ବ୍ୟୟ ସମାନ ରହିବ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ମୂଲ୍ୟବାନ ସାମଗ୍ରୀକୁ ସାଇତି ରଖନ୍ତୁ।

**ଧନୁ:** ରାଜନେତାଙ୍କ ପାଇଁ ଦିନଟି ଭଲ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।


**ମକର:** ବ୍ୟବସାୟିକ ଯାତ୍ରା ସଫଳ ରହିବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ପରିବାର ସହିତ ହସଖୁସିର ସମୟ ବିତାଇବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ।

**କୁମ୍ଭ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ।

**ମୀନ:** ବ୍ୟବସାୟ ଠିକ୍ ଚାଲିବ। ଶାରୀରିକ କଷ୍ଟ ପାଇପାରନ୍ତି। ମନ ପ୍ରସନ୍ନ ରହିବ। କଥାବାର୍ତ୍ତାରେ ସଂଯମତା ରଖନ୍ତୁ। ଅଜଣା ଲୋକଙ୍କୁ ଆଦୌ ଭରସା କରନ୍ତୁନି। ଯୋଜନା ମୁତାବକ କାମ କରିବେ।

## ଆଜିର ଇତିହାସ

- ୧୮୦୦-ୱାଶିଂଟନ୍ ଡିସି ଆମେରିକାର ରାଜଧାନୀ ହେଲା।
- ୧୯୧୧- ଭାରତର ରାଜଧାନୀ କଲିକତା ବଦଳରେ ଦିଲ୍ଲୀ ହେବ ବୋଲି ଘୋଷଣା କରାଗଲା।
- ୧୯୨୩- ଇଟାଲୀରେ ନଦୀ ବନ୍ଧ ଧସିଯିବାରୁ ୬୦୦ ଲୋକଙ୍କ ପ୍ରାଣହାନି।
- ୧୯୬୩-କେନିଆ ସ୍ୱାଧୀନ ହେଲା।
- ୧୯୯୦- ଟି.ଏନ୍ ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ କମିଶନର ହେଲେ।



## ଆସିବ 'ଥ୍ରୀ-ଇଡିଅଟସ୍'ର ସିକ୍ୱେଲ

ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍‌ଙ୍କ ବହୁ ଚର୍ଚ୍ଚିତ ଫିଲ୍ମ 'ଥ୍ରୀ- ଇଡିଅଟସ୍' ଆଜିବି ସିନେପ୍ରେମୀଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଖବର ଆସିଛି। ୧୬ ବର୍ଷ ପରେ ଏହି ଫିଲ୍ମର ସିକ୍ୱେଲ ଆସିବ। ଏହାର ସିକ୍ୱେଲରେ ମୂଳ କଳାକାରମାନେ( ଅମିର୍ ଖାନ୍, କରିନା କପୁର, ସରମନ ଯୋଶି, ଆର୍. ମାଧବନ୍) ନଜର ଆସିବେ। ରାଜ୍ କୁମାର ହିରାନୀ ଏହାର ନିର୍ଦ୍ଦେଶନା ଦେବେ। ସେହିଭଳି ଅମିର୍ ଖାନ୍, ରାଜ କୁମାର ହିରାନୀ, ବିଦୂ ବିନୋଦ ଚୋପ୍ରା ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ରହିବେ। ଏହାର ସୁଟିଂ ଆସନ୍ତାବର୍ଷ ମେ-ଜୁନ୍‌ରେ ଆରମ୍ଭ ହୋଇପାରେ। ଏହାର କାହାଣୀ ଲେଖା ସରିଛି। ମୂଳ ଫିଲ୍ମ ଯେଉଁଠି ଶେଷ ହୋଇଥିଲା ସେଇଠୁ ହିଁ ଏହାର ସିକ୍ୱେଲ ଆରମ୍ଭ ହେବ। ଏଠାରେ ପ୍ରକାଶ ଥାଉ କି ୨୦୦୯ ମସିହାରେ 'ଥ୍ରୀ-ଇଡିଅଟସ୍' ଫିଲ୍ମ ଆସିଥିଲା। ଏହା ଭାରତୀୟ ସିନେମା ଇତିହାସର ଏକ କଲ୍ଟ କ୍ଲାସିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ପରେ ଭାରତୀୟ ଶିକ୍ଷା ପଦ୍ଧତିକୁ ନେଇ ତର୍କ ବିତର୍କ ଆରମ୍ଭ ହୋଇଥିଲା।

## ଏମିତି ଜଣେ ପୁଅ...



ଚୀନ୍‌ର ପୂର୍ବ ଆନହୁଇ ଅଞ୍ଚଳର ହୁଆଇନାନର ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ର ନିଜ ରୋଗିଣା ମା'ର ଚିକିତ୍ସା ଲାଗି ଯାହା କରିଛି ତାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ସେ ନିଜର ସହପାଠୀଙ୍କୁ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଦାନ କରିବାକୁ ନିବେଦନ କରିଛି। ଯାହାକୁ ସେ ବିକ୍ରି କରି ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବ ବୋଲି ଆଶା ରଖିଛି। ତେବେ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲଗୁଡ଼ିକ ଦାନ କରିବା ଲାଗି ସେ କଳାପଟାରେ ସହପାଠୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ମଧ୍ୟ ଲେଖିଛି। ତୃତୀୟ ଶ୍ରେଣୀର ସହପାଠୀଙ୍କୁ ବ୍ୟବହୃତ ବୋତଲଗୁଡ଼ିକୁ ଗୋଟିଏ ସ୍ଥାନରେ ରଖିବା ପାଇଁ ପିଲାଟି କଳାପଟାରେ ଲେଖିଛି। ଏହାସହ ଏଭଳି କରିବା ପଛର କଥା ମଧ୍ୟ ସେ ଉଲ୍ଲେଖ କରିଛି। ଏହି ବୋତଲଗୁଡ଼ିକ ବିକ୍ରି କରି ସେ ରୋଗୀଣା ମାଆଙ୍କ ଚିକିତ୍ସା ଖର୍ଚ୍ଚ ଉଠାଇବା ସହ ବାପାଙ୍କ ଋଣ ପରିଶୋଧ କରିବ ବୋଲି ସ୍ପଷ୍ଟ କରିଛି। ପିଲାଟି କହିଛି ତା'ର ବାପା ଜଣେ ଚାଷୀ ଏବଂ ତାଙ୍କ ଉପରେ ୧୪ ହଜାର ଡଲାରର ଋଣ ଅଛି। ଏହାସହ ପିଲାଟି ତା'ର ପରିବାର ତରଫରୁ ପିଲାମାନଙ୍କୁ ସ୍କୁଲ ପରୀକ୍ଷାରେ ଭଲ କରିବା ପାଇଁ ଶୁଭେଚ୍ଛା ଜଣାଇଛି। ସେହିପରି ସ୍କୁଲ ପକ୍ଷରୁ ପିଲାଟିର ପରିବାରରେ ଆର୍ଥିକ ସମସ୍ୟା ରହିଛି ବୋଲି ସ୍ପଷ୍ଟ କରାଯାଇଛି। ଅନ୍ୟପଟେ ବୋତଲଗୁଡ଼ିକ ସଂଗ୍ରହ କରିବା ପାଇଁ ଶ୍ରେଣୀଗୃହରେ ବାକ୍ସ ଏବଂ ବାଲ୍‌ଟି ରଖାଯାଇଛି। ସ୍କୁଲର କହିବା କଥା, ପିଲାଟିର ମାଆ ଅନ୍ୟ ଏକ ସହରରେ ଗୋଟିଏ କପଡ଼ା କାରଖାନାରେ କାମ କରୁଥିଲେ। ହେଲେ ଅସୁସ୍ଥତା ଯୋଗୁଁ ତାଙ୍କୁ ଚାକିରି ଛାଡ଼ି ଗାଁକୁ ଫେରିବାକୁ ପଡ଼ିଲା। ସେବେଠାରୁ ସେ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ସେହିପରି ଖରାପ ଫସଲ ହେତୁ ତାଙ୍କ ବାପା ଋଣଗ୍ରସ୍ତ ହୋଇପଡ଼ିଲେ। ଫଳରେ ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ି ଗଲା। ଅନ୍ୟପଟେ ପ୍ଲାଷ୍ଟିକ୍ ବୋତଲ ଛଡ଼ା ଅନ୍ୟ କୌଣସି ପ୍ରକାରର ଦାନ ସେ ଗ୍ରହଣ କରିବ ନାହିଁ ବୋଲି ପିଲାଟି ମଧ୍ୟ ସ୍ପଷ୍ଟ କରିଛି। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତା'ସହ ପିଲାଟିର କାମକୁ ଲୋକେ ଖୁବ୍ ପ୍ରଶଂସା କରିଛନ୍ତି। ସେହିଭଳି ପିଲାଟିକୁ ସାହାଯ୍ୟ କରିବା ନିମନ୍ତେ ସ୍କୁଲ ପକ୍ଷରୁ ବୋତଲ ସଂଗ୍ରହ ପାଇଁ ଯେମିତି ବ୍ୟବସ୍ଥା କରାଯାଇଛି ତାକୁ ଲୋକେ ମଧ୍ୟ ପ୍ରଶଂସା କରିଛନ୍ତି।

## ଏଠି ସବୁକିଛି ଧଳା, ତେଣୁ ଧଳା ଗାଡ଼ି ଡ୍ରାଇଭିଂ

ତୁର୍କମେନିସ୍ତାନର ରାଜଧାନୀ ଅଶଗାବତ ଧଳା ମାର୍ବଲ ପଥର ସହର ଭାବେ ପରିଚିତ। ଏଠାକାର କୋଠା, ସରକାରୀ କାର୍ଯ୍ୟାଳୟ, ଫୁଟ୍‌ପାଥ ଏବଂ ସର୍ବସାଧାରଣ ସ୍ଥାନମାନଙ୍କରେ ଧଳା ମାର୍ବଲ ବ୍ୟବହାର କରାଯାଇଛି। ଯେତେବେଳେ ସୂର୍ଯ୍ୟକିରଣ ଏହି ମାର୍ବଲଗୁଡ଼ିକ ଉପରେ ପଡ଼େ, ପୂରା ସହର ଚମକି ଉଠେ। ସେହିପରି ଦିନ ହେଉ ଅବା ରାତି ଏହାର ଧଳା ଚମକ କେବେ ବି କମି ନ ଥାଏ। ଏହି ନିଆରା ଡିଜାଇନ୍ ହିଁ ଏହାକୁ ବିଶ୍ୱର ସବୁଠୁ ଅଲଗା ଏବଂ ଚମକଦାର ସହର ଭାବେ ଲୋକପ୍ରିୟ କରାଇଛି। ଏହି ସହରରେ ୨୦୧୮ ମସିହାରୁ କେବଳ ଧଳା ଗାଡ଼ି ଚାଲୁଛି। ସେତେବେଳର ରାଷ୍ଟ୍ରପତି ଗୁରବାଙ୍ଗୁଲି ବର୍ଦିମୁହାମେଦୋଭ ରାସ୍ତାରେ କେବଳ ଧଳା କିମ୍ବା ହାଲ୍‌କା ରଙ୍ଗର କାର୍ ଚାଲିବ




ବୋଲି ନିୟମ ଲାଗୁ କରିଥିଲେ। କୁହାଯାଏ, ତାଙ୍କର ଧଳା ରଙ୍ଗ ପ୍ରତି ଦୁର୍ବଳତା ଥିଲା। ତେଣୁ ତାଙ୍କର ବ୍ୟକ୍ତିଗତ ପସନ୍ଦ ସରକାରୀ ନିୟମରେ ବଦଳିଗଲା। ଯଦି କିଏ କଳା କିମ୍ବା ଅନ୍ୟ କୌଣସି ରଙ୍ଗିନ କାର୍ ଆଣନ୍ତି, ପୋଲିସ୍ ତାହାକୁ ଜବତ କରିବା ସହ ବେଶ୍ ମୋଟା ଅଙ୍କର ଜରିମାନା ଦେବାକୁ ହୋଇଥାଏ। ଏଠାରେ, ଧଳା ରଙ୍ଗ କେବଳ କାର୍‌ରେ ନୁହେଁ ବରଂ ସରକାରୀ କୋଠା, ପାର୍କ, ମଲ୍ ଏବଂ ସାର୍ବଜନୀନ କଳାରେ ମଧ୍ୟ ପ୍ରାଥମିକତା ପ୍ରଦାନ କରାଯାଏ। ଏହାବାଦ୍ ଏଠାରେ ଏତେ ବେଶି ଧଳା ମାର୍ବଲର ଅଟ୍ଟାଳିକା ଅଛି ଯେ, ଏହା ଗିନିଜ୍ ବିଶ୍ୱ ରେକର୍ଡରେ ବି ସ୍ଥାନ ପାଇଛି। ୨୦୦୦ ମସିହା ପରେ ଏଠାରେ ୫-୫୦ରୁ ଅଧିକ ମାର୍ବଲ ଅଟ୍ଟାଳିକା ତିଆରି କରାଗଲା। ଏଠାରେ ରାସ୍ତା ଉପରେ ଚାଲିଲେ ଏମିତି ଲାଗେ ଯେ, ଯେମିତି ପୂରା ସହର କୌଣସି ଧଳା ଥିମ୍ ଉପରେ ନିର୍ମିତ। ଏହି ସହରର ଯୁଆଡ଼େ ଦେଖିବ, କେବଳ ଧଳା ହିଁ ଧଳା। ତେଣୁ ପର୍ଯ୍ୟଟକମାନେ ଏହି ସହର କେବଳ ବୁଲିବାକୁ ଆସନ୍ତି ନାହିଁ, ବରଂ ଏଠାକାର ବାସ୍ତୁକଳା ଏବଂ ନିଆରା ନିୟମ ବାବଦରେ ଜାଣିବାକୁ ଆସନ୍ତି। ଅନ୍ୟପଟେ ତୁର୍କମେନିସ୍ତାନର ଏହି ସହର ପ୍ରମାଣ କରିଛି ଯେ, ବେଳେବେଳେ ନିୟମ ମଧ୍ୟ କୌଣସି ସ୍ଥାନର ପରିଚୟ ପାଲଟିଥାଏ।

---

## ସଞ୍ଜୀବନୀ

## ଥାଇରଏଡ୍ ଔଷଧ ନେବାକୁ ଭୁଲୁଛନ୍ତି କି



**ଥାଇରଏଡ୍ ଗ୍ରନ୍ଥି ଏକ ଅନ୍ତସ୍ରାବୀ ଗ୍ରନ୍ଥି। ଏଥିରୁ ଥାଇରଏଡ୍ ହର୍‌ମୋନ୍ କ୍ଷରଣ ହୁଏ। ଏହି ହର୍‌ମୋନ୍ ନିର୍ଦ୍ଦିଷ୍ଟ ସ୍ତରରେ ନ ରହିଲେ ଓଜନ ବୃଦ୍ଧି, ଦୁର୍ବଳତା ଆଦି ଲକ୍ଷଣ ଦେଖାଯାଏ। ଚିକିତ୍ସାରେ ବିଳମ୍ବ ହେଲେ ହାଇପରଥାଇରଏଡ୍‌ଜିମ୍, ହାଇପୋଥାଇରଏଡ୍‌ଜିମ୍ ଭଳି ରୋଗ ସୃଷ୍ଟି ହୁଏ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବାକୁ ହୁଏ। ହେଲେ ଅଧିକାଂଶ ଔଷଧ ସେବନରେ ଅବହେଳା କରିଥାନ୍ତି। ଏପରି କରୁଥିଲେ ସାବଧାନ।**

ଥାଇରଏଡ୍ ଔଷଧ ଦିନେ ନଖାଇ ପରଦିନ ଖାଇବାରେ ଏତେ ସମସ୍ୟା ହୁଏନି। ହେଲେ ୨ରୁ ୩ଦିନ କିମ୍ବା ୧୦ ଦିନ ଧରି ଥାଇରଏଡ୍ ଔଷଧ ଲିଭୋଥାଇରକ୍ସିନ ( ଥାଇରଏଡ୍ ହର୍‌ମୋନ୍) ନ ଖାଇଲେ ହାଇପୋଥାଇରଏଡ୍‌ଜିମ୍ ଲକ୍ଷଣ ଦେଖାଯାଏ। ଥକ୍କାପଣ, ଥଣ୍ଡା ଲାଗିବା, କୋଷ୍ଠକାଠିନ୍ୟ, ଅବସାଦ, ଅନିଦ୍ରା, ଓଜନ ବୃଦ୍ଧି, ଶରୀର ଦରଜ, ଋତୁସ୍ରାବରେ ସମସ୍ୟା ଆଦି ହୋଇପାରେ। ଫଳରେ ପୁନର୍ବାର ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ଔଷଧ ସେବନ କରିବାକୁ ହୁଏ। ସକାଳେ ଥାଇରଏଡ୍ ଔଷଧ ଖାଇବା ଭୁଲୁଥିଲେ, ସମାନ ଦିନ ଔଷଧ ଖାଇବା ଆବଶ୍ୟକ। ଥାଇରଏଡ୍ ଔଷଧ ସେବନର ଘଣ୍ଟାଏ ପର୍ଯ୍ୟନ୍ତ କିଛି ଖାଇବା ଅନୁଚିତ।

## ରୋଗପ୍ରତିରୋଧକ ଶକ୍ତି ବଢ଼ାଇବ ରାମଫଳ

**ଋତୁଅନୁଯାୟୀ ମିଳୁଥିବା ଫଳରେ ଅନେକ ପୋଷକତତ୍ତ୍ୱ ମିଳିଥାଏ। ଏମିତି ଏକ ଫଳ ହେଉଛି ରାମଫଳ। ଏହି ଫଳ ଶୀତଋତୁରେ ଶରୀରକୁ ଉଷ୍ମ ରଖିବାରେ ସାହାଯ୍ୟ କରେ।**

ରୋଗପ୍ରତିରୋଧକଶକ୍ତି ବୃଦ୍ଧି ପାଇଁ ଏହି ଫଳ ଖାଇବା ହିତକର। ଏଥିରେ ଥିବା ଭିଟାମିନ୍ -ସି' ରୋଗ ଦୂର କରେ। ନିୟମିତ ରାମଫଳ ଖାଇବା ଦ୍ୱାରା ପେଟ ସଫା ହୋଇଥାଏ। କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ।

**ହୃତ୍‌ପିଣ୍ଡ ପାଇଁ ଭଲ:** ଏହି ଫଳ ରକ୍ତଚାପକୁ ନିୟନ୍ତ୍ରଣ କରି ହୃତ୍‌ପିଣ୍ଡକୁ ସୁସ୍ଥ ରଖେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟଗୁଣ କୋଲେଷ୍ଟ୍ରଲକୁ କମ୍ କରିବାରେ ମଧ୍ୟ ସାହାଯ୍ୟ କରେ। ରାମଫଳ ପ୍ରାକୃତିକ ମଏଶ୍ଚରାଇଜର ପରି କାମ କରେ।



**ଅସ୍ଥିକୁ ଶକ୍ତ କରେ:** ଥକ୍କାପଣ ଦୂର କରିବାରେ ରାମଫଳ ପ୍ରଭାବୀ। ଏଥିରେ ଥିବା କ୍ୟାଲସିୟମ ଏବଂ ଫସ୍‌ଫରସ୍ ଅସ୍ଥି ଏବଂ ଦାନ୍ତକୁ ଶକ୍ତ କରେ। ମଧୁମେହ ରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରାମଫଳ ସେବନ କରିବା ଉଚିତ।

## ମଧୁମେହଜନିତ ଚକ୍ଷୁରୋଗ



**ଭାରତକୁ ବିଶ୍ୱର ମଧୁମେହ ରାଜଧାନୀ କୁହାଯାଏ। ମଧୁମେହ ଏବେ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ ହୋଇଛି। ମଧୁମେହ କେବଳ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରଭାବିତ କରି ନ ଥାଏ, ବରଂ ଏହା ମଧୁମେହ-ସମ୍ବନ୍ଧୀୟ ଚକ୍ଷୁ ଜଟିଳତା ବିଶେଷକରି ଡାଇବେଟିକ୍ ରେଟିନୋପାଥି ରୋଗର ବିପଦକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରେ।**



ଡାକ୍ତର ଉମେଶ ଚନ୍ଦ୍ର ବେହେରା

ଦୀର୍ଘଦିନ ଧରି ମଧୁମେହ ରହିବା ଯୋଗୁଁ କ୍ଷତିଗ୍ରସ୍ତ ରକ୍ତବାହୀ ନଳୀଗୁଡ଼ିକରୁ ଲିକେଜ୍, ଫୁଲା କିମ୍ବା ରକ୍ତସ୍ରାବ କାରଣରୁ ଏହି ରୋଗ ହୁଏ। ଏହା ରେଟିନାକୁ ଆଲୋକ ଅନୁଭବ କରିବା ଏବଂ ମସ୍ତିଷ୍କକୁ ପ୍ରତିଛବି ପଠାଇବାର କ୍ଷମତାରେ ବାଧା ଦେଇ ଦୃଷ୍ଟିଶକ୍ତି ଜନିତ ସମସ୍ୟା ସୃଷ୍ଟି କରେ। ଠିକ୍ ସମୟରେ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା କରା ନ ଗଲେ ଏହି ଅବସ୍ଥା ଚିରଦିନ ପାଇଁ ଦୃଷ୍ଟିଶକ୍ତି ହରାଇବାର ବିପଦ ସୃଷ୍ଟି କରିପାରେ। ପ୍ରାରମ୍ଭିକ ଟାଇପ୍ ୧ ମଧୁମେହ ରୋଗ ଥିବା ପ୍ରାୟ ୧୩% ରୋଗୀ ଏବଂ ୧୦-୧୫ ବର୍ଷ ଧରି ଏହି ରୋଗରେ ପୀଡ଼ିତ ୯୦% ରୋଗୀଙ୍କ ମଧ୍ୟରେ ଡାଏବେଟିକ୍ ରେଟିନୋପାଥି ରୋଗ ଦେଖାଯାଏ। ଡାଏବେଟିକ୍ ରେଟିନୋପାଥି ନୀରବରେ ବଢ଼ିଥାଏ। ରୋଗ ଅତି ଗୁରୁତର ନ ହେବା ଯାଏ ଏହାର କୌଣସି ଲକ୍ଷଣ ଦେଖାଯାଏ ନାହିଁ। ବିଳମ୍ବରେ ରୋଗର ମୂଲ୍ୟାଙ୍କନ ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଇପାରେ। ଦୃଷ୍ଟିଶକ୍ତି ହରାଇବା ଆଶଙ୍କାକୁ ହ୍ରାସ କରିବା ପାଇଁ ପ୍ରାରମ୍ଭିକ ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟାଇପ୍ -୧ ମଧୁମେହ ରୋଗୀଙ୍କୁ ମଧୁମେହ ନିର୍ଣ୍ଣୟ ହେବାର ୫ବର୍ଷ ପରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବା ଉଚିତ। ଟାଇପ୍ -୨ ମଧୁମେହ ରୋଗୀଙ୍କୁ ରୋଗ ନିର୍ଣ୍ଣୟ ହେବାର ତୁରନ୍ତ ବିସ୍ତୃତ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀଙ୍କ ପାଇଁ ପ୍ରତି ବର୍ଷ ଚକ୍ଷୁ ପରୀକ୍ଷା କରାଯିବା ଉଚିତ। ଗର୍ଭଧାରଣ ପୂର୍ବରୁ ଏବଂ ଗର୍ଭଧାରଣର ପ୍ରଥମ ତିନିମାସରେ ବିସ୍ତୃତ ଚକ୍ଷୁ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଏ।

ଏହି ରୋଗ ଆରମ୍ଭରୁ ଲକ୍ଷଣ ଦେଖା ଯାଇ ନ ପାରେ। ଅବସ୍ଥା ବଢ଼ିବା ସହିତ ରୋଗୀଙ୍କଠାରେ କଳା ଦାଗ କିମ୍ବା କିଛି ଭାସିବା ପରି ଦେଖାଯିବା, ଝାପ୍ସା ଦିଶିବା, ଦୃଷ୍ଟିଶକ୍ତିରେ ସ୍ଥିରତା ନ ରହିବା, କୌଣସି ବସ୍ତୁ ଗାଢ଼ ଦେଖାଯିବା, ଦୃଷ୍ଟିଶକ୍ତି ହାନୀ ଆଦି ଲକ୍ଷଣ ଦେଖାଯାଏ।

**କିପରି କରିବେ ନିୟନ୍ତ୍ରଣ:** ଏହି ରୋଗ ନିୟନ୍ତ୍ରଣ କରିବାକୁ ରକ୍ତ ଶର୍କରାସ୍ତର ନିୟନ୍ତ୍ରଣ କରିବା, ରକ୍ତଚାପ ଏବଂ ରକ୍ତ କୋଲେଷ୍ଟେରଲ୍ ସ୍ତର ନିୟନ୍ତ୍ରଣ କରିବା, ଧୂମପାନ ଓ ତମାଖୁ ବର୍ଜନ କରିବା, ନିୟମିତ ବ୍ୟାୟାମ ଏବଂ ଓଜନ ପରିଚାଳନାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**ଚିକିତ୍ସା ବିକଳ୍ପ:** ରୋଗର ଚିକିତ୍ସା ବିକଳ୍ପରେ ଇଂଟ୍ରାଭିଟ୍ରିଆଲ୍ ଇଞ୍ଜେକ୍ସନ୍, ଲେଜର୍ ଫଟୋକୋଗୁଲେସନ୍, ଅସ୍ତ୍ରୋପଚାର କରାଯାଇଥାଏ। ଏହି ଅବସ୍ଥା ଅଗ୍ରଗତି କରିଥିବା ପର୍ଯ୍ୟାୟରେ ନିର୍ଣ୍ଣୟ କରାଗଲେ ମଧ୍ୟ ରୋଗୀ ଯଥାଶୀଘ୍ର ଚକ୍ଷୁରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଉଚିତ।





## ନୋରୋ ଭୂତାଣୁ

**ଶୀତଦିନେ ଭୂତାଣୁଜନିତ ପ୍ରଦାହ ଅଧିକ ଦେଖାଯାଏ। ଏବେ ଚିନ୍ତା ବଢ଼ାଉଛି ନୋରୋ ଭୂତାଣୁ। ଏହାକୁ 'ୱିଣ୍ଟର ଭୋମିଣ୍ଟିଂ' କୁହାଯାଏ। ଆମେରିକାରେ ଏହି ଭୂତାଣୁ ଏବେ ନିଜର କାୟା ବିସ୍ତାର କରିଛି।**

ଏହା କ୍ୟାଲିସିଭିରିଡେ ପରିବାରର ଏକ ଆର୍‌ଏନ୍‌ଏ ଭୂତାଣୁ। ଏହି ଭୂତାଣୁ ପ୍ରଦୂଷିତ ପାଣି, ଦୂଷିତ ଖାଦ୍ୟ, ସଂକ୍ରମିତ ବ୍ୟକ୍ତିଙ୍କ ଜରିଆରେ ସଂକ୍ରମିତ କରିଥାଏ। ସଂକ୍ରମଣର ୧୨ରୁ ୪୮ ଘଣ୍ଟା ପରେ ଲକ୍ଷଣ ଦେଖାଯାଇଥାଏ। ଅଚାନକ ବାନ୍ତି, ଝାଡ଼ା, ପେଟ ଯନ୍ତ୍ରଣା, ଜ୍ୱର, ଦୁର୍ବଳ, ଆଦି ସୃଷ୍ଟି କରାଇଥାଏ। କଞ୍ଚା ସାମୁଦ୍ରିକ ଖାଦ୍ୟ ତଥା ଓଏଷ୍ଟର ଖାଇବା ଦ୍ୱାରା ଏହି ରୋଗର ଆଶଙ୍କା ବଢ଼ିଯାଇପାରେ। ଏଥିପ୍ରତି ସତର୍କ ରହିବା ଜରୁରି। ଏହି ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଲକ୍ଷଣ ଓ ରୋଗର ତୀବ୍ରତା ଆଧାରରେ ଉପଚାର କରାଯାଇଥାଏ। ଜଳୀୟ ଅଂଶ ବଜାୟ ରଖିବାକୁ ଓଆର୍‌ଏସ୍ ପିଇବା ଜରୁରି। ଗମ୍ଭୀର ମାମଲାରେ ତୁରନ୍ତ ହସ୍‌ପିଟାଲ ଯିବା ଆବଶ୍ୟକ। ଡାକ୍ତର ରୋଗୀଙ୍କୁ ଘରେ ରହିବା ଲାଗି ପରାମର୍ଶ ଦେଇଥାନ୍ତି। ସାବୁନରେ ହାତ ଧୋଇବା, ପରିବେଶ ସଫା ରଖିବା, ସଂକ୍ରମିତ ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖିବା ତଥା ଜନଗହଳିସ୍ଥାନକୁ ମାସ୍କ ପିନ୍ଧି ଯିବା ଆବଶ୍ୟକ।

### ମୁଲାନପୁରରେ ଖେଳାଗଲା ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍

# ଭାରତ ବିପକ୍ଷରେ ଡି କକ୍ ଶତକରୁ ବଞ୍ଚିତ

ମୁଲାନପୁର,୧୧।୧୨(ଏଜେନ୍ସି)

ବାମହାତୀ ଓପନର କ୍ୱିଣ୍ଟନ ଡି କକ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଭାରତ ସହ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪ ୱିକେଟ ବିନିମୟରେ ୨୧୩ ରନ୍ ସଂଗ୍ରହ କରିଛି। ଏହା ମଧ୍ୟରୁ ଡି କକ୍ ମାତ୍ର ୪୬ଟି ବଲ୍‌ରୁ ୯୦ ରନ୍ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଛନ୍ତି।

ଜବାବରେ ୨୧୪ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଭାରତ ୧୫ ଓଭରରେ ୫ ୱିକେଟ ହରାଇ ୧୨୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ତିଳକ ବର୍ମା ୫୩ ଓ ଜିତେଶ ଶର୍ମା ୫ ରନ୍ କରି ଖେଳୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ-୫, ଉପଅଧିନାୟକ ଶୁବମନ ଗିଲ୍-୦, ଅଭିଷେକ ଶର୍ମା ୧୭ ରନ୍‌ରେ ଆଉଟ୍ ହୋଇଛନ୍ତି। ମ୍ୟାଚ୍ ଜିତିବା ଲାଗି ଭାରତକୁ ୩୦ ବଲ୍‌ରେ ଅସମ୍ଭବ ୯୧ ରନ୍ ଆବଶ୍ୟକ ହେଉଛି। ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର କଟକରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌କୁ ଭାରତ ୧୦୧ ରନ୍‌ରେ ଜିତି ୧-୦ରେ ସିରିଜ୍ ଆଗୁଆ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ ତାରିଖ ଦିନ ଧର୍ମଶାଳାରେ ଖେଳାଯିବ।


ଏଠାରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତିବା ପରେ ଦକ୍ଷିଣ ଆଫ୍ରିକାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲେ। ଦକ୍ଷିଣ ଆଫ୍ରିକା ଦ୍ରୁତ ରନ୍ ସଂଗ୍ରହ କରିଥିଲା। ୩୮ ରନ୍‌ରେ ଦଳ ପ୍ରଥମ ୱିକେଟ ହରାଇବା ପରେ ଡି କକ୍ ଓ ମାରକ୍ରମ ଦ୍ୱିତୀୟ ୱିକେଟରେ ୪୭ ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ମାରକ୍ରମଙ୍କ ବ୍ୟାଟରୁ ୨୯ ରନ୍ ମିଳିଥିଲା। ଏହା ପରେ ଅଳ୍ପ ରନ୍ ବ୍ୟବଧାନରେ ଡି କକ୍ ଓ ବ୍ରେଭିସ୍ ଆଉଟ ହୋଇଯାଇଥିଲେ। ଡି କକ୍ ୪୬ ବଲ୍‌ରୁ ୫ ଚୌକା ଓ ୭ ଛକା ସହ ୯୦ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ। କିନ୍ତୁ ୫ମ ୱିକେଟରେ ଡୋନୋଭାନ ଫେରେରା ଓ ଡେଭିଡ୍ ମିଲର ୨୩ ବଲ୍‌ରୁ ୫୩ ରନ୍ ଉଠାଇ ଦଳକୁ ଏକ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ଫେରେରା ୧୬ ବଲ୍‌ରୁ ୧ ଚୌକା ଓ ୩ ଛକା ସହ ୩୦ ଏବଂ ମିଲର ୧୨ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୦ ରନ୍‌ରେ ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାର ବ୍ୟାଟରମାନେ ୧୫ଟି ଛକା ମାରିଥିଲେ। ଏହି ଦ୍ରୁତ ରନ୍ ଫଳରେ ଭାରତ ବିପକ୍ଷରେ ଭ୍ରମଣକାରୀ ଦଳ ଚତୁର୍ଥ ସର୍ବାଧିକ ସ୍କୋର କରିଥିଲା।




ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ତାଙ୍କ ୪ ଓଭର ବୋଲିଂ ସ୍ପେଲ୍‌ରେ ସବୁଠାରୁ କମ୍ ୨୯ ରନ୍ ଦେଇ ସବୁଠାରୁ ଅଧିକ ୨ଟି ୱିକେଟ ପାଇଛନ୍ତି। ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ଯଶପ୍ରୀତ୍ ବୁମ୍‌ରା ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୫୪ ଓ ୪୫ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ବୋଲରମାନେ ୧୬ଟି ୱାଇଡ୍‌ବଲ୍ ବୋଲିଂ କରିଛନ୍ତି। ଯାହାକି ଟି-୨୦ରେ ତୃତୀୟଥର ଦେଖିôବାକୁ ମିଳିଛି। ଗୋଟିଏ ମ୍ୟାଚ୍‌ରେ ଭାରତ ସର୍ବାଧିକ ୧୭ଟି ୱାଇଡ୍‌ବଲ୍ ୨୦୦୯ ମୋହାଲିରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ବୋଲିଂ କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା: ୨୧୩/୪, ୨୦ ଓଭର**
(ଡି କକ୍- ୯୦, ମାରକ୍ରମ- ୨୯, ଫେରେରା- ଅପରାଜିତ ୩୦, ମିଲର- ଅପରାଜିତ ୨୦, ବରୁଣ- ୨/୨୯, ଅକ୍ଷର- ୧/୨୭)।
**ଭାରତ: ୧୨୩/୫, ୧୫ ଓଭର ସୁଦ୍ଧା**
(ଅଭିଷେକ- ୧୭, ଗିଲ୍- ୦, ଅକ୍ଷର- ୨୧, ସୂର୍ଯ୍ୟକୁମାର- ୫, ତିଳକ- ୫୩, ପାଣ୍ଡ୍ୟା- ୨, ଜାନସେନ- ୨/୨୨, ବାର୍ଟମାନ- ୧/୨)।



## ଯୁବରାଜ, ହରମନପ୍ରୀତ୍ ସମ୍ମାନିତ

ନ୍ୟୁ ଚଣ୍ଡିଗଡ଼ର ମୁଲାନପୁରରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମୁକାବିଲା ସହ ପ୍ରଥମଥର ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଏଠାରେ ଖେଳାଯାଇଛି। ଏହି ଅବସରରେ ସ୍ଥାନୀୟ ହିରୋ ଯୁବରାଜ ସିଂହ ଓ ହରମନପ୍ରୀତ୍ କୌରଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ନାମରେ ଷ୍ଟାଡିୟମ୍‌ର ଷ୍ଟାଣ୍ଡ ନାମିତ କରାଯାଇଛି। ୨୦୧୧ରେ ଭାରତ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ଯୁବରାଜ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ନିକଟରେ ହରମନପ୍ରୀତ୍‌ଙ୍କ ନେତୃତ୍ୱରେ ଭାରତ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଯୁବରାଜ ଭାରତୀୟ ଖେଳାଳିଙ୍କୁ ପରାମର୍ଶ ଦେବା ଓ ଉତ୍ସାହିତ କରୁଥିବାର ଦେଖାଯାଇଥିଲା।

## ଅର୍ଶଦୀପ ସିଂହ: ଗୋଟିଏ ଓଭରରେ ୧୩ ବଲ, ୭ ୱାଇଡ୍

ଭାରତର ଟପ୍ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ରେ ଏକ ନକରାତ୍ମକ ବିଶ୍ୱରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସରେ ୧୧ତମ ଓଭର ବୋଲିଂ କରିଥିବା ଅର୍ଶଦୀପ ୭ଟି ୱାଇଡ୍ ବଲ ପକାଇବା ଫଳରେ ଓଭରରେ ମୋଟ ୧୩ଟି ବଲ ବୋଲିଂ କରିବାକୁ ପଡ଼ିଥିଲା। ଏହି ଓଭରରେ ସେ ୧୮ ରନ୍ ଦେଇଥିଲେ। ଏହା ଫଳରେ ସେ ଆଫଗାନିସ୍ତାନର ନବୀନ-ଉଲ-ହକ୍‌ଙ୍କ ସହ ସମକକ୍ଷ ହୋଇଛନ୍ତି। ୨୦୨୪ ହରାରେରେ ଅନୁଷ୍ଠିତ ଜିମ୍ବାୱେ ବିପକ୍ଷ ମ୍ୟାଚର ଗୋଟିଏ ଓଭରରେ ନବୀନ ୧୩ଟି ବଲ୍ ପକାଇଥିଲେ। ଏମାନଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ସିସାନ୍ଦା ମାଗଲା ୨୦୨୧ ଜୋହାନ୍ସବର୍ଗରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୨ଟି ବଲ ପକାଇ ତୃତୀୟ ସ୍ଥାନରେ ରହିଛନ୍ତି। ଅର୍ଶଦୀପ ପରେ ୧୯ତମ ଓଭର ବୋଲିଂ କରିବାକୁ ଆସି ଆଉ ୨ଟି ୱାଇଡ୍ ସହ ୧୬ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ସେ ୪ ଓଭର ବୋଲିଂ କରି ୫୪ ରନ୍ ଖର୍ଚ୍ଚ କରିଥିଲାବେଳେ ୯ଟି ୱାଇଡ୍ ବଲ ପକାଇଥିଲେ। ଏହା ମଧ୍ୟରେ ପ୍ରତିପକ୍ଷ ବ୍ୟାଟର ତାଙ୍କୁ ୫ଟି ଛକା ମାରିଥିଲେ। ଟି-୨୦ କ୍ୟାରିୟରରେ ସେ ସର୍ବାଧିକ ୬୨ ରନ୍ ବ୍ୟୟ କରିଛନ୍ତି। ୨୦୨୨ ଗୁଆହାଟୀରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ରନ୍ ବ୍ୟୟ କରିଥିଲେ।

● ଜାତୀୟ ଦୃଷ୍ଟିବାଧିତ ଫୁଟବଲ

## ଆଶିଷ, ପଦ୍ମିନୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧୧।୧୨ (ସମିସ): ଉତ୍ତରାଖଣ୍ଡର ଡେରାଡୁନଠାରେ ଚଳିତ ମାସ ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥିରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଅଂଶଗ୍ରହଣ କରିବେ। ଆଶିଷ ସାହୁ ଓ ପଦ୍ମିନୀ ଟୁଡୁଙ୍କୁ ଯଥାକ୍ରମେ ଓଡ଼ିଶା ପୁରୁଷ ଓ ମହିଳା ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ପୁରୁଷ ଦଳରେ ଆଶିଷଙ୍କ ସହ ଆଲୋକଦୀପ୍, ଦୀପକ ସିଂ, ସିତୁ ଦାସ, କାହ୍ନା ସିଂ, ପଙ୍କଜ ମଙ୍ଗଳ, ଶେଖର ପ୍ରଧାନ, ଆକାଶ ପଡ଼ିଆମୀ, ଜଗା ପଡ଼ିଆମୀ, ଶରତ ସିଂ ଓ ସାଇ ଶିବ ସ୍ଥାନ ପାଇଛନ୍ତି। ସେହିଭଳି ପଦ୍ମିନୀଙ୍କ ନେତୃତ୍ୱରେ ଘୋଷିତ ମହିଳା ଦଳରେ ସୁମିତ୍ରା ସିଂ, ସରସ୍ୱତୀ ମୁର୍ମୁ, ପ୍ରିୟଙ୍କା ଦାସ, ପ୍ରିୟଙ୍କା ସ୍ୱାଇଁ ଓ ପୁଷ୍ପାଞ୍ଜଳି ଭୋଇ ରହିଛନ୍ତି। ଏହି ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଲାଗି ଜଟଣୀସ୍ଥିତ ଆଇଆଇସି କ୍ୟାମ୍ପସରେ ଓଡ଼ିଶା ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଆଇଆଇସିର ସୁପରିଟେଣ୍ଡେଣ୍ଟ ତ୍ରିନାଥ ପାଢ଼ୀ, ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।




## କିଟ୍ ଓ କିସ୍‌ରେ ଭଲିବଲ୍ ମହୋତ୍ସବ ଆରମ୍ଭ

ଭୁବନେଶ୍ୱର, ୧୧।୧୨ (ସମିସ): କିଟ୍ ଓ କିସ୍‌ରେ ଆରମ୍ଭ ହୋଇଛି ଭଲିବଲ୍ ମହୋତ୍ସବ। ଅନ୍ତର୍ଜାତୀୟ ଭଲିବଲ୍ ମହାସଂଘ (ଫିବା) ଏବଂ କିଟ୍ ଓ କିସ୍‌ର ମିଳିତ ସହଯୋଗରେ ଆୟୋଜିତ ହେଉଥିବା 'ଫିବା ଭଲିବଲ୍ ଫେଷ୍ଟିଭାଲ ୱିକ୍' ଶନିବାର ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ମହିଳା ସଶକ୍ତିକରଣ ଏବଂ ତୃଣମୂଳସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା।

କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶଭାଗରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହେବ। ଯେଉଁଥିରେ ଓଡ଼ିଶାରୁ ୫୦୦ଜଣ ଅଂଶଗ୍ରହଣ କରିବେ। ସେହିଭଳି ଭାରତର ଅନ୍ୟ ରାଜ୍ୟ ଓ ବିଶ୍ୱର ବିଭିନ୍ନ ସ୍ଥାନରୁ ଆହୁରି ୨୦୦ଜଣ ଏହି କର୍ମଶାଳାରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଜନ୍ କେସେଲ ଓ ଜାନା କୁଲାନ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଏଫଆଇଭିବି ଓ ଭଲିବଲ୍ ୱାର୍ଲ୍ଡ ଫେଡେରେସନର ବରିଷ୍ଠ ପ୍ରତିନିଧିମାନେ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ଏହି ଅବସରରେ ଏଫଆଇଭିବି ସଭାପତି ଫାବିଓ ଆଜେଭେଦୋ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।




● ଆଇସିସି ଟି-୨୦ ବିଶ୍ୱକପ୍

## ସର୍ବନିମ୍ନ ଟିକଟ୍‌ର ମୂଲ୍ୟ ୧୦୦ ଟଙ୍କା

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ଆଇସିସି ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆୟୋଜିତ ହେବ। ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର ସନ୍ଧ୍ୟାରୁ ବିଧିବଦ୍ଧ ଭାବେ ଟିକଟ୍ ବିକ୍ରି ଅନଲାଇନ ମାଧ୍ୟମରେ ଆରମ୍ଭ ହୋଇଛି। ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ମ୍ୟାଚ୍ ଲାଗି ସର୍ବନିମ୍ନ ଟିକଟ୍ ମୂଲ୍ୟ ୧.୧୧ ଡଲାର ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୧୦୦ ଟଙ୍କା ହେବ। ସେହିଭଳି ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍ ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୩.୨୬ ଡଲାର (ଭାରତୀୟ ମୁଦ୍ରାରେ ୨୯୪ ଟଙ୍କା) ରହିଛି। ଅପରପକ୍ଷରେ ଫେବୃଆରୀ ୧୫ରେ ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚ୍ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଶ୍ରୀଲଙ୍କାରେ ଆୟୋଜିତ ହେବାକୁ ଥିବା ଏହି ମ୍ୟାଚର ସର୍ବନିମ୍ନ ଟିକଟ୍ ମୂଲ୍ୟ ୪୩୮ ଟଙ୍କା ରଖାଯାଇଛି। 'ବିଶ୍ୱକପ୍‌କୁ ଯେଉଁ ଭଳି ଅଧିକରୁ ଅଧିକ ଲୋକ ଷ୍ଟାଡିୟମରେ ଉପସ୍ଥିତ ରହି ଉପଭୋଗ କରନ୍ତୁ ସେଥିଲାଗି ଟିକଟ୍‌ର ମୂଲ୍ୟକୁ ଯଥା ସମ୍ଭବ କମ୍ ରଖାଯିବାକୁ ଚେଷ୍ଟା କରାଯାଇଛି' ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ବିଶ୍ୱକପ୍‌ର ୱେବସାଇଟ୍ (*https://tickets.cricketworldcup.com/.*)ରୁ ପ୍ରଶଂସକମାନେ ଟିକଟ୍ କ୍ରୟକରିପାରିବେ।

## ମେସିଙ୍କ ସହ ଫଟୋ ଉଠାଇଲେ ୧୦ ଲକ୍ଷ

ହାଇଦରାବାଦ୍, ୧୧।୧୨ (ଏଜେନ୍ସି): ଫୁଟ୍‌ବଲ ଆଇକନ୍ ଲିଓନେଲ ମେସି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଶନିବାର ହାଇଦରାବାଦରେ ପହଞ୍ଚିବେ। ଯେଉଁଥିରେ ଏକ ହାଇପ୍ରୋଫାଇଲ ସାକ୍ଷାତ୍ ଓ ଅଭିବାଦନ ଏବଂ ଉପ୍ପଲ ଷ୍ଟାଡିୟମରେ ସାଢ଼େ ୩ ଘଣ୍ଟାର ଏକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଆର୍ଜେଣ୍ଟିନା ତାରକା ମେସିଙ୍କ ଏହି ଭାରତ ଗସ୍ତରେ ପ୍ରଶଂସକମାନେ ତାଙ୍କ ସହ ଫଟୋ ଉଠାଇବାର ଏକ ଦୁର୍ଲଭ ସୁଯୋଗ ପାଇବେ। ତେବେ ଫଟୋ ଉଠାଇବା ଲାଗି ଜଣେ ବ୍ୟକ୍ତିଙ୍କୁ ଜିଏସ୍‌ଟି ସହ ୯.୯୫ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଥିଲାଗି କେବଳ ୧୦୦ଟି ସ୍ଲଟ ରହିଛି। ଫାଲାକନମ ପ୍ୟାଲେସରେ ଏହି ପ୍ରିମିୟମ ଫଟୋ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଡିଷ୍ଟ୍ରିକ୍ଟ ଆପ୍ ଜରିଆରେ ଟିକଟ୍ ବିକ୍ରି ହେଉଛି। ମେସିଙ୍କ ଏହି ଭାରତ ଗସ୍ତର ନାମ 'ଗୋଟ୍ ଟୁର୍' ରଖାଯାଇଛି। ଶନିବାର ଅପରାହ୍ଣ ୪ଟାରେ ମେସି ହାଇଦରାବାଦ୍‌ରେ ପହଞ୍ଚିବେ। ତାଙ୍କ ସହ ସାଥୀ ଆର୍ଜେଣ୍ଟିନା ଖେଳାଳି ରୋଡ୍ରିଗୋ ଡି ପଲ୍ ଓ ଉରୁଗୁଏର ତାରକା ଷ୍ଟ୍ରାଇକର ଲୁଇସ୍ ସୁଆରେଜ ମଧ୍ୟ ଏହି ଗସ୍ତରେ ଆସିବେ। ଉପ୍ପଲ ଷ୍ଟାଡିୟମରେ ୨୦ ମିନିଟ୍ ଅବଧି ବିଶିଷ୍ଟ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଆରଆର୍- ୯ ଦଳ ସହ ଅପର୍ଣ୍ଣା ମେସି ଅଲ୍ ଷ୍ଟାର୍ସ ମଧ୍ୟରେ ମ୍ୟାଚ ଖେଳାଯିବ। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଶେଷ ୫ ମିନିଟ୍ ଖେଳିବେ ବୋଲି ଜଣାପଡ଼ିଛି। ସେହିଭଳି ବଲିଉଡ୍ ସୁପରଷ୍ଟାର୍ ଶାହରୁଖ ଖାନ ମଧ୍ୟ ମେସିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ଜାତୀୟ ତୀରନ୍ଦାଜୀରେ ଭାଗନେବ ଓଡ଼ିଶା



କଟକ,୧୧।୧୨(ସମିସ): ୩୨ତମ ଏନଟିପିସି ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତା ନିମନ୍ତେ ଘୋଷିତ ଓଡ଼ିଶା ଦଳ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିଛି। ଦଳରେ ୨୨ଜଣ ଖେଳାଳି ଏବଂ ୬ଜଣ ପ୍ରଶିକ୍ଷକ ରହିଛନ୍ତି। ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ବାହାଦୂର ମାରାଣ୍ଡି, ତ୍ରିନାଥ ମୁଣ୍ଡା, ରବି ମୁଦୁଲି, ଅଜୟ କୁମାର ମାରାଣ୍ଡି, ବାଳିକା ବିଭାଗରେ ରିଷମା ମଲ୍ଲିକ, ଅଞ୍ଜଳୀ ସସ୍ମିତା ମାର୍କେ ସ୍ଥାନ ପାଇଛନ୍ତି। ରିକର୍ଭ ରାଉଣ୍ଡ ବାଳକ ବିଭାଗରେ ଅର୍ଜୁନ ଖରା, ଭାଗବତ ବଳିଆରସିଂହ, ସୋମନାଥ ହେମ୍ବ୍ରମ, କୃଷ୍ଣ ମୁଣ୍ଡା, ବାଳିକା ବିଭାଗରେ ମନସ୍ୱରୀ ହାଁସଦାକ, ସୁନୀତା ନାଏକ, ସାବିତ୍ରୀ ପାତ୍ର, କମ୍ପାଉଣ୍ଡ ବାଳକ ବିଭାଗରେ ସାଗର ରାଇତା, କେଶବ ବାନାରା, ସଞ୍ଜୟ ହୋ, ରଶ୍ମୀରଞ୍ଜନ ସେଠୀ, ବାଳିକା ବିଭାଗରେ ସ୍ୱପ୍ନାରାଣୀ ବେହେରା, ସୀତା ହେମ୍ବ୍ରମ, ନାମସୀ ମୁଣ୍ଡା, ପ୍ରୀତି ଓରାମ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ପ୍ରଶିକ୍ଷକ ରାଜେଶ ହାଁସଦା, ଆର୍ଯ୍ୟନ ସ, ଟିକିଲି ମହାକୁଳ, ଶାହେଲା ଶାହିନ, ଭଗତରାମ ନାୟକ, ମଞ୍ଜୁଲା ଆପୋଟ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ତୀରନ୍ଦାଜୀ ସଂଘ ପକ୍ଷରୁ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଯାଇଛି।

## ପରାଜୟ ଦ୍ୱାରରେ ଓଡ଼ିଶା

ବଲାଙ୍ଗିର/କଟକ,୧୧।୧୨(ସମିସ): ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଚାଲିଥିବା କୁଚ ବିହାର ଟ୍ରଫିର କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ପରାଜୟ ଦ୍ୱାରରେ ପହଞ୍ଚିଛି। ଉଭୟ ପାଳିରେ ଘରୋଇ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। କର୍ଣ୍ଣାଟକ ଠାରୁ ପରାସ୍ତ ହେଲେ ଓଡ଼ିଶାର ଏହା କ୍ରମାଗତ ୪ର୍ଥ ପରାଜୟ ହେବ। ପ୍ରଥମ ତିନୋଟି ମ୍ୟାଚ୍‌ରୁ ଦଳ ତିନୋଟି ଯାକ ପରାସ୍ତ ହୋଇ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ବଲାଙ୍ଗିରରେ ଚାଲିଥିବା ୪ର୍ଥ ଲିଗ୍ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭୦ରନରେ ଅଲଆଉଟ ହୋଇଥିଲା। ଜବାବରେ ଭ୍ରମଣକାରୀ କର୍ଣ୍ଣାଟକ ୯ ୱିକେଟ ବିନିମୟରେ ୪୬୯ରନ କରି ଆଜି ପାଳି ଘୋଷଣା କରିଥିଲା। ୨୯୯ରନ ପଛୁଆ ରହି ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଓଡ଼ିଶା ଗୁରୁବାର ମ୍ୟାଚ୍‌ର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୭ ୱିକେଟ ହରାଇ ୨୧୧ରନ ସଂଗ୍ରହ କରିଛି। ଏବେବି ଦଳ ୮୮ ରନରେ ପଛୁଆ ରହିଛି। ଓଡ଼ିଶା ତରଫରୁ ସ୍ୱାଗତ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି। ଶୁକ୍ରବାର ଅନ୍ତିମ ଦିବସରେ ମ୍ୟାଚ୍ ଡ୍ର ରଖିବା ଓଡ଼ିଶା ପାଇଁ କଷ୍ଟକର।

### ସତ୍ୟବ୍ରତ ସ୍ମାରକୀ ଫୁଟବଲ ଆରମ୍ଭ

# ସେମିରେ କଟକର ଫାଓ ଏକାଦଶ

ଭୁବନେଶ୍ୱର,୧୧।୧୨(ସମିସ): କଟକର ଫାଓ ଏକାଦଶ ପ୍ରଥମ ଦଳ ଭାବେ ଚଳିତବର୍ଷର ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ସନ୍‌ରାଇଜ୍ କ୍ଲବ୍ ଓ ଝାରସୁଗୁଡା ଏକାଦଶ ମୁକାବିଲାର ବିଜେତା ସହ ଫାଓ ଏକାଦଶ ସେମିଫାଇନାଲରେ ମୁକାବିଲା କରିବ। ସେହିପରି କିଶୋର କ୍ଲବ୍ ଓ ସମ୍ବଲପୁର ଫୁଟବଲ ଏକାଡେମୀ ମଧ୍ୟରେ ଆଜି ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍‌ର ବିଜେତା ଓ ଆସନ୍ତାକାଲି ଖେଳାଯିବାକୁ ଥିବା ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ ଓ କଟକର ମଙ୍ଗଳା କ୍ଲବ୍ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ଅନ୍ୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

କ୍ଲବ୍-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ୮ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜୟନାରାୟଣ ମିଶ୍ର, ସମୀର ମହାନ୍ତି, ଆୟୋଜକ କ୍ଲବ୍‌ର ସଭାପତି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଆଜିର ପ୍ରଥମ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ୍‌କୁ ୨-୦ ଗୋଲରେ ପରାସ୍ତ କରି ପ୍ରଥମଥର ଅଂଶଗ୍ରହଣ କରିଥିବା ଫାଓ ଏକାଦଶ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅରବିନ୍ଦ ଲାକ୍ରା ଓ ହରିଶଙ୍କର ନାୟକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ହରିଶଙ୍କର ନାୟକଙ୍କୁ ଅତିଥି ପ୍ରଦ୍ୟୁମ୍ନ ପାଢ଼ୀ ପୁରସ୍କାର ପ୍ରଦାନ କରିଥିଲେ।




ଓଡ଼ିଶା ମାଷ୍ଟର୍ସ ୨୦୨୫

# କ୍ୱାର୍ଟର ଫାଇନାଲରେ ଉନ୍ନତି, ଥରୁନ୍

କଟକ,୧୧।୧୨(ସମିସ): ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଓଡ଼ିଶା ମାଷ୍ଟର୍ସ-୨୦୨୫ରେ ଗୁରୁବାର ପ୍ରିକ୍ୱାର୍ଟର ଫାଇନାଲ ରାଉଣ୍ଡର ସମସ୍ତ ମ୍ୟାଚ୍ ଖେଳାଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଟପସିଡ ଭାରତୀୟ ଖେଳାଳି ଉନ୍ନତି ହୁଡା ୨୧-୭,୨୧-୧୪ ଗେମରେ ଥାଇଲାଣ୍ଡ ଖେଳାଳି ତୀଦାପ୍ରନ କ୍ଲୀବାଇସୁନଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ କରିଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ ତନଭି ଶର୍ମା, ପଞ୍ଚମ ସିଡ ଅନୁପମା ଉପାଧ୍ୟାୟ ଓ ଷଷ୍ଠ ସିଡ ଅନମୋଲ ଖର୍ବ। ପୁରୁଷ ବିଭାଗ ସିଙ୍ଗଲ୍ସରେ ଟପ ସିଡ ଥରୁନ ମାନେପଲ୍ଲୀ ୨୧-୧୬,୧୨-୨୧ ଓ ୨୧-୧୧ରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଗୋବିନ୍ଦ କ୍ରୀଷ୍ଣାଙ୍କୁ ହରାଇ କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ସେହିପରି ଗତ ସଂସ୍କରଣ ଚାମ୍ପିଅନ ତଥା ଅଷ୍ଟମ ସିଡ ସତୀଶ କୁମାର, ଦ୍ୱିତୀୟ ସିଡ କିରଣ ଜର୍ଜ ଏବଂ ସପ୍ତମ ସିଡ ଶଙ୍କର ସୁବ୍ରମଣ୍ୟମ ରାଉଣ୍ଡ-୮କୁ ଉନ୍ନୀତ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଅନୁଷ୍ଠିତ ପ୍ରିକ୍ୱାର୍ଟର ରାଉଣ୍ଡରେ ବୁଲଗେରିଆ ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫନିନୀ ଷ୍ଟୋଭା, ଭାରତର ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ଯୋଡ଼ି, ଷଷ୍ଠ ସିଡ କବିପ୍ରିୟା ସେଲବମ ଓ ସିମରନ ସିଂଘି, ଇଣ୍ଡୋନେସିଆ ଯୋଡି ଶିତି ସରହ ଆଜହାର ଏବଂ ଦିତ୍ୟା ରାମଧାନୀ ଯୋଡ଼ି ବିଜୟୀ ହୋଇଛନ୍ତି।

ଆଜି ପ୍ରତିଯୋଗିତାର ୩ୟ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ପ୍ରକାଶ ସେଠୀ, କ୍ରୀଡା ନିର୍ଦ୍ଦେଶକ ଡଃ ବିଜୟ ୟେଦୁଲ୍ଲା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ, କଟକ ମହାନଗର ନିଗମର କମିଶନର କିରଣ ଦୀପ କୌର ସହୋତା ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS